ଉପେନ୍ଦ୍ର ଆଚାର୍ଯ୍ୟ

ନଣନ୍ଦିକି

Digitized by srujanika@gmail.com

ନବଜାତକ

ଉମେଶଚନ୍ଦ୍ର ପାଣିଗ୍ରାହୀ

ଏନ୍ତୁଭଞ୍ଜା ପୁସ୍ତକ ଭଣ୍ଡାର

Digitized by srujanika@gmail.com

ପ୍ରଥମ ସଂସ୍କରଣ, ୧୦୦୦
ଅଗଷ୍ଟ, ୧୯୫୭

★

ପ୍ରକାଶକ
ରାଷ୍ଟ୍ରଭାଷା ପୁସ୍ତକ ଭଣ୍ଡାର
ବାଙ୍କାବଜାର
କଟକ-୨

★

ମୁଦ୍ରାକର
ଶ୍ରୀ ଅନସୂୟା ପ୍ରସାଦ ପାଠକ
ରାଷ୍ଟ୍ରଭାଷା ସମବାୟ ପ୍ରେସ
କଟକ-୧

ମୂଲ୍ୟ ଏକ ଟଙ୍କା

Digitized by srujanika@gmail.com

ଉତ୍ସର୍ଗ

ଓଡ଼ିଶାର ଅପ୍ରତିଦ୍ୱନ୍ଦୀ ଜନନାୟକ

ଡକ୍ଟର ଶ୍ରୀ ହରେକୃଷ୍ଣ ମହତାବଙ୍କୁ

ଗଭୀର ଶ୍ରଦ୍ଧାସହ ।

Digitized by srujanika@gmail.com

"ବହୁ ଦିନ ଧ'ରେ ବହୁ କ୍ରୋଶ ଦୂରେ
ବହୁ ବ୍ୟୟ କରି ବହୁ ଦେଶ ଘୁରେ
ଦେଖିତେ ଗିୟେଛି ପର୍ବତମାଲା,
ଦେଖିତେ ଗିୟେଛି ସିନ୍ଧୁ ।

ଦେଖାହୟ ନାଇ ଚକ୍ଷୁ ମେଲିୟା
ଘର ହତେ ଶୁଧୁ ଦୁଇ ପା ଫେଲିୟା
ଏକଟି ଧାନେର ଶିଷେର ଉପରେ
ଏକଟି ଶିଶିର ବିନ୍ଦୁ ।—"

—ରବୀନ୍ଦ୍ରନାଥ

Digitized by srujanika@gmail.com

ଲେଖକର କଥା

ଯାଯାବର ଜୀବନରେ ବେଳେ ବେଳେ ଏକ ଅଦ୍ଭୁତ ଭାବ ଆସେ ମନରେ । ଦିନର ଦୀର୍ଘ ନିରବଚ୍ଛିନ୍ନ ଯାତ୍ରା ପରେ ସନ୍ଧ୍ୟାରେ ଯେତେବେଳେ ଅବକାଶ ମୁହୂର୍ତ୍ତ ଆସେ—ଶୁଷ୍କ ନଦୀତୀରର ନିର୍ଜନ ବଙ୍ଗଳାର ବରନ୍ଦାରେ ବସି ସେଇ ମୁହୂର୍ତ୍ତଟି ଉପଭୋଗ କରେ ସତ, କିନ୍ତୁ ବେଳେବେଳେ ସେ ମନ ଭିତରେ ଏକ ବ୍ୟଥାର ଢେଉ ତୋଳିଯାଏ । ସେତେବେଳେ ଦୂର ବିଦେଶରୁ ଆତ୍ମୀୟ ସ୍ୱଜନଙ୍କ ପାଇଁ ଯେପରି ଭାବରେ ପ୍ରାଣ ଆକୁଳିତ ହୁଏ—ତା' ଖୁବ୍ କମ୍ ଲୋକେ କଳ୍ପନା କରି ପାରିବେ । ସେ ଏକ କରୁଣ ବ୍ୟଥାମୟ ଅନୁଭୂତି !

ସେଇ ମୁହୂର୍ତ୍ତ ଗୁଡ଼ିକୁ ସ୍ୱଚ୍ଛନ୍ଦ ଜୀବନର ଧାରା ସହ ଛନ୍ଦୋବଦ୍ଧ କରିବା ପାଇଁ ହୁଏ ସେତୁବନ୍ଧର ପ୍ରୟୋଜନ । ଏଇ ଗଳ୍ପ ଗୁଡ଼ିକ ସେଇ ସେତୁବନ୍ଧର ଏକାଂଶ ।

ଏଇ ଗଳ୍ପ ଗୁଡ଼ିକ ଉପରେ କେତେକ ଜ୍ଞାତ, କେତେକ ଅଜ୍ଞାତ ମହାନ୍ କଳାକାରଙ୍କ ପ୍ରଭାବ ପଡ଼ିଛି ନିଶ୍ଚୟ—ସବୁ ଦିନପରି ସେମାନଙ୍କ ନିକଟରେ ମୁଁ ନତମସ୍ତକ !

Digitized by srujanika@gmail.com

ପରିଶେଷରେ ମୋର ପାଠକମାନେ, ଯେଉଁମାନେ ମୋତେ ତାଙ୍କର ଅମୂଲ୍ୟ ସ୍ନେହ ଦେଇ ଚିରଦିନ କୃତାର୍ଥ କରିଛନ୍ତି—'ନବଜାତକ' ଯଦି ସେମାନଙ୍କ ଦ୍ୱାରା ଆଦୃତ ହୁଏ, ତା'ହେଲେ ସେଇ ହେବ ମୋର ସାର୍ଥକ ଆନନ୍ଦ ।

ବଜସ୍ବ ବାହୁଡ଼ା
(ବେଜ୍‌ୱାଡ଼ା) **ଉମେଶ ପାଣିଗ୍ରାହୀ**
ଫେବୃୟାରୀ ୧୮, ୧୯୫୭

Digitized by srujanika@gmail.com

★★★★★★★★★★★★★★★★★★★★★★★କଳଘରର ସ୍ୱପ୍ନ

ସ୍ପିନିଂ କଳଟା ଆଗରେ ଠାଡ଼ା ପହରା ଦେଇ ତନ୍ମୟ ହୋଇ କାମ କରିଯାଏ ଗୋବିନ୍ଦ ପଧାନ ।

ଚଟକଳର ସ୍ପିନିଂ କଳ—ଲମ୍ବାରେ ଶହେ ହାତ ଖଣ୍ଡେ ହେବ । ତାରି ଆଗରେ ଆଠ ଘଣ୍ଟା କାଳ ଦଣ୍ଡେ ପହରା ହୋଇ ଏ ମୁଣ୍ଡରୁ ସେ ମୁଣ୍ଡ, ସେ ମୁଣ୍ଡରୁ ଏ ମୁଣ୍ଡ ଧାଉଁଡ଼ ମାରି କାମ କରିବାକୁ ହୁଏ । ବଇଶାଖିଆ ଖରାରେ ମୁଣ୍ଡ ଉପର ଟିଣ ଛାତରୁ ନିଆଁ ହୁଲା ଖସେ, ପବନଟା କାଚ ଝରକାରେ ପିଟିହୋଇ ମଚ୍ଛେଇ ଯାଏ । ଶହ ଶହ କଳର ଆର୍ତ୍ତନାଦରେ କମ୍ପି ଉଠେ ଚୂନ ସିମେଣ୍ଟର ମେଜିଆଟା । ତାରି ଭିତରେ କପାଳର ଝାଳ କପାଳରେ ମାରି କାମ କରିଯାଏ ଗୋବିନ୍ଦ ପଧାନ ।

ଚରଣପଞ୍ଜୀର ଓଡ଼ିଶାର ଗଜରାଜପୁରରୁ ବଙ୍ଗଳାର ଘୁଷୁଡ଼ି ଚଟକଳକୁ ପଧାନ ପୁଅର ପ୍ରମୋଶନ୍ ।

ଚେତନ ଆଉ ଅବଚେତନ ମନର ଦୁଇଟି ସମାନ୍ତରାଳ ରେଖା—ତାରି ଉଭୟ କୂଳକୁ ଛୁଇଁ ଛୁଇଁ ସେ କେବଳ କାମ କରିଯାଏ ତନ୍ମୟ ହୋଇ ।

ଦୂରରେ ଦଇଆ ସର୍ଦ୍ଦାର ତାର ପଟିଳି ପଶିଳି ଆଖି ଭିତରୁ ଜଳଜଳ କରି ଚାହେଁ, ଶିକାର ସାପପରି । ବେଳେ ବେଳେ ସ୍ପିନିଂମାଷ୍ଟର

Digitized by srujanika@gmail.com

ଢୋଗା ମସକାଇ ଘରଟା ଭିତରେ ପଇଁତରା ମାରି ଯାଆନ୍ତି—ମୁହଁଟାକୁ ସୁଧଖୋର କାବୁଲି ଭଳି ଭୁରୁକୁଣ୍ଡା କରି । ଗୋବିନ୍ଦାର କେଉଁ ଆଡ଼କୁ ଦେଖିଲେ ଲକ୍ଷ୍ୟ ନ ଥାଏ । ସେ ଅଭ୍ୟସ୍ତ ହାତରେ କାମ କରିଯାଏ । ରିଲ୍ ପୂରି ଗଲେ ତାକୁ ଖସାଇ ନେଇ ପୁଣି ନୂଆ ରିଲ୍ ଖଞ୍ଜିଦିଏ । ସୂତା ଛିଡ଼ିଗଲେ ପୁଣି ତାକୁ ଯୋଡ଼ିଦିଏ । ଯାନ୍ତ୍ରିକ ନିୟମାନୁବର୍ତ୍ତିତାରେ ସେ କାମ କରିଯାଏ—ଆଉ ମନଟା ମଧ୍ୟ ତାର ସ୍ପିନିଂ କଳ ଭଳି କେତେ ମାୟାଜାଲର ସୂତା କାଟିଯାଏ ।

ସ୍ୱପ୍ନ ! ହଁ, ଛିଡ଼ା ହୋଇ ସ୍ୱପ୍ନ ଦେଖେ ଗୋବିନ୍ଦ ପଧାନ । ମନର ଆକାଶରେ ତା'ର କେତେ ନିଷ୍ଫଳ ଆଶା ଆଉ ବିଫଳତାର ବ୍ୟଥା ସବୁ ଗୋଟି ଗୋଟି କରି ଜମାଟ ବାନ୍ଧି ଆସେ—ଭବିଷ୍ୟତର ଇନ୍ଦ୍ରଧନୁର ରୂପ ନେଇ । ଆପଣାର ଚରମ ଅକ୍ଷମତାରେ ମଧ୍ୟ ଅଜ୍ଞାତର କଳ୍ପିତ ପ୍ରିୟାକୁ ଧରି ବସା ବାନ୍ଧିବାକୁ ତାକୁ ବଡ଼ ଆନନ୍ଦ ଲାଗେ—କି ସେ ବେଦନା ମଧୁର ଆନନ୍ଦ !

ବ'ରବାଟି ଲଟାରୀରେ ଫାଷ୍ଟ ପ୍ରାଇଜ୍‌ଟା ପାଇ ଯାଇଛି ଗୋବିନ୍ଦ ପଧାନ । ଖୋଦା ଏଥର ଛପର ଫାଡ଼ି ଦିହାତରେ ଦେଇଛନ୍ତି । ଦଶ କୋଡ଼ି, ପନ୍ଦର କୋଡ଼ି—ଉହୁଁ, ଗଣି ହେବ ନାହିଁ—ଏକାଥରକେ ପନ୍ଦର ହଜାର । ପଧାନ ନୂଆ ଘର ତୋଳିଛି । ଘର ଆଗରେ ପୋଖରୀ ଖୋଳାଇ ହୁଡ଼ା ଭିତରପଟେ ନଡ଼ିଆଗଛ ପୋତିଛି । ତିନୋଟି ବଡ଼ ବଡ଼ କୋଠରୀ, ବଡ଼ିଟି ଷ୍ଟେଟ । ଦଇଆ ସର୍ଦ୍ଦାର ଘରଭଳି ତିନୋଟିଯାକ ବଡ଼

Digitized by srujanika@gmail.com

କୋଠଘର ଫଟେଗ୍ରାଫ୍ ଟିଣର, ଆଉ ଦୁଇଟି ଗୁଳଘର । ନାଃ, ସବୁଯାକ ଟିଣ କରିଦେବ ସେ—ଗୁଳ ଘରରେ ବଡ ହଇରାଣ, ବର୍ଷକୁ ବର୍ଷ କିଏ ଏତେ ଗୁଡ଼ଉଥିବ ! ତା'ଠାରୁ ଦି'ପଇସା ବେଶି ଖର୍ଚ୍ଚ କରି କାମ କଲେ ତ ଭଲ—ଆଉ ବଞ୍ଚିଥିବା ଯାକେ ଚିନ୍ତା କରିବାକୁ ପଡ଼ିବ ନାହିଁ । ସେ ଗୋବିନ୍ଦ ପଧାନ, ସେ କାହିଁକି ଦଇଆ ସର୍ଦ୍ଦାର ଭଳି କପିଟା ହେବ !

ଦେଢ଼ ଥିଲି ଥିଲି ଦିଓଟି ବଳଦ ବି କିଣିଛି, ଗୋଟିଏ ଦୁଧିଆଳ ଗାଈ—ସକାଳୁ ସଞ୍ଜେ ଦି ସେର ଦୁଧଦିଏ । ଆଉ ଅନାଦି ଗଉଡ଼ର ପାଣିମିଶା ଦୁଧ ଗୋବିନ୍ଦ ତଣ୍ଟିରେ ଗଳେ ନାହିଁ ।

ରମା—ଦଇଆ ସର୍ଦ୍ଦାରର ଝିଅ । ତା'ର ପିଲା ଦିନର ଖେଳ ସାଙ୍ଗ ସେଇ 'ରାମୀ'କୁ ସେ ଯେଉଁଦିନ ବାହା ହୋଇ ଘରକୁ ନେଇ ଆସିଲା—ସେଦିନ କଥା ସେ ଭୁଲିପାରେ ନାହିଁ । ଆଜି ମଧ୍ୟ ସେ ଛବି ଜଳ ଜଳ କରି ତା' ଆଖି ଆଗରେ ନାଚଉଠେ । କିଏ ଜାଣିଥିଲା ଯେ ଝିମିଟି ଖେଳରୁ ମହାଭାରତ ଉପୁଜିବ !—ପିଲା ଦିନରେ ଯାହା ସାଙ୍ଗରେ 'ବର-କନିଆ' ଖେଳ ଖେଳୁଥିଲା, ଯାହାର ବର ହେବା ପାଇଁ ତଳ ସାଇର ସାଧବାଟା ସାଙ୍ଗରେ କଳିକଜିଆ, ବାଡ଼ିଆ ପିଟାପିଟି ପଯ୍ୟନ୍ତେ ଯାଇଛି—ସେଇ ରାମୀ ଦିନେ ସତକୁ ସତ ତାରି ଘରକୁ ବୋହୂ ହୋଇ ଆସିବ ! ପୁଣି ଯିମିତି ସିମିତି ବୋହୂ ନୁହେଁ, ରବିବର୍ମାର ପଟ ଛବି ଭଳି ଘର ଉଜଳିଆ ବୋହୂ ।

ଗୋବିନ୍ଦା ଶହେ ଟଙ୍କା ଖରଚ କରି କନିଆ ପକ୍ଷକୁ ଭୋଜି ଭାତ ଦେବ ଶୁଣି ଦଇଆ ସର୍ଦ୍ଦାର ତ ପ୍ରଥମେ ହାଙ୍କି ଦେଇଥିଲା;-"

Digitized by srujanika@gmail.com

"ଦେଖ୍ ଗୋବନ୍ଦା, ଶହେ ଟଙ୍କା ମୋ ସର୍ଦ୍ଦାର ପାଖରେ ଗ୍ଭ-ଅବକାଶ ଦୋକାନକୁ ନଅଁଟ । ଚଳ ସାଇର ସାଧବା ହେଇପା ଦେଢ଼ଶହ ଟଙ୍କା ମୋ ପାଦତଳେ ଥୋଇ ଜୁହାର କରୁଥିଲ, ତାକୁ ତ ନାହିଁ କରଦେଲ !"

ଗୋବନ୍ଦ ପ୍ରତିବାଦ କର କହୁଥିଲ— "ସାଧବା କଥା କହନା ସର୍ଦ୍ଦାର । ବଡ଼ବଜାରରେ ଦନଟା ଯାକ ଠେଲ ଟାଣି ଟାଣି ତ ତାର ଦନ ଯାଏ—ଆଉ ରାତିରେ ଫୁଲବାଗନାରେ ଯାଇ ଆଖଡ଼ା ଜମାଏ । ଏ ସବୁ ଜାଣି ଶୁଣି ବ—"

ଦଇଆ ସର୍ଦ୍ଦାର ଖେଙ୍କାଶ ଉଠିଥିଲ— "ହେଲ୍ ତ କଣ ହେଲ୍ । ଆଜକାଲିତ ତମ ଇସ୍କୁଲ ପିଲ ଆସି ଠେଲ ମୁଣ୍ଡି ଧଇଲେଣି । ଆଉ ତାର ମରଦ ପଣିଆ ଅଛି ବୋଲିତ କୁଆଡ଼େ ହେଲେ ଯାଏ । ମୋ ରମା ତା' ଘରକୁ ଗଲେ କଣ ଏ ସବୁ ରହିବ ! ତୁ ଯଦ ଦୁଇଶ' ଟଙ୍କା ଥୋଇ ପାରବୁ ଥୋ— ନହେଲେ ବାଟ ଦେଖ୍ ।"

ଗୋବନ୍ଦ ତାର ମୁହଁ ଉପରେ ନୂଆ ନୂଆ ସିଂହଚକ ମାର୍କା ଦଶଟଙ୍କିଆ ନୋଟ କୋଡ଼ିଏଟା ଫୋପାଡ଼ ଦେଇ ଗ୍ଭଲ ଆସିଲ । କାଲିକ ସେଇ ପୁଣି ତାର ଶଶୁର ହେବ ଜାଣି ଟିକଏ ବୋଲି ଖାତିର କଲ୍ ନାହିଁ । ଦଇଆ ସର୍ଦ୍ଦାର ତ ଉପରକୁ ଆଁ କର ଗ୍ଭହିଁ ରହିଲ । ଏଇ କାଲିକା ଟୋକା ଗୋବନ୍ଦା, ଏଡ଼େ ତା'ର ତେଜ ! ହଠାତ୍ ଗୁଡ଼ାଏ ଟଙ୍କା ପାଇଛି ବୋଲି ତଚ୍ଛନଚ୍ଛ କର ପକାଉଛି— ମୋ ରମା ଗଲେ ହାତ ମୁଠାରେ ରଖିଦେବ ଯେ !

ମଧୁଶଯ୍ୟା ରାତି କଥାତ ଜୀବନରେ ଭୁଲିବାର ନୁହେଁ । ଗୋବନ୍ଦା କହୁଥିଲ, "ରମା, ଶୁଣୀରେ ! ଆଜଠାରୁ ଏଇ ଘର

Digitized by srujanika@gmail.com

ଦୁଆର, ବାଡ଼ ବଗିଚା, ଗାଈ ବଳଦ, ଟଙ୍କା କଉଡ଼ି ସବୁ ତୋର । ଆଉ ମୁଁ ତ ତୋ କଣା ନଉକର !" ରମା ଜବାବ ଦେଇ ନଥିଲା—କେବଳ ଆଖି କୋଣରେ ଟିକିଏ ହସି ତାର ଛାତି ଭିତରେ ମୁହଁ ଲୁଚାଇ କହିଥିଲା—"ଯାଃ!" ଏତିକିରେ ଗୋବିନ୍ଦ ପଧାନର ଛାତି କୁଣ୍ଢେ ମୋଟ ଫୁଲି ଉଠିଥିଲା ।

ସାଧବା ବହୁଘଟା ପାଇଁ ବେଳେବେଳେ ତାର ଭାରି ଦୁଃଖ ହୁଏ । କେତେ ଆଶା କରିଥିଲା ସେ ରମାକୁ ପାଇବା ପାଇଁ । ଆହା , ନସିବ ହୋଇଗଲା ।

ସେ ଦିନ ଯେତେବେଳେ ଗାଁ ଜମିଦାର ଘରକୁ ବାକିଆ ଖଜଣାଟା ଦେବାପାଇଁ ଯାଇଥିଲା, ବାବୁ ନିଜେ ବେଞ୍ଚ୍‌ଟା ଦେଖାଇ ଦେଇ କହିଥିଲେ—"ବସ ପଧାନେ,ବସ ।" ଘରକୁ ଫେରି ଆସି ଗଦଗଦ ହୋଇ ସେ ରମା ଆଗରେ କହି ଯାଇଥିଲା, " ଜାଣିଲୁ ରମୀ, ଆଜିଠାରୁ ମୁଁ ଜଣେ ଗାଁ ମାତବର ହୋଇ-ଗଲିରେ ।" ରମା ପାଖକୁ ଲାଗି ଆସି ଅଳି କରିଥିଲା—"ତାହେଲେ ମୋ ଅଣ୍ଟାକୁ ଗୋଟେ ବିଛା ଗଢାଇ ଦିଅ । ଗାଁ ମାତବର ବୋହୂ ହୋଇ ବି ମୋ ଅଣ୍ଟାଟା କଣ ସେମିତି ଖାଲି ପଡିଥିବ ? ତୁମକୁ ସୁନ୍ଦର ଦିଶୁଚି ନା !" ଗୋବିନ୍ଦା ହସି ଉଠିଥିଲା— " ହେବ, ହେବ—ସବୁ ହେବ । କାଲି ସକାଳୁ ରେଲରେ କଟକ ଯାଇ ବଢ଼ିଆ ବିଛାଟାଏ ନେଇ ଆସିବି ।"

ସେଦିନ ରମା ମୁହଁ ଶୁଖାଇ ଭାରି ଆବ୍‌ଦାର କଲା— " ଦିନଟା ଯାକ ଖାଲି କାମ ଆଉ କାମ । ଦେହ ପା' ଯିବ କଚ୍ଛି ହୁଏ, ସେତେବେଳେ ପୁଣି କଣ ହେବ ଶୁଣେ ! "

Digitized by srujanika@gmail.com

" କଣଟା ଆଜ ହେବ, ତୁ ତ ଅଛୁ ମୋର । ତୋର ହାତ ବାଜଲେ ମୋର ଟେଗ କଇଗ୍ରାଗ ସବୁ ଗ୍ରୁଡ଼ିଯିବରେ"—ଗୋବନ୍ଦା ହସି ହସି ଜବାବ ଦେଇଥିଲା ।

ଆଉଦନେ ରମା ତାର ଫୁଲ ପାଡ଼୍ ଶାଢ଼ୀ ଖଣ୍ଡିକ ଘର ସାମନା ପୋଖରୀ ହୁଡ଼ାରେ ଶୁଖାଇ ଦେଇଥିଲା, ଆଣିବାକୁ ଭୁଲ ଯାଇଥାଏ । ଗ୍ରତ୍ତିରେ ହଠାତ୍ ମନେ ପଡ଼ିବାରୁ ଗୋବନ୍ଦକୁ କେତେ ନେହୁରା ହୋଇଥିଲା—" ତମ ଗୋଡ଼ତଳେ ପଡ଼ୁଛି, ଆସନା, ନୂଆ ଶାଢ଼ୀଟା ଯେ ଚୋର ନେଇଯିବ । "

" ତୁ ଯା' ନା— ନେଇ ଆସିବୁ । " ଗୋବନ୍ଦା ବଛଣାଟା ଉପରେ ଆହୁରି ଯାକଯୁକ ହୋଇ ଶୋଇ ପଡ଼ିଲା ।

" ଏକା ଯେ ମୋତେ ଡର ମାଡ଼ୁଛି, ଆସ ନା ଟିକଏ । " କହି ରମା ହାତ ଧରି ଟାଣିଲା ।

" ଉଃ; ମୁଁ ପାରିବି ନାହିଁ— ମୋତେ ଭାରି ନିଦ ମାଡ଼ିଲାଣି—" କହି ଗୋବନ୍ଦ କପଟ କରି ଘୁଙ୍ଗୁଡ଼ି ମାରିଲା । ରମା ଆଉ କରିବ କଣ, ଏକା ଗଲା । ତାର ଏତେ ସୁନ୍ଦରିଆ ସଉକନିଆ ଶାଢ଼ୀ ଖଣ୍ଡିକ—ଗୋବନ୍ଦ କହେ, ତାକୁ ପିନ୍ଧିଲେ ସେ ଗୋଟାଏ ରାଜାର ରାଣୀ ପରି ଦିଶେ ! ରମା ଦୁଆର ଖୋଲି ବାହାରି ଯିବା ସଙ୍ଗେ ସଙ୍ଗେ ଗୋବନ୍ଦା ବି ଥିରି ଥିରି ହୋଇ ଉଠି ପଡ଼ିଲା ଆଉ ଦୁଆର ଆଗର ନୂଆ ଆମ୍ବଗଛଟାର ଗ୍ରୁଇରେ ଯାଇ ଲୁଚି ରହିଲା ।

ଡରି ଡରି ରମା ଶାଢ଼ୀଟା ଧରି ଫେରି ଆସୁଛି । ଗଛ ପାଖକୁ ପହଞ୍ଚିଲା କ୍ଷଣି ଗୋବନ୍ଦା ବିକଟାଳ ସ୍ୱରରେ କହିଲା— " ହୁଁ ହାଁ ପେଦ୍ଧୁ , ଧଇଲି—ଧଇଲି ଖାଇଲି କଞ୍ଚା । "

Digitized by srujanika@gmail.com

" ବୋଉଲୋ ! " ବୋଲି ଚତ୍କାର କରି ରମା ପଡ଼ି ଯାଉଛି ଦେଖି ଗୋବିନ୍ଦା ଧାଇଁ ଯାଇ ତାକୁ ଧରି ପକାଇଲା । —"ଡର୍ ନାହିଁ, ଡର୍ନାହିଁ—ମୁଁ ମୋର ସ୍ୱାମୀ"— କହି ତାକୁ ଛାତି ଭିତରେ ଭିଡ଼ି ଧରିଲା । ତାର ମୁକୁଳା ଛାତିର ଉଷୁମ ଆଉ ଦୁକୁଦୁକ ଗୋବିନ୍ଦା ଆତୁର ନିବିଡ଼ କରି ଅନୁଭବ କରୁଥିଲା ।

'ଉଃ ! '—

ବାସ୍ତବର ନିଷ୍ଠୁର ଆଘାତରେ କଳ୍ପନାର ଜାଲ ତାର ଛିନ୍ନ ହୋଇଯାଏ । ଅନ୍ୟମନସ୍କ ହୋଇ ଛୁଣ୍ଡା ଖିଅଟା ଯୋଡ଼ି ଦେଉ ଦେଉ ଅସାବଧାନରେ ବାଁ ହାତର ବଳି ଆଙ୍ଗୁଳିଟା କଳ ଭିତରକୁ ଗଲା ଯାଇ ନଖ ଅଗଟା କଟି ଯାଇଛି । ଟପ୍ ଟପ୍ ହୋଇ ରକ୍ତ ଝରି ପଡ଼ୁଛି !

ଛାତିଫଟା ଦୀର୍ଘଶ୍ୱାସର ଅଳସ ଢେଉ ସ୍ପିନିଂ କଳର ରିଲ୍ ଗୁଡ଼ାକୁ ଆତୁରି ଜୋରରେ ଥରାଇ ଦେଇ ଚାଲି ଯାଏ ସେଇ ଦୁର୍ଲଭ ପ୍ରିୟା ରମା ଉଦ୍ଦେଶ୍ୟରେ ।

ନା, ଏ ଝୋଟଯାକ ବେଶିକରି ପଚି ଯାଇଛି । ଏ ରିଲ୍କୁ ଖଞ୍ଜିଲା ବେଳକୁ ସେ ରିଲ୍ ଛିଣ୍ଡୁଛି । କଣ କରିବ ସେ ! ଦାଇଆ ସର୍ଦ୍ଦାର କଣ ବୁଝିବ ? ଓଲଟି ଲେବର ସାଇବ ପାଖରେ ଖଚି କହିବ—" ନାହିଁ ଆଜ୍ଞା, ସେଟା ଇଉନିଅନରେ ମିଶିଲା

Digitized by srujanika@gmail.com

ଦିନଠୁ କାମରେ ଢିଲ୍ କରୁଛି । ଝୋଟ କାହିଁକ ପଶୁ ହୁଅନ୍ତା—କାଟି ନଜାଣି ଛୁରୀର ଦୋଷ !” ଏଣେ ଗାଁରୁ ଚିଠି ଆସିଛି , ମାସ-ଶେଷକୁ ଟଙ୍କା ନପଠାଇଲେ ଏଇ ବର୍ଷାରେ ଘର ଖଣ୍ଡିକ ଖସି ପଡ଼ିବ ।

ଦି’ଗୁଣ ଉତ୍ସାହରେ ପୁଣି ଧାଉଁଛି ମାରେ ଗୋବିନ୍ଦ ପଧାନ—ସେଇ ଘର୍‌ଘରିଆ ଷ୍ଟିମ୍ କଳଟା ଆଗରେ । ଏ ମୁଣ୍ଡରୁ ସେ ମୁଣ୍ଡ—ସେ ମୁଣ୍ଡରୁ ଏମୁଣ୍ଡ !

ଭାସି ଯାଏ ତାର ପୋଖରୀ, ନୂଆ ଘର, ରମା ଆଉ ସେମାନସ୍ । ଚଟକଳ କୁଲିର ଜୀବନରେ ସ୍ୱପ୍ନ ବିଳାସର ଅବସର କାହିଁ !

ଫାଟା କଳସୀର ଅବଶିଷ୍ଟ ଜଳବିନ୍ଦୁ ପରି ମ୍ଳାନ ଟିକିଏ ହସ ତାର ବ୍ୟଥା ବିକୃତ ଓଠ କୋଣରେ ଫୁଟି ଉଠେ—ଚଟକଳର କୁଲି ବସ୍ତି ପରି ଶିକ୍ତ, କରୁଣ, ଉଦାସ ।

ରାଣୀଗଞ୍ଜ
୧୯୫୩

Digitized by srujanika@gmail.com

*********କଦମ୍ କଦମ୍ ବଢ଼ିଛି ସେ

ଆଜାଦ ହିନ୍ଦ୍ ଫୌଜ ଟାମୁ ଦଖଲ କରି ସାରିଛନ୍ତି । ତିନି ଚାରି ଦିନ ହେଲା ପ୍ରବଳ ଚେଷ୍ଟା ଚାଲିଛି ଇମ୍ଫାଲ ଆଡ଼କୁ ଅଗ୍ରସର ହେବା ପାଇଁ—କେତୋଟି କନ୍‌ଭଏ ଥୋବାଲ୍ ପାଖରେ ପହଞ୍ଚି ଡେରା ଗାଡ଼ିଲେଣି । ମଣିପୁର ନଦୀ ଉପରେ ଗୋଟିଏ ସେତୁ କେବଳ ରହିଛି ବାକି—ସେତିକ ଦଖଲ ହେଲେ ପରାଧୀନ ଭାରତ ମାଟିରେ ପ୍ରଥମ ସ୍ୱାଧୀନତା ବିଜୟର ନିଶାଣ ଉଡ଼ିବ ।

ସେତେବେଳେ ସୁଦ୍ଧା ସିନ୍ଦୁର ଫାଟି ନାହିଁ । ସର୍ଦ୍ଦାର ବଚନ ସିଂହ ଦଳ ଭିତରୁ ଚାରିଜଣ ଜୱାନ୍ ନୀରବରେ ଉଠି ଅନ୍ଧକାର ଭିତରେ ଛପି ଛପି ସେଇ ସେତୁ ଆଡ଼କୁ ଅଗ୍ରସର ହେଲେ । ଶକ୍ତିଶାଳୀ ଶତ୍ରୁ ବ୍ରିଟିଶ ବାହିନୀ ବହୁ ପଛକୁ ହଟି ଚାଲିଥିଲେ ମଧ୍ୟ ସେତୁଟା ଏଯାକେ ତାଙ୍କ ଦଖଲରେ ଅଛି । ସମ୍ମୁଖରେ ଗୋଟିଏ ସାନ ପାହାଡ଼ ଆଉ ତା' ତଳେ ଗୋଟିଏ ଉନ୍ମୁକ୍ତ ପଡ଼ିଆ—ତା'ରି ଭିତରେ ଇତଃସ୍ତତ ପଡ଼ି ରହିଛି ଶତ୍ରୁ ପକ୍ଷର କେଇଟା ପୋଡ଼ା ଟ୍ୟାଙ୍କ ଆଉ ସାଞ୍ଜୁଆ ଗାଡ଼ି । ଗୋଟିଏ ବୋଲି ଗଛର ଆଉ ଚିହ୍ନ ବର୍ତ୍ତିନି ନାହିଁ ସେଠାରେ—ସବୁ ଗୁଳା ବାରୁଦରେ ଛିନ୍ନ ଭିନ୍ନ ହୋଇଯାଇଛି । କେବଳ ଗଣ୍ଡିଟାମାନ ଛିଡ଼ା ହୋଇଛି ପୋଡ଼ା ଖୁଣ୍ଟ ଭଳି,—ଯେପରି କେହିଁ ଏକ ଅଦୃଶ୍ୟ ହାତ ତାର ଧ୍ୱଂସର ସ୍ପର୍ଶ ବୁଲାଇ ଦେଇ ଯାଇଛି ଏଇ ସ୍ଥାନଟିରେ ।

Digitized by srujanika@gmail.com

ଅଭିଯାତ୍ରୀଗଣ ଯେମିତି ପାହାଡ଼ ଅତିକ୍ରମ କରି ସେଇ ପଡ଼ିଆ ଭିତରକୁ ପ୍ରବେଶ କରିଛନ୍ତି, ତାଙ୍କୁଇ ଲକ୍ଷ୍ୟ କରି ସେଠୁର ଅପର ପାର୍ଶ୍ୱରୁ ଆରମ୍ଭ ହେଲା ଗୁଳି ବୃଷ୍ଟି । ପ୍ରାୟ ଅଧଘଣ୍ଟା କାଳ ଏଇ ଷୋଳଟି ପ୍ରାଣୀ ଭୂଇଁ ସାଙ୍ଗରେ ମିଶି ଏକାକାର ହୋଇ ସେଇ ଧ୍ୱଂସର ତାଣ୍ଡବ ଲୀଳା ଭିତରେ ନୀରବ ନିଶ୍ଚଳ ହୋଇ ପଡ଼ି ରହିଲେ । କେତେବେଳ ପରେ ଶତ୍ରୁ ପକ୍ଷର ଗୋଳାବୃଷ୍ଟି ବନ୍ଦ ହେଲା, ଚତୁର୍ଦ୍ଦିଗ ଟିକିଏ ଶାନ୍ତ ପଡ଼ିଲା । ସେତେବେଳେ ଦୁଇଜଣ ଆହତ ଜର୍ମ୍ମାନ୍ ବନ୍ଧୁ କଷ୍ଟରେ ଗୁରୁଣ୍ଡି ଗୁରୁଣ୍ଡି ଫେରି ଆସିଲେ ଆପଣା ଡେରାକୁ ଆଉ ସାଙ୍ଗରେ ଟାଣି ନେଇ ଆସିଲେ ଜଣେ ଅର୍ଦ୍ଧମୃତ ସାଥୀକୁ—ସାଂଘାତିକ ଭାବରେ ଆହତ ସେ । ବାକି ଜଣକର ପ୍ରାଣହୀନ ଦେହ ପଡ଼ି ରହିଲା ସେଇ ପାହାଡ଼ ତଳେ—ନିର୍ଜନ ପ୍ରାନ୍ତରରେ ।

ସର୍ଦ୍ଦାର ବଚନ ସିଂହ ଆପଣା ଇଉନିଫର୍ମ୍ ବୁକ୍ ଖୋଲି ପ୍ରତାପର ପରିଚୟାତ୍ମକ ନାମ ଉପରେ ଗୋଟାଏ ନାଲି ଗାର ଟାଣି ଦେଲା । ଆଜିଠାରୁ ପ୍ରତାପର ନାମ ତାର ଇଉନିଟରୁ ଲୁଚିଗଲା । ପ୍ରତାପର ଇତିହାସ ବି ବିଶେଷ କିଛି ନାହିଁ,—ଜାପାନୀ ବନ୍ଦୀ ଶିବିରରୁ ବାହାରି ଆଜାଦ ହିନ୍ଦ୍ ଫୌଜରେ ଯୋଗ ଦେଇଥିଲା, ଦେଶ ମାତୃକାର ଆହ୍ୱାନରେ । ଆଉ ଆଜି ଥୋବାଲ୍‌ରେ ମଣିପୁରି ନଦୀ କୂଳରେ ହେଲା ତାର ଜୀବନାନ୍ତ—ବଚନ ସିଂହ ନୋଟ କରି ଗୋଟିଏ ଦୀର୍ଘଶ୍ୱାସ ଛାଡ଼ିଲା । କିନ୍ତୁ ପରମୁହୂର୍ତ୍ତରେ ଆଖି ଦୁଇଟି ତାର ଅତ୍ୟଧିକ ଭାବରେ ଉଜ୍ଜ୍ୱଳ ହୋଇ ଉଠିଲା ।

Digitized by srujanika@gmail.com

ଆଜାଦ ହିନ୍ଦ୍ ଫୌଜର ଅତର୍କିତ ଅଭିଯାନରେ ବ୍ରିଟିଶ ବାହିନୀ ଆତଙ୍କିତ ହୋଇ ପଡ଼ିଥିଲେ । ଦିନଟା ଯାକ ସେମାନେ କେବଳ ସେଇ ଜଙ୍ଗଲଭରା ପଡ଼ିଆ ଆଉ ପାହାଡ଼ର ବନ ଭୂମିକୁ ଲକ୍ଷ୍ୟ କରି ଗୋଳା ବର୍ଷଣ କରିଛନ୍ତି । ବେଳେ ବେଳେ ଯୋଦ୍ଧା ବିଶ୍ରାମ ନେବା ପାଇଁ ହୁଏତ ହାତ ବନ୍ଦ ରଖିଛନ୍ତି ।

ବଚନ ସିଂହ ଦଳର ସମସ୍ତଙ୍କୁ ଡାକି ତାର ସେନାପତିଙ୍କ ଆଦେଶ ଜଣାଇ ଦେଲା—କାଲି ଦିନ ଆଲୁଅ ଫୁଟିବା ଆଗରୁ ସେଇ ସେତୁ ପାର ହୋଇ ଇମ୍ଫାଲ ଆଡ଼କୁ ପ୍ରାଣମୂର୍ଚ୍ଛା ଅଗ୍ରସର ହେବାକୁ ପଡ଼ିବ । ଇତିମଧ୍ୟରେ ପ୍ରୀତମର ଦେହଟା ଆଉ କ୍ୟାମ୍ପରେ ଆଣିବାକୁ ଚେଷ୍ଟା କରି ଲାଭ ନାହିଁ । ସେତୁଟା ଦଖଲ କଲା ପରେ ଯାଇ ତାର ଦେହ ସତ୍କାର କରାଯିବ ।

ବ୍ରିଟିଶ ବାହିନୀ ଦିନଟା ଯାକ ସେଇ ପାହାଡ଼ ପଛ ପଟକୁ ଲକ୍ଷ୍ୟ ରଖି ତୋପ ଚଳାଉଛନ୍ତି । ସନ୍ଧ୍ୟାରେ ଆଉ ରାତିର ଘନ ଅନ୍ଧକାରରେ ମଧ୍ୟ ତାଙ୍କର ତୋପ ଗର୍ଜନର ବିରାମ ନାହିଁ ।

ପାହାଡ଼ ତଳକୁ ଲାଗି ସେଇ ଜଙ୍ଗଲଭରା ପଡ଼ିଆ ଖଣ୍ଡିକ ଯେଉଁଠି ଶେଷ ହୋଇଛି, ଠିକ୍ ସେଇଠି—ନଈକୂଳରୁ କିଛି ଦୂରରେ ଗୋଟିଏ ଜୀର୍ଣ୍ଣ ଭଗ୍ନପ୍ରାୟ ସାନ କୋଠା । ତା'ପାଖକୁ ଲାଗି କେତୋଟି ଘରର ଭଙ୍ଗା ଦଉପୋଡ଼ା କାନ୍ଥ ଛିଡ଼ା ହୋଇଛି ଗୋଟିଏ ବିଧ୍ୱସ୍ତ ଗ୍ରାମର ମୂକ ସାକ୍ଷୀ ରୂପେ । ଗାଁ ଲୋକେ ଯୁଦ୍ଧର ବିଭୀଷିକା ଦେଖି ସାତଦିନ ତଳେ ଘରଦ୍ୱାର ଛାଡ଼ି ପଳାଇଛନ୍ତି । ପାଖରେ ଯୁଦ୍ଧ ହେଲା ଦିନୁ ଗୋଟାଏ ପଶୁପକ୍ଷୀବି ଦେଖିବାକୁ ସ୍ୱପ୍ନ । କିନ୍ତୁ ସେଇ ଭଗ୍ନପ୍ରାୟ କୋଠାଟିର ଗୋଟିଏ ଅନ୍ଧକାର

Digitized by srujanika@gmail.com

କୋଠରୀରେ ବର୍ତ୍ତମାନସୁଦ୍ଧା ବଞ୍ଚି ରହିଥିଲେ ଜଣେ ବୃଦ୍ଧା ନାରୀ ମା' ଥିଙ୍ଗ୍—ଯେପରି ଏକ ଅନ୍ଧକାର ମୃତ୍ୟୁ ଗହ୍ୱରରେ ସେ ଅପେକ୍ଷା କରି ରହିଛନ୍ତି ଏକ ଅନାଗତ ମୁହୂର୍ତ୍ତକୁ ।

ମା' ଥିଙ୍ଗ୍‌ଙ୍କ ସ୍ୱାମୀ ଥୋବାଲ୍‌ରେ ବୌଦ୍ଧ ପୁରୋହିତ ଥିଲେ । ଆସାମର ଲୋକ ସେ—ବର୍ମାରେ ବିବାହ କରିଥିଲେ, ସେ ଆଜକୁ କେତେ ବର୍ଷ ତଳର କଥା—ଭାବି ବସିଲେ ମନେପଡ଼ିବା ସହଜ ନୁହେ । ସ୍ୱାମୀଙ୍କ ମୃତ୍ୟୁପରେ ମା'ଥିଙ୍ଗ୍ ଅଚଳ ହୋଇ ପଡ଼ିଲେ । ଗ୍ରାମବାସୀଙ୍କ ସାହଚର୍ଯ୍ୟରେ ଦିନଗୁଡ଼ିକ ତାଙ୍କର ଏକ ପ୍ରକାର କଟି ଯାଉଥିଲା । କିନ୍ତୁ ଗାଁ ଶୂନ୍ୟ ହେଲା ଦିନଠାରୁ ସେ ଆଶ୍ରୟ ନେଇଛନ୍ତି ସବୁଠାରୁ ନିର୍ଜନ ଆଉ ଅନ୍ଧକାର ସେଇ କୋଠରୀରେ ।

ସେଦିନ ଭୋରରୁ ଉଠି ସେ ଝାପ୍‌ସା ଅନ୍ଧାରରେ ସ୍ପଷ୍ଟ ଦେଖିଲେ ଚାରିଜଣ 'ଆଜାଦ ଫୌଜ' ପାହାଡ଼ରୁ ଓହ୍ଲାଇ ନଇଁ ନଇଁ ଗୁପ୍ତାନ୍ୱେଷୀ ପରି ସେଇ ପଡ଼ିଆ ଭିତରେ ଗସ୍ତ କରୁଛନ୍ତି । ଠିକ୍ ସେତିକବେଳେ ନଈ ସେ ପାଖରୁ ବ୍ରିଟିଶ ତୋପ ଗର୍ଜି ଉଠିଲା—ବର୍ଷାର ଧାରାପରି ଗୋଳା ଆସି ପଡ଼ିଲା ଚାରିଆଡ଼େ । ସେ ତାଙ୍କ କୋଠରୀରୁ ବାହାରି ବହୁ କଷ୍ଟରେ କିଛି ଦୂର ଆଗେଇ ଆସିଲେ—ସେମାନଙ୍କୁ ଫେରାଇ ଆଣିବା ପାଇଁ, ତାଙ୍କର ସେଇ ଅନ୍ଧକାର କୋଠରୀ ଭିତରକୁ । ଖୋଲା ପଡ଼ିଆଠାରୁ ଅନ୍ତତଃ ସେଟା ନିରାପଦ ହେବ ନିଶ୍ଚୟ । କିନ୍ତୁ ସେଇ ମୁହୂର୍ତ୍ତରେ ଗୋଟାଏ ଗୋଳା ଆସି ଭୀଷଣ ଗର୍ଜନ କରି ଫାଟିଲା ଠିକ୍ ତାଙ୍କ ପଛ ପାଖରେ ଗୋଟାଏ ବଡ଼ ମାଟି ଢୁଦ ଉପରେ । ବୃଦ୍ଧାଙ୍କର କାନ ଅତଡ଼ା

Digitized by srujanika@gmail.com

ପଡ଼ିଗଲା—ସେ ଯେଉଁଠାଏ ବୁଲି ପଡ଼ିଗଲେ । ତଳର ଗୋଟାଏ ପଥରରେ ମୁଣ୍ଡ ବାଜି ମୁହୂର୍ତ୍ତିକ ଭିତରେ ସେ ଜ୍ଞାନ ହରାଇ ଗଡ଼ିପଡ଼ିଲେ ।

ଚେତନା ଫେରିଲା ପରେ ବୁଢ଼ା ସମ୍ମୁଖକୁ ଚାହିଁ ଦେଖିଲେ—ସେଇ ପଡ଼ିଆ ମଝିରେ ପଡ଼ିଛି କେବଳ ଜଣେ ଆଜାଦ ସୈନିକର ଦେହ । କଡ଼ମାଡ଼ି ସେ ଶୋଇଛି, ଗୋଟିଏ ହାତ ଆଗକୁ ମେଲି ପଡ଼ିଛି ଆଉ ଆର ହାତଟା ମୁଣ୍ଡ ତଳରେ ରହିଛି—ଯେପରି ଶ୍ରାନ୍ତ ସୈନିକଟି ଆରାମରେ ଶୋଇ ପଡ଼ିଛି । ବୁଢ଼ା କେତେଥର ପ୍ରାଣପଣେ ଚିତ୍କାର କରି ଡାକିଲେ ସେଇ ସୁପ୍ତ ସୈନିକଟି ଉଦ୍ଦେଶ୍ୟରେ, କିନ୍ତୁ କୌଣସି ଉତ୍ତର ଆସିଲା ନାହିଁ ।

ନଦୀ ସେ ପାଖରୁ ପୁଣି ତୋପ ଗର୍ଜନ ଶୁଣାଗଲା । ସାନ ପଡ଼ିଆଟା ଉପରେ ଅଜସ୍ର ଧାରାରେ ଆସି ଫାଟୁଥିଲା ଗୋଳାଗୁଳି ଆଉ ତାରି ଆଘାତରେ ବିପର୍ଯ୍ୟସ୍ତ କରିଦେଲା ଗଛର ଅବଶିଷ୍ଟ କେଇଟି ଶାଖା ପ୍ରଶାଖା । କେଉଁଠୁ ଗୋଟାଏ ଭଙ୍ଗା ବାରେକ୍‌ର ଟିଣ ସିଟ୍ କେଇଟା ଗୋଳାର ସେଇ ପ୍ରଚଣ୍ଡ ଆଘାତରେ ଉଡ଼ିଆସି ପଡ଼ିଲା ଶତଚ୍ଛିନ୍ନ ହୋଇ । ତଥାପି ସେଇ ଆଜାଦ ଫଉଜର ସୈନିକଟି ସେଇପରି ମୁଣ୍ଡ ତଳେ ହାତ ରଖି ପଡ଼ି ରହିଲା ମୁକ୍ତ ପ୍ରାନ୍ତରର ବୁକୁ ଉପରେ । ଚାରିଆଡ଼େ ତା'ର ବର୍ଷି ହୋଇ ପଡ଼ିଛି ଖଣ୍ଡ ଖଣ୍ଡ ଭଙ୍ଗା ଲୁହା, ସେଲ୍ ଖୋଳ ଆଉ ଗଛର ହରପୋଡ଼ା ଶାଖା ପ୍ରଶାଖା ।

ବୁଢ଼ା ମା'ଥିଙ୍ଗ୍ ଅପଲକ ଦୃଷ୍ଟିରେ ଚାହିଁ ରହିଲେ ସେଇ ମୃତ ସୈନିକଟିକୁ । ବର୍ମାର ଝିଅ ସେ—କିନ୍ତୁ ବୈବାହିକ ସୂତ୍ରରେ ସେ ଯେ ଭାରତର ନାରୀ ! ସେଇ ଦେଶର ସ୍ୱାଧୀନତା ପଥରେ

Digitized by srujanika@gmail.com

ବଳ ଦେଖ୍ନ କଏ ଏଇ ସୌଭାଗ୍ୟଶାଳୀ ଯୁବକ ! ଆଖିପତା ତାଙ୍କର ଓଦା ହୋଇ ଆସିଲା—ତାଙ୍କର କାନେ କାନେ କଏ ଯେପରି କହିଗଲା, 'ମୋତେ ରକ୍ତଦିଅ, ମୁଁ ସ୍ୱାଧୀନତା ଦେବି !' ...ଏଇ ମୃତ ସୈନିକଟିର ଖବର କାହାକୁ ଦେଇପାରିଲେ ହୁଏନ୍ତା—କିନ୍ତୁ ସଙ୍କଟରେ କେଉଁଠି ହେଲେ ଜନମାନବର ଚିହ୍ନ-ବର୍ଣ୍ଣ ବି ନାହିଁ । ବୃଦ୍ଧା ନିଶ୍ଚଳ ହୋଇ ପଥରମୂର୍ତ୍ତି ଭଳି ବସି ରହିଲେ ବହୁକ୍ଷଣ ଧରି । ତା'ପରେ କ'ଣ ଭାବି ସୈନିକଟି ଉଦ୍ଦେଶ୍ୟରେ ହାତଯୋଡ଼ି ଧୀରେ ଧୀରେ ଫେରି ଆସିଲେ ତାଙ୍କର ସେଇ ସନ୍ଧୃତ ଅନ୍ଧକାର କୋଠରୀ ଭିତରକୁ ।

ସେତେବେଳକୁ ସୂର୍ଯ୍ୟ ପଶ୍ଚିମ ଦିଗରେ ଢଳି ପଡ଼ିଲେଣି । ମା'ଙ୍କ୍ ବହୁ ଖୋଜା ଖୋଜି କରି ଗୋଟିଏ ପୁରୁଣା ଭଙ୍ଗା ବାକ୍ସରୁ କନାର ପୋଟଳିଟିଏ ବାହାର କଲେ । ତାଙ୍କ ବୈଧବ୍ୟର ଏକମାତ୍ର ଚିହ୍ନ କଳା ଲୁଙ୍ଗିଟା ପିନ୍ଧି ପୋଟଳିଟିକୁ ଜାକେଟ ଭିତରେ ଲୁଚାଇ ଅତି ଧୀର ପାଦରେ ବାହାରି ଆସିଲେ ତାଙ୍କର ସେଇ ଅନ୍ଧକାର କୋଠରୀ ଘରୁ ।

ବୟସର ଭାରରେ ନଇଁ ପଡ଼ିଛି ତାଙ୍କର ଜୀର୍ଣ୍ଣ ଦେହ—ନା ଅଛି ତାଙ୍କର ଛିଡ଼ା ହେବାର ଶକ୍ତି, ନା ପାଦ ଚାଲିବାର ସାମର୍ଥ୍ୟ ! ବହୁ କଷ୍ଟରେ ନଇଁ ନଇଁ ଅସଂଲଗ୍ନ ପଦକ୍ଷେପରେ ସେ ଆଗେଇ ଚାଲିଲେ ପୁଣି ସେଇ ପଡ଼ିଆ ଆଡ଼କୁ—ଯେଉଁଠି ପଡ଼ିଛି ପ୍ରବାସୀର ପ୍ରାଣହୀନ ଦେହ । ଆଗରେ ଗୋଟିଏ ଛୋଟ ଖାଲ —ବର୍ଷା ଦିନରେ ପାଣି ସୁଅ ଛୁଟେ । ସେଇ ଟିକକ ଡେଇଁ ସେ ଆଗକୁ ଯାଇ ପାରିଲେ ନାହିଁ । ବୟସର ଭାରରେ ସେତକ ଶକ୍ତି

Digitized by srujanika@gmail.com

ମଧ୍ୟ ତାଙ୍କ ଦେହରେ ଅବଶିଷ୍ଟ ନାହିଁ । ପୁଣି କିଛିଦୂର ପଛକୁ ଫେରି ଖାଲଟାକୁ ବୁଲି ଆସି ଚାଲିଲେ ଆଗକୁ ।

ବ୍ରିଟିଶ ବାହିନୀ ପୁଣି ତୋପରୁ ଗୋଳା ଛାଡ଼ୁଛନ୍ତି ସେଇ ସ୍ଥାନଟିକୁ ଲକ୍ଷ୍ୟକରି । କିନ୍ତୁ ଗୋଟିଏ ବୋଲି ଗୋଳା ବୃଦ୍ଧାଙ୍କ ପାଖରେ ଆସି ପଡ଼ୁନାହିଁ । ବହୁ କଷ୍ଟରେ ଛିଡ଼ା ହୋଇ ହୋଇ ଏଥର ମୃତ ସୈନିକଟି ପାଖରେ ଆସି ଛିଡ଼ା ହେଲେ ସେ । ଅତି କଷ୍ଟରେ ଆଣ୍ଠୁମାଡ଼ି ବସି ଦେହଟାକୁ ସିଧା କରି ଶୁଆଇ ଦେଲେ— ସାଙ୍ଗେ ସାଙ୍ଗେ ତାଙ୍କ ଆଖି ଆଗରେ ପଡ଼ିଲା ପ୍ରବାଉର ସୁନ୍ଦର କିନ୍ତୁ ରକ୍ତଶୂନ୍ୟ ମୁହଁ ଖଣ୍ଡିକ । ଗଭୀର ସ୍ନେହରେ ସେ ତା' ମୁଣ୍ଡ ଉପରେ ଧୀରେ ଧୀରେ ହାତ ବୁଲାଇଲେ । କପାଳର ବିକ୍ଷିପ୍ତ ବାଳ ଗୁଡ଼ିକୁ ସଯତ୍ନରେ ସଜାଡ଼ିଦେଇ କ୍ଷତ ବିକ୍ଷତ ହାତ ଦୁଇଟିକୁ ଟଣାଟଣି କରି କୌଣସି ପ୍ରକାରେ ତାର ଛାତି ଉପରେ ଆଣି ରଖିଲେ । ତା'ପରେ ନୀରବରେ ବସି ରହିଲେ ତା' ପାଖରେ ।

ବ୍ରିଟିଶ ତୋପ ହେଇଟରି ଅଗ୍ନିବର୍ଷଣ କରି ଚାଲିଥାଏ, କିନ୍ତୁ ଆଗଭଳି ଗୋଳାଯାଇ ଫାଟୁଥାଏ ବହୁ ଦୂରରେ । ମା'ଥିଙ୍ଗ୍ ଅବିଚଳିତ ହୋଇ ନିଶ୍ଚଳ ଭାବରେ ବସି ରହିଥାନ୍ତି । ଘଣ୍ଟାପରେ ଘଣ୍ଟା ବିତିଗଲା । ସନ୍ଧ୍ୟା ହୋଇ ଆସିଲା—ଆକାଶରେ ଗୋଟିଏ ଦୁଇଟି ତାରା ଦେଖା ଦେଲେଣି । ଏଣିକି ସବୁ ନୀରବ ନିଶ୍ଚଳ । ଚାରିଆଡ଼େ କେବଳ ଥଣ୍ଡା ପବନର ସୁଅ ଆଉ ଗଭୀର ନିସ୍ତବ୍ଧତା । ଅବଶେଷରେ ସେ ଉଠି ମୃତଦେହଟିକୁ ଛାଡ଼ି ପାଦେ ପାଦେ ହୋଇ କେତେ ପାଦ ଆଗେଇ ଗଲେ—ନିଙ୍ଗକୁଲ ଆଡ଼କୁ । ହଠାତ୍ ତାଙ୍କର ନିଷ୍ପ୍ରଭ ଆଖି ଦୁଇଟି ଅସ୍ୱାଭାବିକ ଭାବରେ ଉଜ୍ଜ୍ୱଳ ହୋଇ ଉଠିଲା—ସେ ମନେ ମନେ ଯାହା

Digitized by srujanika@gmail.com

ଖୋଜୁଥିଲେ ଏତେ ସହଜରେ ତା' ପାଇଗଲେ । ତୋପ ଗୋଳାର ବିସ୍ଫୋରଣରେ ନଈକୂଳକୁ ଲାଗି ଗୋଟିଏ ବଡ଼ ଗାତ ହୋଇ ଯାଇଛି, ଆଉ ତା' ଚାରିପାଖରେ ବାଲିମାଟି ସବୁ ଉଚ୍ଚ ଗଦା ହୋଇଛି ।

ସେଇ ଗାତଟା ପାଖରେ ଆଣ୍ଠୁ ମାଡ଼ି ବସି ମା'ଥିଙ୍ଗ୍ ତାଙ୍କର ଶିଥିଳ ହାତ ସାହାଯ୍ୟରେ ଗାତରେ ଯେତେ ହାଲୁକା ମାଟିଥିଲା ସବୁ ଖୋଳି ବାହାର କଲେ । ବେଳେ ବେଳେ ସେ କ୍ଳାନ୍ତ ହୋଇ ବସି ପଡୁଥିଲେ—ଆଉ ଶ୍ୱାସରୋଗୀ ପରି କିଛିକ୍ଷଣ ଧକେଇ ହେଉଥିଲେ । ଶେଷରେ ଯେତେବେଳେ ଗାତଟା ଆଉ ଟିକିଏ ପରିଷ୍କାର ହୋଇଗଲା, ସେତେବେଳେ ସେ ଧୀରେ ଧୀରେ ଫେରି ଆସିଲେ ମୃତ ସୈନିକଟି ପାଖକୁ । ତାର ହାତ ଦୁଇଟି ଛାତି ଉପରୁ ଉଠାଇ ଦୃଢ଼ ମୁଷ୍ଟିରେ ଧରି ଟାଣି ଟାଣି ଆଗେଇ ନେବାକୁ ଚେଷ୍ଟାକଲେ ପ୍ରାଣପଣେ ।

ଦଶ ପାହୁଣ୍ଡ ଆଗରେ ଗାତଟା—କିନ୍ତୁ ବୟସର ଭାରରେ କୁବ୍ଜ ଦେହ, ଜୀର୍ଣ୍ଣତନୁ, ପାରିଲେ ନାହିଁ ସେ ! ପ୍ରାୟ ତିନି ଚାରି-ଥର ମାଟିରେ ବସି ପଡ଼ି ସେ ବିଶ୍ରାମ ନେଲେ । ଶେଷଥର ପାଇଁ ଚେଷ୍ଟା କରି ବହୁକଷ୍ଟରେ ଗାତଟା ପାଖରେ ପହଞ୍ଚି ଅତି ଯତ୍ନରେ ପ୍ରିୟାରର ଦେହଟାକୁ ଗାତ ଭିତରକୁ ଠେଲି ଦେଲେ । ଏଥର ତାଙ୍କର ଅବଶିଷ୍ଟ ଶକ୍ତି ଟିକକ ନିଃଶେଷ ହୋଇଗଲା । କେତେବେଳ ଯାଏ ସେ ମାଟିଉପରେ ନିସ୍ତେଜ ହୋଇ ବସି ରହିଲେ ।

ଶତ୍ରୁପକ୍ଷ ପୁଣି ଅଗ୍ନିବର୍ଷଣ କରି ଚାଲିଛନ୍ତି । କିନ୍ତୁ ଗୋଳା ଯାଇ ଫାଟୁଛି ବହୁଦୂରରେ ।

Digitized by srujanika@gmail.com

କ୍ଳାନ୍ତଟା କଟିଯିବାରୁ ମା'ଥିଙ୍ଗ୍ ଗାତ ପାଖରେ ନଇଁପଡ଼ି ହାତଯୋଡ଼ି ଉପରକୁ ଅନାଇଁ ନମସ୍କାର କଲେ,—ତା' ପରେ ମୁଣ୍ଡ ନୁଆଁଇ ସେଇ ବୀର ସୈନିକର ମୃତ୍ୟୁ-ଶୀତଳ ଅଧରରେ ଓ କପାଳରେ ଦୁଇଟି କୋମଳ ଚୁମ୍ବନ ରେଖା ଆଙ୍କି ଦେଲେ ।

ଗାତ ପାଖରେ କେବଳ ବାଲିମାଟିର ସ୍ତୂପ—ମୁଠା ମୁଠା କରି ସେଇ ମାଟି ଆଣି ମା'ଥିଙ୍ଗ୍ ଗାତ ଉପରେ ପକାଇଲେ । କିଛିକ୍ଷଣ ଭିତରେ ଗାତଟା ଭରି ଉଠିଲା । କିନ୍ତୁ ସେଥିରେ ମଧ୍ୟ ବୃଦ୍ଧଙ୍କ ମନରେ ଶାନ୍ତି ନାହିଁ—ତା' ଉପରେ ଅନ୍ତତଃ ସମାଧିର ଚିହ୍ନ ରହିବା ତ ଦରକାର ! କିଛିକ୍ଷଣ ବିଶ୍ରାମ ନେଇ ପୁଣି ସେ ଆଞ୍ଜୁଳା ଆଞ୍ଜୁଳା କରି ମାଟି ନେଇ ଭରା ଗାତଟା ଉପରେ ଜମା କଲେ । କେତେବେଳ ଯାଏ ସେ ଅକ୍ଳାନ୍ତ ପରିଶ୍ରମ କରି ତା' ଉପରେ ଗୋଟିଏ ଷ୍ଟୁପଟ କୁଦଭଳି କଲେ । ହଁ, ଏଥର ଠିକ୍ ସମାଧି ଭଳି ଦେଖାଗଲା । ବୃଦ୍ଧାଙ୍କର ଲୋଳ ମୁହଁ ଖଣ୍ଡିକ ଆନନ୍ଦରେ ଉଜ୍ଜଳ ହୋଇ ଉଠିଲା ।

ରାତିର ଅନ୍ଧକାର ଘନ ହୋଇ ଉଠୁଥାଏ । ବ୍ରିଟିଶ ଗୋଳା ଗୁଡ଼ାକ ଫାଟୁଥାଏ ଦୂରରେ,— ବହୁତ ଦୂରରେ ।

ସମାଧି ନିର୍ମାଣ କାମ ଶେଷ କରି ମା'ଥିଙ୍ଗ୍ ତାଙ୍କ ଜାକେଟ୍ ଭିତରୁ ବାହାର କଲେ ସେଇ ପୋଟଳିଟି—ତାକୁ କେତେ ଯତ୍ନରେ ସେ ତାଙ୍କର ସେଇ କଳା କୋଠରୀ ଭିତରୁ ଆଣିଛନ୍ତି । ପୋଟଳିଟି ଖୋଲିଲା ବେଳକୁ ହାତ ତାଙ୍କର ଥରି ଥରି ହୋଇ କମ୍ପି ଉଠୁଥିଲା । ଅତି ସାବଧାନରେ ତାରି ଭିତରୁ ସେ ବାହାର କଲେ ଗୋଟିଏ ଷ୍ଟୁପଟ ମାଟିର ଦୀପ ଆଉ ଗୋଟିଏ ସାନଡବାରୁ ଟିକିଏ ପୁରୁଣା ଘିଅ । ଏଇ ଦୁଇଟି ବସ୍ତୁ ତ୍ରିଶ ବର୍ଷର ପୁରୁଣା

Digitized by srujanika@gmail.com

ହେଲେ ମଧ ତାଙ୍କ ପାଖରେ ଯେପରି ନିତ୍ୟ ନୂତନ ! ତାଙ୍କ ବିବାହ ଉତ୍ସବରେ ଜଳିଥିଲା ସେଇ ପ୍ରଦୀପ—ଆଜି ଲାଗିଥିଲା ସେଇ ଘିଅ । ଏଇ ଦୀର୍ଘକାଳ ସେ ତାକୁ ଏକ ବହୁମୂଲ୍ୟ ସମ୍ପତ୍ତି ରୂପେ ସାଇତି ରଖିଛନ୍ତି । କେତେ ଆଦରର ସେ ବସ୍ତୁ ! ପୁଣି ସେଇ ପୋଟଳ ଭିତରୁ ଟିକିଏ ତୁଳା ବାହାର କରି ସେ ସଳିତା କଲେ ଆଉ ଦିଆସିଲିରୁ ପାଞ୍ଚ ଛଅଟି କାଠି ସାରି ବହୁକଷ୍ଟରେ ଦୀପଟିକୁ ଜଳାଇଲେ । ଅବଶେଷରେ ମାଟିର ପ୍ରଦୀପ ଜଳି ଉଠିଲା ଶିଖାୟିତ ହୋଇ ।

ମା'ଥିଙ୍ଗ୍ କେତୋଟି ବୌଦ୍ଧ ମନ୍ତ୍ର ଉଚ୍ଚାରଣ କରି ଦୀପଟିକୁ କମ୍ପିତ ହାତରେ ନେଇ ସମାଧିର ମୁଣ୍ଡ ପାଖରେ ରଖିଲେ । ରାତିର ଶାନ୍ତ ହାଉଆରେ ନିଷ୍କମ୍ପ ଶିଖା ଜଳୁଥିଲା ତାର କ୍ଷୀଣ ଦୀପ୍ତି ବିକିରଣ କରି । ତା' ପରେ ଧୂପକାଠି ଗୁଚ୍ଛେଟି ଜଳାଇ ସମାଧିର ମୁଣ୍ଡ ଉପରେ ଗୁଞ୍ଜିଦେଇ ନିଶ୍ଚଳ ହୋଇ ସେ ବସି ରହିଲେ— ଆଣ୍ଠୁ ଉପରେ ହାତ ଦୁଇଟି ଭରା ଦେଇ ।

ସେତେବେଳ ସୁଦ୍ଧା ଦୂରରେ ଗୋଳା ଫାଟୁଥାଏ—ତାରି ପ୍ରଚଣ୍ଡ ଶବ୍ଦରେ ଦୀପର କ୍ଷୀଣ ଶିଖାଟି ଥରି ଥରି ଉଠୁଥିଲା କ୍ଷଣେ କ୍ଷଣେ । ଯେତେବେଳେ ସେଇ ଭୟଙ୍କର ଶବ୍ଦ ନିକଟରେ କେଉଁଠି ଶୁଣା ଯାଉଥିଲା—ଦୀପଟିବି ଢକ ଢକ ହୋଇ ନିଭି ଯାଉଥିଲା । ପ୍ରତିଥର ବୃଦ୍ଧା ପୋଟଳରୁ ଦିଆସିଲି ବାହାର କରି ଅତି ଧୈର୍ଯ୍ୟ ସହକାରେ ଦୀପଟିକୁ ପୁଣି ଜଳାଉଥିଲେ ।

ଭୋରର ଆଲୁଅ ଫୁଟି ବାହାରିଲାଣି । ଦୀପଟି ବି ଜଳି ଜଳି ଅଧା ଘିଅ ସରି ଆସିଲାଣି । ମାଟି ଉପରେ ହାତ ବୁଲାଇ

Digitized by srujanika@gmail.com

ଚୁଲାଇ ପାଖରେ ସେ ଗୋଟିଏ ଭଙ୍ଗା ଟିଣ ପାଇଲେ । ବହୁକଷ୍ଟରେ ସେ ଟିଣ ଖଣ୍ତିକ ବଙ୍କେଇ ଦୀପ ପାଖରେ ଗୁଞ୍ଜି ଦେଲେ—ଦୀପ ଶିଖାଟିକୁ ପବନର ଦାଉରୁ ରକ୍ଷା କରିବା ପାଇଁ । ତାପରେ ଧୀରେ ଧୀରେ ଉଠି କମ୍ପିତ ପଦରେ ସେଇ ପଡ଼ିଆରୁ ବାହାରି ଚାଲିଗଲେ । ଚାଲିଗଲେ ଦୂରକୁ—ତାଙ୍କର ସେଇ ଭଙ୍ଗା କୋଠାର ଅନ୍ଧକାର କୋଠରୀ ଭିତରକୁ ।

ଭୋରର ଆଲୁଅ ସଫା ହେଉ ହେଉ ସର୍ଦ୍ଦାର ବଚନ ସିଂହର ଦଳ ଅତର୍କିତ ଭାବରେ ଧାଇଁଫେଲି ଆଉ ମେସିନଗାନ୍ ଚଳାଇ ଆଗେଇ ଆସିଲେ । ବ୍ରିଟିଶ ବାହିନୀ ବହୁ ଆଗରୁ ପ୍ରାଣମୂର୍ଚ୍ଛା ପଛଘୁଞ୍ଚା ଦେଇଛନ୍ତି । ଆତଙ୍କରେ ସେମାନେ ସେତୁଟାକୁ ଧ୍ୱଂସ କରିଦେବା କଥାଟା ବି ଭୁଲି ଯାଇଛନ୍ତି । ବଚନସିଂହର ଦଳ ଅକ୍ଳେଶରେ ସେତୁ ଦଖଲ କରିନେଲେ ।

ପ୍ରାୟ ଦୁଇ ତିନି ଘଣ୍ଟା ପରେ, ଦିନର ଆଲୁଅ ସେତେବେଳେ ପରିଷ୍କାର ହୋଇ ଉଠିଲାଣି । ପଦାତିକଙ୍କ ପଛେ ପଛେ କେତୋଟି ସାଞ୍ଜୁଆ ଗାଡ଼ି ଚାଲିଲା ନଦୀ ପାର ହୋଇ । ଏଥର ଇମ୍ଫାଲ ଆଡ଼କୁ ତାଙ୍କର ଗତି । ପାହାଡ଼ ପଛପଟଟା ଏଣିକି ଧୀରେ ଧୀରେ ନିସ୍ତବ୍ଧ ହୋଇ ଆସୁଛି ।

ସେତୁ ଅତିକ୍ରମ କରିବା ପୂର୍ବରୁ ସେନାପତିଙ୍କର ପ୍ରଥମେ ମନେ ପଡ଼ିଲା ପ୍ରିୟାର କଥା । ସେ କେତେ ଜଣ ସୈନ୍ୟ ପଠାଇଲେ ଦେହଟାକୁ ତାର ଖୋଜି ବାହାର କରି ଆଜି ଯୁଦ୍ଧରେ ମୃତ ସହୀଦମାନଙ୍କ ସହିତ ସମାହିତ କରିବାକୁ ।

Digitized by srujanika@gmail.com

ସୈନିକ କେଇଜଣ ସେଇ ଟ୍ରେଞ୍ଚ ପଡ଼ିଆ ଭିତରେ ପାହାଡ଼ ତଳ ଯାକେ ପ୍ରବୀରର ମୃତଦେହ ଖୋଜି ବୁଲିଲେ । କିନ୍ତୁ ବୃଥା—କେଉଁଠି ମଧ୍ୟ ପାଇଲେ ନାହିଁ । ଦେହଟି ଯେପରି କୁଆଡ଼େ ଅନ୍ତର୍ଦ୍ଧାନ ହୋଇ ଯାଇଛି । ନଈ କୂଳେ କୂଳେ ଖୋଜି ବୁଲୁ ବୁଲୁ ଜଣେ ସୈନିକ ଚମକି ଛିଡ଼ା ହେଲା—ହଠାତ୍ ବିସ୍ମୟ ଚକିତ ହୋଇ ତାର ସଙ୍ଗୀମାନଙ୍କୁ ଡାକି କହିଲା—'ହେଇ ଦେଖ !'

ତାର ହାତର ଆଙ୍ଗୁଳିକୁ ଅନୁସରଣ କରି ନିର୍ଦ୍ଦେଶିତ ସ୍ଥାନକୁ ସମସ୍ତେ ପଲକହୀନ ଚକ୍ଷୁରେ ଚାହିଁ ରହିଲେ । କିଛି ଦୂରରେ କମାଣ ଗୋଳାରେ ତିଆରି ଗୋଟିଏ ଗାତ ମାଟି ଦେଇ ସଦ୍ୟ ଭର୍ତ୍ତି ହୋଇଛି, ଆଉ ଠିକ୍ ତା'ର ମୁଣ୍ଡ ପାଖରେ ଗୋଟିଏ ଭଙ୍ଗା ଟିଣ ଫାଙ୍କରେ ଜଳୁଛି ଏକ ଦୀପଶିଖା । ସଳିତାଟା ଜଳି ଜଳି ନିଭିଯିବା ଉପରେ ବସିଲାଣି—କ୍ଷୀଣ ଶିଖାଟା ତାର କେବଳ ଥରି ଥରି ଉଠୁଛି ।

ସମାଧି ପାଖରେ ମୁଣ୍ଡରୁ ଟୋପି ଖୋଲି ସମସ୍ତେ ମୁଣ୍ଡ ନୁଆଁଇ ଛିଡ଼ା ହେଲେ ସ୍ତବ୍ଧ ଓ ନିଶ୍ଚଳ ହୋଇ । ଏ ଦୃଶ୍ୟ ତାଙ୍କ ନିକଟରେ ନୂଆ ନୁହେଁ—ତଥାପି ଦୃଷ୍ଟି ତାଙ୍କର ପ୍ରଦୀପର ସେଇ ନିର୍ବାଣୋନ୍ମୁଖ ଶିଖାଟିରେ ନିବଦ୍ଧ । ଭାଷା ତାଙ୍କର ମୂକ !

ଠିକ୍ ସେତିକି ବେଳକୁ ଏକ ଶୀର୍ଣ୍ଣକାୟା ବୃଦ୍ଧାନାରୀ ଧୀରେ ଧୀରେ ଆସି ଛିଡ଼ାହେଲେ ତାଙ୍କ ଦୃଷ୍ଟି ପଥ ସମ୍ମୁଖରେ । ସେ ଏତେ ଧୀର ପଦ କ୍ଷେପରେ ଆସିଛନ୍ତି ଯେ କେହି ଜାଣିପାରି ନାହାନ୍ତି । ଅତି ଦୁର୍ବଳ ପାଦରେ ବୃଦ୍ଧା ସେମାନଙ୍କୁ ଅତିକ୍ରମ

Digitized by srujanika@gmail.com

କରି ଆଗେଇ ଯାଇ ସେଇ ସମାଧି ନିକଟରେ ଆଣ୍ଠୁମାଡ଼ି ବସିଲେ । କାଖତଳୁ ପୋଟଳିଟିଏ ବାହାର କରି ତାରି ଭିତରୁ କାଢ଼ିଲେ ଘିଅ ଡବାଟି । ତୂଳା ଟିକିଏ ବାହାର କରି ସଳିତା କଲେ । ନିଭି ଆସୁଥିବା ଦୀପରେ ଘିଅଟିକ ଢାଳି ସେଇ ଶିଖାରେ ଲଗାଇ ଦେଲେ ନୂଆ ସଳିତାଟିକୁ—ଆଉ ଦୀପଟିକୁନେଇ ରଖିଦେଲେ ସେଇ ପୁରୁଣା ଯାଗାରେ । ଧୂପକାଠି ଗୁଚ୍ଛେଟି ଜଳାଇ ସମାଧିର ମୁଣ୍ଡ ପାଖରେ ଗୁଞ୍ଜି ଦେଲେ । ଉଠି ଛିଡ଼ା ହେବାକୁ କଷ୍ଟ ହେଉଥିଲା ତାଙ୍କୁ । ତାଙ୍କ ପାଖର ସୈନିକଟି ସାବଧାନରେ ତାଙ୍କ ହାତ ଧରି ଧୀରେ ଧୀରେ ଉଠାଇ ଛିଡ଼ା କରାଇ ଦେଲା ।

ବୁଢ଼ା ପଦେ ହେଲେ କଥା କହିଲେ ନାହିଁ । ମୁହଁ ଟେକି ଗୁହିଁ ଦେଖିଲେ ତାଙ୍କ ପାଖରେ ଛିଡ଼ା ହୋଇଥିବା କେତୋଟି ସାର ସୈନିକଙ୍କୁ । ତା'ପରେ ଧୀରେ ଧୀରେ ମୁଣ୍ଡ ନୁଆଁଇ ଅଭିବାଦନ ଜଣାଇଲେ ସେମାନଙ୍କୁ । ଏଥର ତଳୁ ତାଙ୍କର ପୋଟଳିଟି ଉଠାଇ ଯୁଆଡ଼ୁ ଆସିଥିଲେ ଟିଲ୍ଲାର ଗଡ଼ରେ ଫେରି ଗ୍ଲଲଗଲେ ସେଇ ଆଡ଼କୁ—ଥରେ ମଧ୍ୟ ଫେରି ଗ୍ବହିଁଲେ ନାହିଁ, ନା ସେଇ ସୈନିକମାନଙ୍କ ଆଡ଼କୁ—ନା ସେଇ ଦୀପଶିଖାଟିକୁ ।

ଆଜାଦ୍ ହିନ୍ଦ୍ ଫୌଜର ସୈନିକ କେତୋଟି ନିର୍ବାକ ହୋଇ ଛିଡ଼ା ହୋଇ ରହିଲେ ଦୂରରେ ଲୁଚି ଯାଉଥିବା ସେଇ ଗ୍ରୁପ୍ତ୍ୟାମୂର୍ତ୍ତି ଆଡ଼କୁ ଗ୍ବହିଁ । ତା' ପରେ ଅତି ଧୀର କଣ୍ଠରେ କଥାବାର୍ତ୍ତା କରୁ କରୁ ଫେରି ଗ୍ଲଲଗଲେ ସେଇ ସେତୁ ଆଡ଼କୁ—ଭୟ ହେଲା, ବେଶିକ୍ଷଣ ରହିଲେ ହୁଏତ ଏ ପବିତ୍ର ସମାଧି ସ୍ଥାନର ଶାନ୍ତି ଭଙ୍ଗ ହୋଇ ପାରେ । ଫେରି ଗ୍ଲଲଗଲେ ସେମାନେ ମଣିପୁର ନଦୀର

Digitized by srujanika@gmail.com

ସେତୁ ପାର ହୋଇ—ଯେଉଁଠି ରହିଛି ତାଙ୍କର ଇଉନିଟ୍ ଆଜ ଯୁଦ୍ଧ—ଆଜ ଅଛି ତାଙ୍କର ସ୍ୱାଧୀନତାର ନିଶାଣ ! କଦମ୍ କଦମ୍ ବଢ଼ିବା ପାଇଁ ତାଙ୍କ ସମ୍ମୁଖରେ ରହିଛି ଅସୀମ ପଥ—ବହୁ ଦୂରରେ ଯେ ଦିଲ୍ଲୀ ! ଏଇତ ସେତୁ ସେ ପାଖରେ ଭାରତ ମାଟିର ଗଗନ ପବନ ମୁଖରିତ କରି, ନଦୀ କୂଳର ବନ ପାହାଡ଼କୁ ପ୍ରତିଧ୍ୱନିତ କରି ଭାସି ଆସୁଛି ତାଙ୍କର ସେଇ ପ୍ରିୟତମ ସଙ୍ଗୀତର ସୁର—

"କଦମ୍ କଦମ୍ ବଢ଼ାୟେ ଯା'
ଖୁସୀକେ ଗୀତ ଗାଏ ଯା'...।"

ସେଇଠି ସେଇ ଧରଣୀର ବୁକୁରେ—ଗୋଳା ବିଧ୍ୱସ୍ତ କଳାମାଟି ଆଜ ଇତଃସ୍ତତ ବିକ୍ଷିପ୍ତ ଲୁହା ଓ ଟିଣ ଖଣ୍ଡ, ପୁଣି ଭଗ୍ନ ବୃକ୍ଷର ଦରପୋଡ଼ା ଶାଖା ପ୍ରଶାଖା ଭିତରେ ଶୋଇ ରହିଲା ଜଣେ ! କଦମ୍ କଦମ୍ ବଢ଼ିଛି ସେ, ହାରି ଯାଇ ନାହିଁ, ଥକି ଯାଇ ନାହିଁ ! ତା'ରି ନିକଟରେ ଜଳି ଉଠୁଥିଲା ବୃଦ୍ଧା ମା'ଥିଙ୍ଗ୍‌ଙ୍କର ଶେଷ ଜୀବନର ଶ୍ରେଷ୍ଠ ସମ୍ପତ୍ତି—ତାଙ୍କରି ବିବାହ ଉତ୍ସବର ପବିତ୍ର ପ୍ରଦୀପ । ତାର ଶେଷ ଦୀପ୍ତି ଟିକି କେବେହେଲେ ନଭିବ ନାହିଁ ବୋଲି ଯେପରି ମନେ ହେଉଥିଲା । ସେ ଯେ ଅନିର୍ବାଣ ! ସେ ଦୀପଶିଖା ଯେପରି ଏକ ଚିରନ୍ତନୀ ମାତାର ଆଖିର ଦୁଇ ଧାର ତପ୍ତ ଅଶ୍ରୁ—ଠିକ୍ ସମ୍ମୁଖର ମଣିପୁର ନଦୀର ସ୍ରୋତ ଭଳି ପବିତ୍ର, ଚିର ପ୍ରବହମାନ !

କୋଲ୍‌ଘାଟ
୧୯୫୨

Digitized by srujanika@gmail.com

★★★★★★★★★★★★★★★★★ଜୀବନର ଜୀର୍ଣ୍ଣ ପୃଷ୍ଠା

ଜୀବନର ଦୁର୍ବିସହ ଅଭିନୟରେ କ୍ଷତ ବିକ୍ଷତ ହୋଇ ମୁଁ ଖୋଜୁଥିଲି ବିଶ୍ରାମ—ଘର୍ଷ ବିରତିର ଶାନ୍ତି !

ସେଇ ଘାତ ପ୍ରତିଘାତର ତରଙ୍ଗରେ ଠେଲି ହୋଇ ଦିନେ ଚନ୍ଦନନଗରରେ ଯାଇ ପହଞ୍ଚିଥିଲି ଯାଯାବର ଜୀବନର ପଥଚଲା ନିଶାରେ ଉଦ୍‌ଭ୍ରାନ୍ତ ହୋଇ । ଏଇ ପଥଚଲା ଥିଲା ମୋର ବିଶ୍ରାମ—ବିରତି !

ସେଇ ପୁରୁଣା ଦିନର ଫରାସୀ ରାଜ୍ୟ ଚନ୍ଦନନଗର ଆଜି ସ୍ୱାଧୀନ ଭାରତର ଅଙ୍ଗହୋଇ ବଙ୍ଗ ରାଜ୍ୟ ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ଫରାସୀ ଗ୍ରୁପ ଗୋଟାପଣେ ରହିଛି । ରାଜପଥରେ 'ମଧୁଶାଳା'ର ଛଡ଼ାଛଡ଼ି, ହୁଏତ 'ପାନପିୟାସୀ' ମାନଙ୍କର ଖୈୟାମର କେବଳ ଅଭାବ । ତଥାପି ସୁରା ଓ ସାକୀର ଭକ୍ତ କମ୍ ନୁହନ୍ତି । ଫରାସୀ ଦେଶ, ଦୟା କରି ଭାରତରେ ଅନ୍ତର୍ଭୁକ୍ତ ହୋଇଛି ବୋଲି ହୁଏତ ଏଠାରେ ଆଇନଟା ବଡ଼ ଶ୍ଲଥ ।

ମୁଁ ସଞ୍ଜ ବିପଡ଼ି କାଳ ଆଶ୍ରୟ ସ୍ଥାନ ଖୋଜି ଖୋଜି ନିରାଶ ହୋଇ ଶେଷକୁ ଆଶ୍ରୟ ନେଲି ଶମ୍ଭୁନାଥ ଆଶ୍ରମର ଗ୍ରେଟ ଦୋତାଲା କୋଠରୀଟିରେ । ଅତି ନିରୁଛିଆ ଜାଗା ।

ସେଇଠି ହୋଇଛି ଏଇ କାହାଣୀର ସୃଷ୍ଟି । ଆଉ ପଥକ୍ଲାନ୍ତ ପରେ ବିଶ୍ରାମ ବା ଶାନ୍ତି ପରିବର୍ତ୍ତରେ ଅର୍ଜନ କଲି ଘର୍ଷ ମନ-ଶ୍ରାନ୍ତି ।

Digitized by srujanika@gmail.com

ଦୋତାଲାରେ ସେଇ ଗୋଟିକ ମାତ୍ର କୋଠରୀ । କୋଠରୀ ସାଙ୍ଗକୁ ଲାଗି ଗୁଡରେ ଗୋଟିଏ ଗ୍ଲେଟ ପିଆବଖାନା । ଘରଟା ମନ୍ଦ ନୁହେଁ । କିନ୍ତୁ ବହୁଦିନରୁ ଅବ୍ୟବହୃତ ଅବସ୍ଥାରେ ପଡ଼ି ରହିଥିବା ହେତୁ ଯେପରି ରହିବାର କଥା ସେଇପରି ଥିଲା । ଘର ଆଗର ଅଗଣା ଭିତର ବଗିଚାଟିରେ ଘାସ ମାଡ଼ି ଯାଇଥିଲା—ଫୁଲଗଛ ଗୁଡ଼ାକ କେବଳ ଦରମଲା ଅବସ୍ଥାରେ ଛିଡ଼ା ହୋଇ-ଥାଏ । କୋଠରୀ ଭିତରେ ଧୂଳି ଜମା ହୋଇ ରହିଥିଲା । ଝରକା ଯାକ ସବୁ ଖୋଲି ଦେଇ କୋଠରୀ ଭିତର ସଫା କରୁ କରୁ ହଠାତ୍ ଘର କୋଣରୁ ମେଞ୍ଚାଏ କାଗଜ ଉଡ଼ି ଆସି ମୋ ଆଗରେ ପଡ଼ିଲା । କାଗଜ ମେଞ୍ଚାକ ଉଠାଇ ନେଇ ଦେଖିଲି, ଖଣ୍ଡିଏ ଛିଣ୍ଡା ଡାଏରୀର କେତୋଟି ପୃଷ୍ଠା ମାତ୍ର !

କୌତୂହଳ ହେଲା । ବାରନ୍ଦାକୁ ଆସି କାଗଜ ମେଞ୍ଚାକରୁ ଧୂଳି ଝାଡ଼ି ସଫା କରି ପୃଷ୍ଠା କେଇଟି ପଢ଼ିଗଲି । ପୁଣି ଥରେ ପଢ଼ିଲି । ଜାଣେନା ସମ୍ପୂର୍ଣ୍ଣ ଡାଏରୀଟାରେ କଣ ଥିଲା । ଚେଷ୍ଟା କରିଥିଲେ ଅବଶ୍ୟ କାଗଜ ବଣ୍ଡାଟା ଘାଣ୍ଟିଦେଲେ ହୁଏତ କିଛି ପାଇଥାନ୍ତି—କିନ୍ତୁ ସେ ଚେଷ୍ଟା କରି ନାହିଁ । କେବଳ ସେଇ କେତୋଟି ପୃଷ୍ଠା ପଢ଼ି ମୋ ଭିତରେ ଯେଉଁ ଭାବ ବା ସ୍ପନ୍ଦନର ସୃଷ୍ଟି ହୋଇଥିଲା, ତା' ଏ ଯାକେ ମୁଁ ଭୁଲିପାରି ନାହିଁ । ଆଜି ବି ସେଇ ଛିନ୍ନ ପୃଷ୍ଠା କେଇଟିର ମର୍ମକାହାଣୀ ମୋ ଭିତରୁ ଦୀର୍ଘଶ୍ୱାସ ଜୋର କରି ଟାଣି ଆଣେ ଆଉ ଦିଏ ବାସ୍ତବତାର ଏକ ରୂଢ଼ ଆଘାତ ।

*

* *

Digitized by srujanika@gmail.com

ବଗକର । ପନ୍ଦର, ଡିସେମ୍ବର ୧୯୫୧

"କି ସୁନ୍ଦର, କି ସ୍ନିଗ୍ଧ ! ସତରେ ଆଜର ସକାଳଟା ଏକାବେଳେକେ ଅବିସ୍ମରଣୀୟ । କୋଠରୀର ଝରକା ସବୁ ଖୋଲା ରହିଛି । ଫାଳଏ ସୁନେଲି ଖରା ଆସି ମୋର ପାଦ ଉପରେ ପଡ଼ିଛି । ସେ ସ୍ପର୍ଶର ଅନୁଭୂତି ମୋ ଦେହରେ ରୋମାଞ୍ଚ ଆଣୁଛି । ଯୁଆଡ଼େ ଚାହୁଁଛି—ଦେଖୁଛି, ଆକାଶଟା ଏକ ଅଦ୍ଭୁତ ନୀଳଆଭା ଧାରଣ କରିଛି । ମନ୍ଦମନ୍ଦ ପବନ ବହୁଛି ଆଉ ତା' ସାଙ୍ଗରେ ଭାସି ଆସୁଛି ବଗିଚାରୁ ମିଶ୍ରିତ ଫୁଲର ସୌରଭ । ବଗିଚାଟିରେ ନାନା ଜାତିର ଅଜସ୍ର ଫୁଲ ଫୁଟିଛି । ପାଖରେ ଗୋଟିଏ କୋଇଲାଖଣିର ଲଫ୍ଟର ଘର୍ଘର ଶବ୍ଦ ସ୍ଥାନଟିର ନିର୍ଜ୍ଜନତାକୁ କ୍ଷୁବ୍ଧ କଲେ ମଧ୍ୟ ଇନ୍‌ସପେକ୍‌ସନ୍ ବଙ୍ଗଳାର ପରିବେଷ୍ଟନୀ ତାକୁ ଟିପି ଏକ ଶାନ୍ତ ବାତାବରଣ ଜାରି ରଖିଛି ।

ନାନା ରଙ୍ଗର ବିଚିତ୍ର ଫୁଲର ଆସ୍ତରଣ ମୋ ମନ ଭିତରେ ଏକ ଆନନ୍ଦର ଫାଲ୍‌ଗୁନ ସୃଷ୍ଟି କରିଛି । ଏଇ ଧରଣୀର ଗ୍ଳାନି ଉପରେ ଏକ ମାତ୍ର ପ୍ରକାଶର ସ୍ପର୍ଶ ପାଇ ସୁଦ୍ଧା କେଉଁଠି ଧରଣୀ ଧୂଳି ଧୂସରିତ ହୋଇ ଧୂ ଧୂ କରୁଛି, ଆଉ କେଉଁଠି ପୁଣି ତାରି ବୁକୁରେ କେତେ ରଙ୍ଗ ବେରଙ୍ଗର ଫୁଲ ଫୁଟି ଉଠୁଛି ! ଆକାଶର ଆଲୋକ ରଶ୍ମି ଧୂଳି ଉପରେ ବିଚ୍ଛୁରିତ ହୋଇ ପଡ଼ୁଛି ଆଉ ଧରଣୀର ଗ୍ଳାନି ଉପରେ ବର୍ଣ୍ଣତରଙ୍ଗ ଖେଳି ଉଠୁଛି । ଆକାଶ ଆଉ ଧରଣୀର ଏ ସମ୍ପର୍କ ସତରେ ବଡ଼ ମଧୁର—ବଡ଼ ସ୍ନିଗ୍ଧ !

ଜାଣେନା, ତୁ ଏତେବେଳେ କେଉଁଠି ଅଛୁ । କିନ୍ତୁ ତୁ ଯେ ଆଜି ମୋ ପାଖରେ ନାହୁଁ—ସେଥିପାଇଁ ଆଜି ତୋତେ ଧନ୍ୟବାଦ ଜଣାଇବାକୁ ଇଚ୍ଛା ହେଉଛି । ଯଦି ତୁ ମୋ ପାଖରେ ଥା'ନ୍ତୁ

Digitized by srujanika@gmail.com

ତାହେଲେ କଣ କରନ୍ତ ଜାଣୁ ? ହୁଏତ ବଗିଗୃରୁ ଗୁଡ଼ିଏ ଶ୍ୱେତ ଗନ୍ଧେନା ଫୁଲ ଗୁଚ୍ଛ ଆଣି କାନରୁ ତୋର ସୁନାର ଅଳଙ୍କାର ବାହାର କର ତାକୁଇ ପିନ୍ଧାଇ ଦଅନ୍ତ । ତା’ଠାରୁ ଅଧିକ ଆଉ କଣ ଦଅନ୍ତ ? କିନ୍ତୁ ତୁ ଅଛୁ ବହୁ ଦୂରରେ । ସେଥିପାଇଁ ହୁଏତ ମୋର ଅନ୍ତରାତ୍ମା ଏତେ ଚଞ୍ଚଳ ହୋଇ ଉଠୁଛି ! ପାଖରେ ଥିଲେ ବୋଧହୁଏ ଏପରି ହୁଅନ୍ତା ନାହିଁ—ଆଉ ମୁଁ ବି ଏପରି ଚିନ୍ତାକରି ପାରନ୍ତି ନାହିଁ । ଯେତେବେଳେ ତୁ ମୋ ପାଖରେ ଥିଲୁ ସେତେବେଳେ ମୁଁ ପ୍ରଗଲ୍‌ଭ ହୋଇ ଉଠୁଥିଲି । ଆଜି କେବଳ ଦୂରରେ ଥାଇ ତୋର ସ୍ୱରୂପ ମୁଁ ଉପଲବ୍‌ଧି କରୁଛି—ତୋର ଦେହଲତା ମୋର ଆଖିଆଗରେ ମୂର୍ତ୍ତି ହୋଇ ଦେଖା ଦେଉଛି ।

ଜାଣୁ, କାଲି ରାତିରେ ମୁଁ ଏକ ଦୀର୍ଘ ସ୍ୱପ୍ନ ଦେଖିଛି । ସେ ସ୍ୱପ୍ନର ସମସ୍ତ ଘଟଣାବସ୍ତୁ କେବଳ ତୋତେଇ କେନ୍ଦ୍ର କରି । ତୋର ବେଦନାତୁର ବିଳାପଧ୍ୱନି ମୁଁ ଶୁଣିଲି । ତଥାପି ଆଜି କାହିଁକି ମୋ ଭିତରେ ଏକ ଅଦ୍ଭୁତ ଆନନ୍ଦର ଶିହରଣ, ମୁଁ ଠିକ୍ ବୁଝି ପରୁ ନାହିଁ । ମୁଁ ଜାଣେ ସ୍ୱପ୍ନ ମିଥ୍ୟା—ତା’ କେବଳ ଏକ ପ୍ରକାର ଚିତ୍ତ ଭ୍ରମ । କିନ୍ତୁ ଜୀବନ ଧାରଣ ପକ୍ଷରେ ମିଥ୍ୟାର ବି ତ ଆବଶ୍ୟକତା ରହିଛି । ଇନ୍ଦ୍ରଧନୁ ମିଥ୍ୟା ହୋଇ ପାରେ କିନ୍ତୁ ତାର ସାତଟି ରଙ୍ଗ ଯେ ମିଥ୍ୟା ନୁହେ !

ମାନବ ସୃଷ୍ଟିରେ ନର ବା ନାରୀ ହେଉ ପଛକେ ସେ ଯେତେବେଳେ ତାର ଆତ୍ମବିକାଶ କରିବାକୁ ଚାହେଁ, ସେତେବେଳେ ସେ ଖୋଜେ ଏକ ନିବିଡ଼ ଆଶ୍ରୟ । ସେ ଆଶ୍ରୟ ତାକୁ ଅବଲମ୍ବନ ଦିଏ—କିନ୍ତୁ ତାର ବିକାଶକୁ ଆହତ କରେ ନାହିଁ । ପ୍ରେମର ବୈଶିଷ୍ଟ୍ୟ ତ ରହିଛି ଏଇଠି ! ଆତ୍ମାକୁ ସେ

Digitized by srujanika@gmail.com

ଜାଗ୍ରତ କରେ, କଳ୍ପନାକୁ ଉତ୍ତେଜିତ କରେ—ଆଉ ରୂପ ଦିଏ ଏକ ବାଞ୍ଛିତ ସୃଷ୍ଟିକୁ । ଯାହା ଭିତରେ କଳ୍ପନା ନାହିଁ, ସେ ହୁଏତ ପ୍ରେମର ସ୍ନିଗଧ ସ୍ପର୍ଶ ଉପଲବ୍ଧି କରି ପାରିବ ନାହିଁ । କଳ୍ପନା ଆଉ ପ୍ରେମ, ଏ ଦିହେଁ ସହୋଦର ହୋଇ ମଧ୍ୟ ଏକ ନୁହନ୍ତି ।

ଜାଣେ ନା, କାହିଁକି ନିଦରୁ ଉଠିବା ସଙ୍ଗେ ସଙ୍ଗେ ମନେ ହେଲା ଯେପରି ଆଜି ମୁଁ ନୂଆ କିଛି ଦେଖିବି । ଆଉ ବାସ୍ତବରେ ସେଇଆ ସତ ହେଲା । ଆଜି ମୁଁ ଯାହା କିଛି ଦେଖୁଛି, ଯାହା ସ୍ପର୍ଶ କରୁଛି—ସବୁ ମୋ ନିକଟରେ ନୂତନ ଜଣାଯାଉଛି । ଯେପରି ଆଜି ସବୁରି ସହ ମୋର ନୂଆ କରି ପରିଚୟ ହେଉଛି । ଏ ସୃଷ୍ଟି ଭିତରେ ଯେ ଏତେ ବିସ୍ମୟ, ଏତେ ସୌନ୍ଦର୍ଯ୍ୟ ଓ ଏତେ ଆନନ୍ଦ ଲୁଚି ରହିପାରେ, କେବେହେଲେ ମୋର ଏ ଧାରଣା ବା ଅନୁଭୂତି ନ ଥିଲା । ମୋ ସାମନା ବାରନ୍ଦା ତଳର ଅଶୋକ ଗଛଟା ଉପରେ ଗୁଣ୍ଡୁଚି ମୂଷାଟାଏ ଉଠୁଛି ଆଉ ଓହ୍ଲାଇ ଆସୁଛି । ଘାସ ଉପରେ ବୁଲବୁଲଟାଏ ଡିଆଁ ମାରୁଛି । ଗଛର ପତ୍ର ଗୁଡ଼ାକ ଧୀର ପବନରେ ହଲୁଛି । ଏ ସବୁ କେହିହେଲେ ତ ମୋ ନିକଟରେ ମିଥ୍ୟା ନୁହନ୍ତି । ପ୍ରତ୍ୟେକଙ୍କ ଭିତରେ ମୁଁ ଭାବର ସାମଞ୍ଜସ୍ୟ ପାଉଛି—ତାକୁ ତୁ ହୁଏ ତ Inner-Consistency ବୋଲି କହିପାରୁ । କିନ୍ତୁ ଏ ସବୁ ଭିତରେ ମୁଁ 'ସତ୍ୟ', 'ଶିବ' ଆଉ 'ସୁନ୍ଦର'କୁ ଖୋଜି ବାହାର କରିବାକୁ ଶିଖୁଛି । ତୋତେ ପ୍ରେମ କରି ଯଦି ମୁଁ ସେଇ ଅନନ୍ତ ସୁନ୍ଦରକୁ ଖୋଜି ପାଏଁ ତା' ହେଲେ ସେଇ ହେବ ମୋର ପ୍ରେମର ଚରମ ସାର୍ଥକତା ।

ସ୍ୱପ୍ନରେ ତୋର ସ୍ପର୍ଶ ଆଉ ମାୟା ଲାଗି ପ୍ରଭାତର ଏଇ ଚଞ୍ଚଳ ବିସ୍ତାର ମୋ ଆଖି ଆଗରେ ଏତେ ଅପୂର୍ବ ରୂପ ଧାରଣ

Digitized by srujanika@gmail.com

କରିଛି । ·· ଆଜିର ଏଇ ରମଣୀୟ ପ୍ରଭାତକୁ ମୁଁ ତୋର ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଛି ।

ମଣିଷର ହୃଦୟଟା ସତେ ଯେପରି ଅନନ୍ତ ନୀଳାକାଶ ବକ୍ଷରେ ଏକ ଭାସମାନ ମେଘଖଣ୍ଡ । କ୍ଷଣେ କ୍ଷଣେ ହେଉଛି ତାର ରଙ୍ଗର ପରିବର୍ତ୍ତନ, କ୍ଷଣେ କ୍ଷଣେ ହେଉଛି ତାର ରୂପର ପରିବର୍ତ୍ତନ । କ୍ଷଣକ ପୂର୍ବରୁ ଯାହା ଏକ କ୍ଷୀଣବସ୍ତ୍ର ପରି ଲଘୁସ୍ତର ଓ ଚପଳ ଥାଏ, ପରକ୍ଷଣରେ ପୁଣି ତାହା ଘନଗମ୍ଭୀର ଓ ମନ୍ଥର ହୋଇ ଉଠେ । ମୋର ଯେପରି ମନେ ହୁଏ, ଏ ପରିବର୍ତ୍ତନ ପାଇଁ ଆଂଶିକ ଭାବରେ ପ୍ରାକୃତିକ ବାତାବରଣହିଁ ଦାୟୀ । ପ୍ରକୃତିର କ୍ରିୟା ସବୁଠାରେ ସବୁ କ୍ଷେତ୍ରରେ ଏକ ପ୍ରକାର ହେଲେ ମଧ୍ୟ ମଣିଷର ମନହିଁ ସେଥିରେ ଭାବ-ବିଷମତାର ସୃଷ୍ଟି କରେ । କୁହେଁ ?

ନିର୍ଜନ ଦ୍ୱିପ୍ରହରଟାରେ ଆଉ କରିବି କଣ—ଚୁପ୍‌ଚାପ୍ ମୋ କୋଠରୀଟି ଭିତରେ ବସିଛି । କୌଣସି କାମ ଥିଲେ ମଧ୍ୟ ତୁଏତ କରନ୍ତି ନାହିଁ । ମଣିଷ ସ୍ୱଭାବର କର୍ମ ପ୍ରେରଣାରେ କାମ କରିବାଟା ବଡ଼ କ୍ୱଚିତ ଦେଖାଯାଏ । ସେ ଯାହା କିଛି କରେ, ଆପଣାକୁ ଭୁଲାଇବା ପାଇଁ, ଆପଣାର ସତ୍ତା ଭୁଲିବା ପାଇଁ । କିନ୍ତୁ ମୋ ଜୀବନରେ ଯେ ଆପଣାକୁ ଭୁଲାଇବାର ଆବଶ୍ୟକତା ଶେଷ ହୋଇ ଯାଇଛି !

ନୀରବରେ ବସିଛି । ଘରିଆଡ଼େ ଏକ ନିରବଚ୍ଛିନ୍ନ ନିସ୍ତବ୍‌ଧତା । କେଉଁଠି ହେଲେ ଟିକିଏ ମଧ୍ୟ ସୁରଶବ୍ଦ ନାହିଁ— ବ୍ୟସ୍ତତା ନାହିଁ କି ଚଞ୍ଚଳତା ନାହିଁ ! ଯେପରି ଏକ ଗଭୀର

Digitized by srujanika@gmail.com

ଉଦାସ ଆଳସ୍ୟ ଧରଣୀର ବୁକୁ ଉପରେ ମାଡ଼ି ବସିଛି ! ନିଘୁଞ୍ଚିଆ କୋଠରିଟି ଭିତରେ ଏକା ବସି ବସି ଏଇ ଶୀତର ଉଦାସ ଦ୍ୱିପ୍ରହରରେ ମଧ୍ୟ ମୁ ଏକ ଅନିର୍ବଚନୀୟ ଆନନ୍ଦ ଉପଲବ୍ଧି କରୁଛି । ଏଇ ନିରବଚ୍ଛିନ୍ନ ନିସ୍ତବ୍ଧତାରେ ମଧ୍ୟ ଏକ ଭାବଗର୍ଭକ ବାଣୀର ଶବ୍ଦ ମୁଁ ଶୁଣୁଛି । ମମତା, ତୁବି ଯଦି ସମସ୍ତ ଆନ୍ତରିକତା ଦେଇ ଚେଷ୍ଟା କରିବୁ ତା ହେଲେ ଶୁଣି ପାରିବୁ ଏଇ ଘୋର ନିସ୍ତବ୍ଧତାର ଏକ କ୍ଷୀଣ ବଚନ ସ୍ୱର ।

ଆଜିପରି ଦିନରେ କେବଳ ତୋର ବିଷୟରେ ଭାବିବାକୁ ଯେ କାହିଁକି ମୋତେ ଏତେ ଭଲ ଲାଗୁଚି, ମୁଁ ନିଜେ ବୁଝିପାରୁ ନାହିଁ । ଏଇ ଅଳସ ଦ୍ୱିପ୍ରହରଟା ତୋର ସଂଳାପରେ ଭରି ଉଠୁଛି । ପ୍ରତିଟି ଦ୍ୱିପ୍ରହର ଯେପରି ଗୋଟିଏ ଗୋଟିଏ ରୂପକ । ତାରି ଭିତରେ ତୋର ଅନ୍ତର୍ନିହିତ ରୂପର ଆଭାସ ମୁଁ ବରାବର ପାଉଛି ।

ସକାଳେ ଚା' ପିଇସାରି ତୋର ଗୋଟିଏ ଚିଠି ପଢୁଥିଲି । କେତେବର୍ଷ ତଳର ଗୋଟିଏ ପୂର୍ଣ୍ଣିମାରେ ତୁ ସେ ଚିଠି ଖଣ୍ଡିକ ମୋ ପାଖକୁ ଲେଖିଥିଲୁ । ଏଇପରି କେତେ ଚିଠି ଲେଖିଛୁ, ଅସଂଖ୍ୟ । କିନ୍ତୁ ଆଜି କାହିଁକି ସେଇ ଚିଠି ଖଣ୍ଡିକ ମୋ ପାଖରେ ନୂଆ ଭଳି ଜଣା ଯାଉଛି । ସେଥିରେ ତୁ ବହୁ କଥା ଲେଖିଛୁ—କେତେକ ସ୍ଥାନରେ ଭାବ ଅସ୍ପଷ୍ଟ, ଅସଂଲଗ୍ନ ଓ ରହସ୍ୟମୟ । ସେଇସବୁ ସ୍ଥାନ ମୁଁ ଆପଣା କଳ୍ପନାରେ ଯୋଡ଼ି ନେଉଛି । ସତରେ ମମତା, ତୋର ଚିଠି ଗୁଡ଼ିକ ସବୁ ଗୋଟିଏ ଗୋଟିଏ ଜୀବନ୍ତ ରହସ୍ୟ—ତା'ରି ଭିତରେ ଯେପରି ଭରି ରହିଛି ଯୁଗ ଯୁଗ ସଞ୍ଚିତ ରହସ୍ୟ, ସ୍ନେହ ଆଉ ସ୍ୱପ୍ନ !

Digitized by srujanika@gmail.com

ଠିକ୍ ଏତିକବେଳେ ତୁ କଣ କରୁଛୁ, ମୁଁ କଳ୍ପନା କରି ନେଉଛି । ହୁଏତ ତୋର ବିଛଣା ଉପରେ ପଡ଼ି ବହିଟାଏ ନେଇ ପଢ଼ିବାକୁ ଚେଷ୍ଟା କରୁଛୁ । ତୋର ମୁଣ୍ଡ ପାଖ ଝରକା ସେପାଖର ଦୃଶ୍ୟମାନ ବିସ୍ତୃତ ନଦୀଚର, ନଦୀର ଅପର ପାର୍ଶ୍ଵବର୍ତ୍ତୀ ଅସ୍ପଷ୍ଟ ଗ୍ରାମ, ସେଇ ବିଦ୍ୟୁତଭଣ୍ଡାରର କର୍ମବିରତି ବଂଶୀଧ୍ଵନି, ସବୁ ଯେପରି ତୋର କାନେ କାନେ ନବଜୀବନର ସ୍ପନ୍ଦନବାର୍ତ୍ତା ଦେଇ ଯାଉଛି । ପଢ଼ୁ ପଢ଼ୁ ହୁଏତ ତୋ ଆଖିର ପଲକ ତନ୍ଦ୍ରାର ଆବେଶରେ ମାଡ଼ି ମାଡ଼ି ପଡ଼ୁଛି । କିମ୍ବା ତୁ ନ ଶୋଇ ମୋର "ଅନିର୍ଦ୍ଦେଶ ଯାତ୍ରା" ବହିଟି ପଢ଼ୁଛୁ । ତୁ ହୁଏତ ଭାବୁଥିବୁ, ମୁଁ କଣ ସେ ବହି ଖଣ୍ଡିକ ଲେଖିଛି ! ପଢ଼ୁ ପଢ଼ୁ ହୁଏତ ତୁ ଗୋଟିଏ ପୃଷ୍ଠାରେ ଥମିଯିବୁ, ସେଇଠି ମୁଁ ତୋର ମନପର୍ଦ୍ଦା ପଛପଟୁ ଉଙ୍କି ମାରିବି ନିଶ୍ଚୟ ! ହୁଏତ ତୋର ଏକଥା ବି ମନେ ପଡ଼ୁଥିବ ଯେ ଠିକ ସେଇ କଥା ଗୁଡ଼ାକ ଅନ୍ୟ ଭାବରେ ମୁଁ ତୋ ପାଖକୁ ଚିଠିରେ ଲେଖିଥିଲି । ମୋର ଲେଖା ଯେ ତୁ ପଢ଼ୁଥିବୁ, ଏକଥା ଭାବିଲା ବେଳକୁ ସତରେ ବଡ଼ ଆନନ୍ଦ ଲାଗୁଛି । ମୁଁ ଏମିତି ଦୂରରେ ଥାଇ ଅବିରତ ଲେଖି ଯାଉଥିବି, ଆଉ ତୁ ତୋର କର୍ମ ଜୀବନର ଫାଙ୍କେ ଫାଙ୍କେ ମୋର ରଚନା ନେଇ ତୋର ଅବସର ମୁହୂର୍ତ୍ତ ଗୁଡ଼ିକୁ ସ୍ଵପ୍ନମୟ, ଯୋଗମୟ କରି ଯାଉଥିବୁ ! ଦୀର୍ଘ ବ୍ୟବଧାନର ସେତୁବନ୍ଧ ଭଳି ତୋର ଏଇ ଜୀବନଟି ଆମର ଆତ୍ମାର ମିଳନ ଗ୍ରନ୍ଥିକୁ ଆମ ଅଲକ୍ଷରେ ଦୃଢ଼ତର କରି ଯାଉଥିବ ।

ଦିନେ ତୁ କହିଥିଲୁ, ଆଜି ସେ କଥା ମୋର ସ୍ପଷ୍ଟ ମନେ ପଡ଼ୁଛି—'ରେଶମର କୀଟ ଭଳି ମୁଁ ମୋର ଗୃହ ପାଖରେ ଜାଲ ବୁଣି ଯାଉଛି । ସମସ୍ତ ଆଇଁ ଥାଇଁ ମୁଁ ସେଥିରୁ ପଦ୍ମ ମୁକ୍ତି ନ

Digitized by srujanika@gmail.com

ନେବ, ତା ହେଲେ ଆପଣା ଜାଲରେ ଆପେ ବନ୍ଦୀ ହୋଇ ପଡ଼ିବ ।' କିନ୍ତୁ ଦେଖ୍ ନସ୍ଟତର ନିର୍ଦ୍ଦେଶ କିଭଳି ! ଆଜି ତୁ ସ୍ୱୟଂ ଯେଉଁ କର୍ମଜୀବନ ବରଣ କରିଛୁ—ସେଇଟି ରହିଛି ଜୀବନର ଚାରିପାଖେ ବାସ୍ତବ ଜାଲର ଏକ ବିରାଟ ବନ୍ଧନୀ !

ମୁଁ ଏବେ ବି ବୁଝୁଛି, ମୋର ମୁକ୍ତି ଅସମ୍ଭବ । ସେଥି-ପାଇଁ ମୋର ଆଦୌ କ୍ଷୋଭ ବା ଦୁଃଖ ନାହିଁ । ବରଂ ମୁଁ ଭାବୁଛି ମୋ ପକ୍ଷରେ ହୁଏତ ଏଇଟା ହିଁ ବାଞ୍ଛନୀୟ ଥିଲା । ଭଲ ହେଲା ଭାବି ଆନନ୍ଦ ପାଉଛି । ଆଉ ସବୁ ବସ୍ତୁଭଳି ଜୀବନଟାକୁ ବି ତ ଭଲକରି ପରଖ କରି ଦେଖିବା ପାଇଁ Perspective ର ଆବ-ଶ୍ୟକତା ରହିଛି !

ତୁ ହୁଏତ କହିବୁ—ଏତ ଜୀବନକୁ ପରଖି ଦେଖିବା ନୁହେଁ, ବରଂ ଆପଣା ସହିତ ବଞ୍ଚନା କରିବା । କିନ୍ତୁ ମୁଁ ଆଗରୁ ବି କହିଥିଲି ଆଉ ଏବେ ବି କହୁଛି—ମୋ ଜୀବନରେ ବଞ୍ଚନାର ଆବଶ୍ୟକତା ଶେଷ ହୋଇ ଯାଇଛି । ସତରେ ଆଜି ବୁଝୁଛି ମମତା, ମୋର ଭାଗ୍ୟ ଡୋରି ତୋ ହାତରେ ଟେକି ନ ଦେଇ ଭଲ କରିଛି ।

ଆଜି ଏ କଥା ବି ମାନୁଛି ମମତା, ତୁଇ ଏକା ମୋ ଜୀବନର ସତ୍ୟକାର ବନ୍ଧୁ । ସତ ମମତା, ଏ କଥା ପ୍ରଖର ଦିବାଲୋକ ଭଳି ସତ୍ୟ । ସୁଦିନରେ, ଦୁର୍ଦ୍ଦିନରେ, ସୁଖରେ, ଦୁଃଖରେ ଆଉ ସମ୍ପଦ ବିପଦରେ ଯେଉଁ ବନ୍ଧୁ କେବେ ହେଲେ ଛାଡ଼ି ଯାଏ ନାହିଁ—ତୁ ମୋର ସେଇ ବନ୍ଧୁ । ଯଦି ଘର ବାନ୍ଧି ପାରିଥାନ୍ତି ତା ହେଲେ ତୋର ସଙ୍ଗେ ସେ ଘରେ ଜଳିଥାନ୍ତା ନିଷ୍କମ୍ପ ପ୍ରଦୀପର ଶିଖାଭଳି । କିନ୍ତୁ ମମତା, ତୁ ଜାଣୁ ମୁଁ ଜନ୍ମ-

Digitized by srujanika@gmail.com

ଯାଯାବର—ଘରେ ମୋର ମନ ନାହିଁ । ମୋର ସୃଷ୍ଟିଇ ମୋତେ ସୃଷ୍ଟି ଛଡ଼ା କରୁଛି । କେଉଁ ବିଧାତା ମୋତେ ଏ ଭଳି ଭାବରେ ତିଆରି କଲା ମମତା ? ତାଙ୍କୁ ପାଇଲେ ଥରେ ପଚାରନ୍ତି ମୋର ଜୀବନର ଏଇ ଅର୍ଥହୀନ ଅସଙ୍ଗତ ଭିତରେ କି ଇଙ୍ଗିତ ସେ ଫୁଟାଇବାକୁ ଚାହାନ୍ତି ? ମମତା, ମୋର ଗୋଟିଏ ମନ ଚାହେଁ ତୋର ନିବିଡ଼ ସଙ୍ଗ ନୀଡ଼ ଭିତରେ ପରିପୂର୍ଣ୍ଣ ବିଶ୍ରାମ—ଆଉ ଅପର ମନଟା ଚାହେଁ ବଲ୍‌ଗାହୀନ ଘୋଡ଼ା ଭଳି ଛୁଟି ଚାଲିବାକୁ —ଛିଡ଼ାଇ ଦେବାକୁ ତୋର ଆନ୍ତରିକତାର ବନ୍ଧନ । ରୂପର କ୍ଷୁଧା ନା ପ୍ରାଣର କ୍ଷୁଧା ! ଦୁର୍ବାର ଉତ୍ତେଜନାର କ୍ଷୁଧା ମୋତେ ଯେପରି ଚାବୁକ ମାରି ଛୁଟାଇ ନେଇଯାଏ । ଆଜି ଏ କଥା ଭାବି ସତରେ ଟିକିଏ ବୋଲି ଦୁଃଖ ଆସୁନାହିଁ—ବରଂ ସେଇ ଅସରନ୍ତି ଆନନ୍ଦ ମୋତେ ଉଦ୍ବେଳିତ କରି ରଖିଛି ।

*

* *

ବିଶ୍ୱକରର ବୁକୁ ଶୁଖି ଆସୁଛି, ମଝିରେ କେବଳ ଗୋଟିଏ ଶାନ୍ତ ସ୍ରୋତ । ମୁଁ ନଈପାଖ ବାରନ୍ଦାରେ ବସି ସୂର୍ଯ୍ୟାସ୍ତର ବିଚିତ୍ର ଖେଳ ଦେଖୁଛି । ସମ୍ମୁଖର ପାହାଡ଼ ଓ ବନାନ୍ତରାଳରେ ସୂର୍ଯ୍ୟ ଧୀରେ ଧୀରେ ଲୁଚି ଯାଉଛି, ଆଉ ତାର ବିଚିତ୍ର ରଙ୍ଗରାଶି ବିଶ୍ୱକର ସ୍ରୋତର କ୍ଷୀଣ ତରଙ୍ଗମାଳାରେ ଲକ୍ଷ ପ୍ରତିବିମ୍ବ ସୃଷ୍ଟି କରୁଛି । ସମ୍ମୁଖରେ ଗୋଟିଏ ସର୍ପିଳ ପଥ ନଦୀକୂଳ ଯାଏଁ ଓହ୍ଲାଇ ଯାଇଛି—ସେଇ ପଥ ପ୍ରାନ୍ତରେ କେତୋଟି ଇରାଣୀ ପରିବାର ତମ୍ବୁ ଗାଡ଼ିଛନ୍ତି । ସତରେ କେଡ଼େ ରହସ୍ୟମୟ ଜୀବନ ତାଙ୍କର ! ଘର ନାହିଁ, ଦ୍ୱାର ନାହିଁ । ପଥପାର୍ଶ୍ୱରେ ତାଙ୍କର ଜନ୍ମ, ପଥପାର୍ଶ୍ୱରେ ତାଙ୍କର ସଂସାର—କର୍ମମୟ ଜୀବନ, ପୁଣି ପଥ-

Digitized by srujanika@gmail.com

ପାର୍ଶ୍ୱରେ ତାଙ୍କର ମୃତ୍ୟୁ । କିନ୍ତୁ ମୁଁ ଭାବୁଛି, ମୋ ଜୀବନ ସହିତ ତାଙ୍କ ଜୀବନର ପ୍ରଭେଦ ତ ବେଶି କିଛି ନାହିଁ । ମୁଁ ବି ତ ତାଙ୍କର ଭଳି ଏକ ବେଦୁଇନ୍ !

କାହିଁକି ଯେ ଏ ସ୍ଥାନଟା ମୋତେ ଏତେ ଭଲ ଲାଗୁଛି, ମୁଁ ନିଜେ ଭାବ ବିସ୍ମିତ ହେଉଛି । ଦିନଟା ଯାକର କୋଳାହଳ ପରେ ଏକାନ୍ତରେ ମୁଁ ଆସି ଯେତେବେଳେ ନଦୀକୂଳରେ ବସେ ମୋର ଆନନ୍ଦ ଗଙ୍ଗାର ଦୁଇକୂଳ ଭସି ଜୁଆର ପରି ମାଡ଼ି ଆସେ । ଜାଣେନା କାହିଁକି, ଏବେ ସାମାଜିକ ଘନିଷ୍ଠତା ମୁଁ ଆଦୌ ସହ୍ୟ କରି ପାରୁନାହିଁ । ବହୁଲୋକ ମୋ ସହିତ ସାକ୍ଷାତ କରିବାକୁ ଆସିଛନ୍ତି—ସମସ୍ତଙ୍କୁ ମୁଁ ନିରାଶ କରିଛି । ହୋଇପାରେ ମୋର ଏ ଦୁର୍ବଳତା, କିନ୍ତୁ ଅହଙ୍କାର ନୁହେଁ । ମଣିଷର ଜୀବନରେ ବି କେବେ ଏଭଳି ସମୟ ଆସେ, ଯେତେବେଳେ ନିର୍ଜ୍ଜନତା ତା' ପକ୍ଷରେ କେବଳ ଆବଶ୍ୟକ ନୁହେଁ, ଏକ ଅପରିହାର୍ଯ୍ୟ ଅଙ୍ଗ ହୋଇଉଠେ ।

ସୂର୍ଯ୍ୟ ଅସ୍ତ ହୋଇ ଯାଇଛି । ଇସ୍ରଣୀ କିଶୋରୀ କେଇଟି ନଦୀକୂଳରୁ ଛେଳି ଗୋଠକୁ ଅଡ଼ାଇ ଆଣୁଛନ୍ତି । ନଦୀର ଦୁଇକୂଳ ବ୍ୟାପି ଏକ ବିଶାଳକାୟ ବାଦୁଡ଼ି ପରି କଳାଡେଣା ମେଲାଇ ଅନ୍ଧକାର ମାଡ଼ିଆସୁଛି । ଇସ୍ରଣୀ ତମ୍ବୁର ମୁଣ୍ଡ ଉପରେ ଧୂଆଁର ଏକ ଖଣ୍ଡ ମେଘ ଭାସିବୁଲୁଛି । ମନ ଭିତରେ ଏକ ଅଦ୍ଭୁତ ସୃଷ୍ଟି ଉପଲବ୍ଧି ଭଳି ଏକ ଆଶ୍ଚର୍ଯ୍ୟ ବେଦନା ଅନୁଭବ କରୁଛି । କିନ୍ତୁ ଏ ବେଦନାର ମୂଳରେ ରହିଛି ଆନନ୍ଦ । ମୋର ମନେ ହୁଏ, ବେଦନା ଆଉ ଆନନ୍ଦ ଏ ଦୁହେଁ ପରସ୍ପରର ପରିପୂରକ । ଗୋଟିକୁ ଛାଡ଼ି ଅପରଟିର ଉପଲବ୍ଧି ସମ୍ଭବ ନୁହେଁ ।

Digitized by srujanika@gmail.com

ବର୍ତ୍ତମାନ ଅନୁଭୂତିର ରାଜ୍ୟରେ ମୁଁ ଯେ ଏକାକୀ ଆଉ ନିଃସଙ୍ଗ—ଠିକ୍ ତା ବି ନୁହେଁ । ତୁ ବି ମୋ ସାଙ୍ଗରେ ରହିଛୁ ମମତା । ମୁଁ ତୋର ଏଇ ଉପସ୍ଥିତିକୁ କୌଣସି ପ୍ରକାରେ ରୂପ ଦେଇ ପ୍ରକାଶ କରି ପାରିବି ନାହିଁ, କିନ୍ତୁ ଅନୁଭୂତି ଭିତରେ ମୁଁ ତୋର ନିକଟତା ଉପଲବ୍ଧି କରୁଛି । ଏଇ ନିର୍ଜନ ଅନ୍ଧକାର ଭିତରେ ବସି ମୁଁ କଣ ଭାବୁଛି, ଜାଣୁ ? ତୋର ପ୍ରେମଟା ଯେପରି ବିଶ୍ୱର କଳକା ଉଦ୍ୟାନରେ ଗୋଟିଏ ଦରଫୁଟା ଫୁଲ । ହଁ, ଦରଫୁଟା—ଏଇ ଜମାଟ ଅନ୍ଧକାରର ଗଭୀର ରହସ୍ୟ ଆଉ କଳ୍ପନାର ଅବକାଶ ଭଳି କେତେକ ଜ୍ଞାତ, କେତେକ ଅଜ୍ଞାତ—କେତେକ ପ୍ରାପ୍ତ କେତେକ ଅପ୍ରାପ୍ତ ! ସୀମା ଆଉ ସୀମାହୀନତାର ଏ ଯେଉଁ ସମ୍ମିଶ୍ରଣ, ଏ ତୋର ପ୍ରେମର ଚିରନ୍ତନତା, —ନୁହେଁ ?

ଆକାଶରେ ହଠାତ୍ ଗୋଟାଏ ଉଲ୍କା ଖସିଲା । ତୁ ହୁଏତ ଠିକ୍ ଏତିକିବେଳେ ତୋ କୋଠରୀର ଝରକା ପାଖରେ ଆସି ଛିଡ଼ା ହୋଇଛୁ । ଏଇ ଦୁଇଟିରେ କୌଣସି କାର୍ଯ୍ୟ-କାରଣ ସମ୍ବନ୍ଧ ନାହିଁ, ତଥାପି ତୁ ଆସି ଛିଡ଼ା ହୋଇଛୁ । ହୁଏତ ତୁ ଝରକା ବାହାରର ଅନ୍ଧକାର ଭିତରକୁ ଚାହିଁ କ୍ଷଣକ ପାଇଁ ଆତ୍ମ-ବିସ୍ମୃତ ହୋଇଯାଉଛୁ । ସେଇ କ୍ଷଣକ ପାଇଁ ତୋର ବର୍ତ୍ତମାନ, ତୋତେ ଅତୀତର କୋଳରେ ସମର୍ପଣ କରି ଦେଉଛି । କିଛି କ୍ଷଣ ଆଗରୁ ତୁ ସେତାର ବଜାଉଥିଲୁ । ସେଇ ତାରର ଝଙ୍କାର ବାୟୁ-ମଣ୍ଡଳରେ ଖେଳି ଖେଳି ଅନ୍ଧକାର ଭେଦି ଆକାଶର ତାରା ମଣ୍ଡଳରେ ଯାଇ ଖେଳି ଯାଉଛି । ମୁଁ ଜାଣେ, ଏ ସବୁ ସତ୍ୟ ନୁହେଁ ତଥାପି ଏ ସବୁ ଭାବି ମୁଁ ଆନନ୍ଦ ପାଉଛି ।

Digitized by srujanika@gmail.com

ନୀରବରେ ବସିଛି ! ଚତୁର୍ଦ୍ଦିଗର ଅନ୍ଧକାର ଆହୁରି ଗଭୀର ହୋଇ ଉଠୁଛି । ଉତ୍ତର ଆକାଶରେ ସପ୍ତର୍ଷିମଣ୍ଡଳ ଏକ ବିରାଟ ପ୍ରଶ୍ନ ଚିହ୍ନ ଭଳି ଚମକି ଉଠୁଛି । କହି ପାରିବୁ ମମତା, ଏ ବିରାଟ ପ୍ରଶ୍ନର ଉତ୍ତର କଣ ?"

*

* *

ଜାଣେନା, କିଏ ଏଇ ବ୍ୟଥାତୁର ଆନନ୍ଦମୟୀ ମାନବୀ ! ଜାଣିବାର ଉତ୍କଣ୍ଠା ବି ନାହିଁ । ତଥାପି ତାର ଜୀବନର ଜୀର୍ଣ୍ଣ ପୃଷ୍ଠା କେଇଟି ଆଜି ବି ମୋର ଅଭୁଲା ହୋଇ ରହିଛି । ହୁଏତ ସେଦିନ ଯାଇ ଭୁଲିବି—ଯେଉଁଦିନ ସବୁ ଭୁଲିଯିବାର ଦିନ ଆସିବ । ଏକ ଅଜ୍ଞାତ ଯାଯାବର ଜୀବନର ମଧୁର ବ୍ୟଥା ଆଜି ମୋତେ ବି ସ୍ପର୍ଶ କରୁଛି—ସେଇ ନିଃସଙ୍ଗ ପଥପ୍ରାନ୍ତରେ !

ବାଣ୍ଡପୁର
୧୯୫୩

Digitized by srujanika@gmail.com

****************ହାମିଦାବାନୁଙ୍କ ଶାଦୀ

ପରିଶେଷରେ ହାମିଦା ବୋଉ ମାନିଗଲା । କହିଲା—ହଉ, ତା'ହେଲେ ହାମିଦାକୁ କରିମ୍ ଟୋକା ହାତରେ ସମର୍ପିଦେବି ।

ଏ ଖବର ଯିଏ ଶୁଣିଲା ସେ ଭାରି ଖୁସୀ ହେଲା । ପଡ଼ିଶା ଲୋକେ ହାମିଦା ବୋଉକୁ ଖୁସ୍‌ଖବ୍‌ରି ପଠାଇଲେ, ବଧାଇ ଦେଲେ । କରିମ୍ ବିଚରା କେତେ ଧ୍ୟାନ ଧାରଣା ରଖି ହାମିଦା ପଛରେ ମଜ୍‌ନୁ ବନି ଗୋଡ଼େଇ ଥିଲା । ହାମିଦା ଥିଲା ତାର ପ୍ୟାର୍ । ଲାଇଲା । ତାର ଏଇ ମୋହବତ୍ ପାଇଁ ପାଖ ପଡ଼ିଶା ଭିତରେ ବଦ୍‌ନାମ ହୋଇ ଯାଇଥିଲା । ଜମିନ୍ ଆସ୍‌ମାନ ତାକୁ ଶୂନ୍ ଜଣା ଯାଉଥିଲା—କେବଳ ଦୀର୍ଘଶ୍ୱାସ ତା'ର ସମ୍ବଳ ଥିଲା । ଯା'ହେଉ, ହାମିଦା ବୋଉର ଏଇ ନିଷ୍ପତ୍ତି ବଡ଼ ଆଚ୍ଛା ହେଲା । ମଜ୍‌ନୁକୁ ଲୈଲୀ ଯୋଡ଼ି ମିଳିଯିବ । ଦୁହିଁଙ୍କ ଯାକର ପ୍ରାଣ ଥଣ୍ଡା ହେବ ।

ତେଣେ ହାମିଦାବୋଉ 'ଶାଦି' ଖର୍ଚ୍ଚ'ର ବଜେଟ ତିଆରି କରି ବସିଲା—ଅଶୀଗଜ କଂଖାପ୍ କନା, ଶହେ ଅଶୀଗଜ ତଞ୍ଜେବ୍, ଅଠର ବସ୍ତା ଗହମ୍, କୋଡ଼ିଏ ବସ୍ତା ଚାଉଳ, ପନ୍ଦର ଟିଣ ଘିଅ, ଦୁଇ ଡର୍ଜନ ମୁର୍ଗୀ··· ।

ବଜେଟ ତ ତିଆରି ହୋଇଗଲା, ସାଇ ପଡ଼ିଶାର ଲୋକେ ବି ତାକୁ ପାଶ୍ କରିଦେଲେ । ଏଣେ କିନ୍ତୁ କଣ୍ଟ୍ରୋଲ ବଜାର । ହାମିଦାବୋଉ ବୋରୁଖାତଳେ ପାଦ ଚପି ଚପି ମାଲ-

Digitized by srujanika@gmail.com

ଗୋଦାମରେ ପହଞ୍ଚି ଦେଖିଲା ଯେ, ପାଇକାରୀ ବେପାରୀଙ୍କ ଭିଡ଼ରେ ହାଟ ବସି ଯାଇଛି । ଗୁଡ଼ଲଗୋଦାମ ବାଲା ଦୋକାନ ବନ୍ଦକରି ଶୋଇଛି, ମାତ୍ରଆଡ଼ ଗହମ ବେପାରୀ ଗୋଦାମ ଆଗରେ ଖଟ ପକାଇ ବସିଛି । ବାରକ ଟୋକାଟାଏ ପାଆକଆ କଂସା ଗିନାରେ ଗିନାଏ ତେଲ ଧରି ତା' ପେଟରେ ମର୍ଦ୍ଦନ ଚଳାଇଛି । ଆଉ କେଉଁଠି ପାଟିତୁଣ୍ଡର ବଚସା ହେଉ ହେଉ ହାତ ବ ଉଠି ଯାଉଛି । ଏ ଦୃଶ୍ୟରେ ହାମିଦାବୋଲ୍ ଉଡ଼ିକ ଗଲା । ଏଇ ଭିଡ଼ର ଧକ୍କାରେ ତାର ହାଡ଼ ମାଉଁସ ପଲକ ରହିବ କ ନାହିଁ କେଜାଣି !— ହାୟ ଖୁଦା, ମୁଁ ଏବେ କଣ କରିବି ?

ଗଭୀର ଅନ୍ଧକାରରେ ବିଦ୍ୟୁତ୍ ଝଲକ ଭଳି ହଠାତ୍ କରିମ୍ ତା' ନଜରରେ ପଡ଼ିଲା । କରିମ୍ ମନ ଖୁସିରେ ବଳଦ ଗାଡ଼ିଟାକୁ ସଜଳ କରି ଦିଥର ଯାଗାରେ ଗୁରିଥର ଚଳାଉଛି—ମାଲଗୋଦାମରୁ ଚଉଧୁରୀବଜାର, ଚଉଧୁରୀବଜାରରୁ ମାଲଗୋଦାମ । ଗାଡ଼ି ବୋଝେଇ ପାଇଁ ମାଲ ମିଳୁ ନ ମିଳୁ ସେଥିକୁ ତାର ପରବାଏ ନାହିଁ । ହାମିଦାବୋଉ ତା ପାଖକୁ ଯାଇ ସକସକ ହୋଇ କହିଲା—ଏ ଖୁସିବାସିଆ ଶାଢ଼ୀ ହେବନାହିଁ ଯେ, ଆପଦ ଆସିଗଲା । କହୁଛି ବୋଲି ଜନସ ମିଳୁ ନାହିଁ ବେଟା । ତୁ ଟିକଏ ଦେଖ, ମଦଦ୍ କର—ତୋର ଶାଢ଼ୀରେ ତ ଲାଗିବ । ଶୁକ୍ର ଆଲ୍ଲାର୍ ରହିବ ।

କରିମ୍ ଯେମିତ ଆକାଶରୁ ଖସି ପଡ଼ିଲା । ସେ ଆଖି ଡୋଳା ଯୋଡ଼ାକ ତାକୁରେ ଖୋସି ପଗ୍ଭରିଲା—ତୁ କ'ଣ କହୁଛୁ ଅମ୍ମାଜାନ୍, ମୁଁ ଏଇ ଭିଡ଼ରେ ପଶି ଗହମ କଣି ଆଣିବି ?

Digitized by srujanika@gmail.com

ହଁ ବେଟା, ବେଶିନାହିଁ, ଜମା ଅଠର ବସ୍ତା ।

ଅଠର ବସ୍ତା ! ଶୁଣିଲାକ୍ଷଣି କରିମ୍‌ର ଚକାଡୋଳା ଭିତରେ ଅଠର ହଜାର ତାରା ନାଚି ଉଠିଲେ । ଆକାଶକୁ ଗୋଟାଏ ଧୁସି ମାରିଦେଇ ଚାଲି ଆସିବା ସହଜ, କିନ୍ତୁ ଅଠର ବସ୍ତା ଗହମ କିଣି ଆଣିବା ତାଠୁ ବଳିବ କଠିନ କାମ । ଝାଳନାଳ ହୋଇ କରିମ୍ ଜବାବ ଦେଲା—ଅମ୍ମାଜାନ୍, ଏ ତ ଅସମ୍ଭବ କଥା ! ପାଞ୍ଚ ଦଶ ସେର କଥା ହୋଇଥିଲେ ତ କହ, ମୁଁ ଲେଙ୍ଗୁଟି ଭିଡ଼ି ହାମିଦାର ନାମ ନେଇ ଭିଡ଼ ଭିତରେ ଗଳି ଯିବି ଆଉ ପାଞ୍ଚ ସେର ଗହମ ନେଇ ଫେରିବି ।

ହାମିଦାବୋଉ କହିଲା—ଲେକିନ ବେଟା, ଏ ଶାଦୀ କଥା । ଅଠର ବସ୍ତାରୁ କମ୍‌ରେ ତ କାମ ଚଳିବ ନାହିଁ !

କରିମ୍ ଗୋଟାଏ ଦୀର୍ଘଶ୍ୱାସ ଟାଣି ଜବାବ ଦେଲା—ଏବେ ଶାଦୀ ହେଉ ବା ନହେଉ, କିନ୍ତୁ ତୋତେ ଅଠର ବସ୍ତା ଗହମ କେମିତି ହେଲେ ମିଳିବ ନାହିଁ । ପରମିଟ କାଟିଲେ ଯାଇ ଯା' ହେବ !

କରିମ୍ କଥାରେ ହାମିଦାବୋଉର ହିମତ ଭାଙ୍ଗିଗଲା । ଆଖି ଯୋଡ଼ାକ ଛଳ ଛଳ କରି କହିଲା—ତା'ହେଲେ ତୁ କଣ ଚାହୁଁନୁ ଏଇ ଗହମ ପାଇଁ ହାମିଦା ସାଙ୍ଗରେ ତୋର ଶାଦୀ ମୁଁ ନାମଞ୍ଜୁର କରି ଦେବି ?

କରିମ୍ କହିଲା— ମୁଁ ତ ତାହା ଚାହୁଁନାହିଁ । କିନ୍ତୁ ଅମ୍ମାଜାନ୍, ଗହମ ପାଇଁ ମୁଁ ନାଚାର ।

ତା'ହେଲେ ଏ ଶାଦୀ ହେବ ନାହିଁ ?

Digitized by srujanika@gmail.com

ଶାଢ଼ୀ କାହିଁକି ହେବ ନାହିଁ ? କିନ୍ତୁ ଶାଢ଼ୀରେ ଗହମ ହେବ ନାହିଁ ।

ମୁଁ କହୁଛି, ଗହମ ବିନା ଶାଢ଼ୀ ହୋଇ ପାରିବ ନାହିଁ ।

ତେବେ ତ ମୁସ୍କିଲ !

ତୁ କିଛି କରି ପାରିବୁ ନାହିଁ ?

ଏଇ ମାମଲାରେ ମୁଁ କଣ ବା କରି ପାରନ୍ତି ?

ହାମିଦାବୋଉ ଆଖିରୁ ଲୁହ ଗଡ଼ି ପଡ଼ିଲା । ସାଇ ପଡ଼ିଶା ଆଗରେ ସେ କେମିତି ମୁହଁ ଦେଖାଇବ ? ଲୁଗାକାନିରେ ଆଖି କୋଣ ପୋଛି ସେ ପଛକୁ ଫେରିଲା ।

ସହରର ଲଫଙ୍ଗା ସର୍ଦ୍ଦାର ଷଣ୍ଢାମାର୍କା ଜୁଆନ୍ ଦୌଲତ ମିଆଁର ନଜର ତା' ଉପରେ ପଡ଼ିଲା । ହାମିଦାବୋଉ ପାଖରେ ପହଞ୍ଚି ସେ କଅଁଳେଇ ହୋଇ ପଚାରିଲା—କାନ୍ଦୁଛୁ କାହିଁକି ଅମ୍ମାଜାନ୍ ?

ହାମିଦାବୋଉ ଆହୁରି କଇଁ କଇଁ ହୋଇ କାନ୍ଦି ପକାଇ ସବୁକଥା କହିଗଲା । ସବୁ ଶୁଣି ସାରିଲା ପରେ ଦୌଲତ୍ ମିଆଁ ଛାତି ଉପରେ ହାତ ପିଟି କହିଲା—ଖୁଦା କସମ୍, ଏଇ କଥା ? ଏ ସବୁ ଯାକ ଜିନିଷ ମିଳିବା କଉ ଗୋଟାଏ ବଡ଼ କଥାଟେ ! ତୁ ଯାହା ଯାହା କହିବୁ ମୁଁ ସବୁ କିଣି ଦେଉଛି, ଲେକିନ୍ ଦୁନିଆ ଭିତରେ କରିମ୍ କଣ ଏକା ମନଲାଖି ପିଲା ଅଛି ? ମୁଁ ତ ହାମିଦା ପାଇଁ କେବେଠୁଁ ଫକୁର ହୋଇ ସାରିଲିଣି । ଲେକିନ୍ କରିମ୍ ଭଳି ମାଇଚିଆଗିରି କରି ଗାଇ ବଜାଇ ମୁଁ ହାସୁ ଖୁଦା, ହାସୁ

Digitized by srujanika@gmail.com

ଖୁଦା କରି ନାହିଁ । ଏବେ ତୁ ଦେଖ, ଯଦି ହାମିଦାର ଶାଦି ମୋ ସାଙ୍ଗରେ କରି ଦେଉଛ··· ।

ହଠାତ ଭଡ଼ ଠେଲି ଦୌଲତ ମିଆଁ ଗହମ ଗୋଦାମ ଆଗରେ ଯାଇ ଛିଡ଼ା ହେଲା । ଖଟ ଉପରୁ ତେଲ ଗିନାଟା ତଳକୁ ଫୋପାଡ଼ ଦେଇ କହିଲା—କେଉଁ ଗୋପାଲଚନ୍ଦ୍ର ସେଠିଆ, ହଁ'ଟା ଘୁଷି ପେଟରେ ବସିବ ନା ଅଠର ବସ୍ତା ଗହମ ବାହାର କରି ଦେବୁ ?

ମାରୁଆଡ଼ ସେଠ ତରକି ଯାଇ କହିଲା—ଆଁ, ଅଠରହ ବୋରା ? ଗେହୁଁ ?

ହଁ, ହଁ, ଅଠରରୁ ଧରି ଅଠରଶହ ବସ୍ତା ଗହମ ତୁ ଦେବୁ ବୁଝିଥା—ନ ହେଲେ ତୁ ଅଛୁ କି ମୁଁ ଅଛି, କହି ଦୌଲତ ମିଆଁ ମୁଁଛ ଉପରେ ହାତ ପକାଇଲା ।

ଗୋପାଲଚନ୍ଦ୍ର ଖଟରୁ ଉଠି ଆସି ଦୌଲତର ହାତ ଯୋଡ଼ାକ ଧରି ପକାଇ ତା' କାନ ପାଖରେ ଫୁସ ଫୁସ୍ କରି କହିଲା— ଆରେ ଦାଦା, ତୋର ଯାହା ଯାହା ଦରକାର, ହାମକୁ ଗୋଟାଏ ତାଲିକା କରି ଦେଇ ଯା । ମୁଁ ସବୁ ସାମାନ୍ ଯେଉଁଠି କହିବୁ ସଞ୍ଜବେଳକୁ ଅଲବତ୍ ପହଞ୍ଚାଇ ଦେବ । ଦାମ ପାଇଁ କିଛି ଫିକର କରନା । ହାଁ ଭାୟା, ବୁଝିଲୁ !

ସେଇଦିନ ସଞ୍ଜବେଳକୁ କରିମ୍‌ର ବଳଦଗାଡ଼ିରେ ଗହମ, ଚାଉଳ, ଲୁଗା, ଘିଅ ଆହୁରି କେତେ କଣ ଲଦି ଗୋପାଲଚନ୍ଦ୍ରର ମୁନିବ ହାମିଦାବୋଉ ଘରେ ଆଣି ପହଞ୍ଚାଇ ଦେଇଗଲା ।

Digitized by srujanika@gmail.com

ତା' ପରଦିନ ଖବର ପାଇଲ, ଢାମିଦାର ବାହ୍ୟାଘର ସେଇ ଦୌଲତ ମିଆଁ ସାଙ୍ଗରେ ହେଉଛି । କରମ୍ ବଡଗ୍ନ ନଗ୍ନଣ ଢୋଇ ରଂରୁଟ୍ ଅଫିସରେ ଯାଇ ନାଁ ଲେଖାଇ ଦେଲା ।

ଗସ୍ମା
୧୯୪୫

Digitized by srujanika@gmail.com

ସାକ୍ଷୀଥିଲା ସଂଧ୍ୟାତାରା★★★★★★★★★★★★★★★★

ସାତଟି ବର୍ଷ ପରେ ସବିତା ଦିଲ୍ଲୀରୁ ଆପଣା ଗାଁକୁ ଫେରି ଆସିଛି—କଆବଣ, ଆମ୍ବତୋଟା, ଗଡ଼ିଆ ଆଉ ଖେତଖମାର, ମଶାମାଛି, ବାଉଁଶବଣ ଘେରା ଏଇ ତାର ଗାଁ ଓଡ଼ଲଙ୍ଗ । ଏଇ ସାତଟା ବର୍ଷ ଭିତରେ ଗାଁ ଖଣ୍ଡିକର ଏତେ ପରିବର୍ତ୍ତନ ଯେ ହୋଇ ଯାଇଥିବ—ତା' ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ପାରି ନ ଥିଲା ସେ । ଅବଶ୍ୟ ଏଥି ମଧ୍ୟରେ ତା'ର ଦେହ ଓ ମନ ଉପରେ କମ୍ ଝଡ଼ ଝଞ୍ଜା ବହି ଯାଇ ନାହିଁ ।

କାଲି ସକାଳ ଓଳଟା ଯାକ ସେ ତାର ପୂର୍ବ ପରିଚିତ ସ୍ଥାନ ଗୁଡ଼ିକ ବୁଲି ବୁଲି ଦେଖି ଆସିଛି । କେଉଁଠି ବା କେତେବେଳ ଯାଏ ଛିଡ଼ା ହୋଇ କେତେ ପୂର୍ବ ସ୍ମୃତି ସ୍ମରଣ କରିଛି । ପରିଚିତଗଣ ତା' ସାଙ୍ଗରେ ଅତି ସ୍ନେହରେ ଆଳାପ କରିଛନ୍ତି ସତ—କିନ୍ତୁ କେଉଁଠି ହେଲେ ସେ ମନର ସହଜ ସୁରଟିକୁ ଖୋଜି ପାଇ ନାହିଁ ।

ଇଷ୍ଟେଟ ମେନେଜରଙ୍କ ବିରାଟ ମେଘନାଦ ପାଚେରୀ ଭାଙ୍ଗି ମାଟିରେ ମିଶି ଯାଇଛି । ସାତବର୍ଷ ତଳର ପ୍ରାଚୁର୍ଯ୍ୟ-ମଣ୍ଡିତ ଭବନ ଆଜି ଶ୍ରୀହୀନ । ରଥ ବଂଶର କୁଡ଼ିଆଟି ଯେଉଁଠି ଥିଲା, ଆଜି ସେଠାରେ କଂକ୍ରୀଟର ଦିତାଲା କୋଠା ଛିଡ଼ା ହୋଇଛି । ଏକମାତ୍ର କନ୍ୟା ରାଧା ଆଜି ପୁରୀ ଡାକ୍ତରଖାନାର ସେବିକା—ପ୍ରିୟଦର୍ଶିନୀ !

Digitized by srujanika@gmail.com

ଜଗନ୍ନାଥ କ୍ଷେତ୍ର କୁବେର ଭଣ୍ଡାର ଅନୁଗ୍ରହରେ ଦିନୁଦିନ ବୃଦ୍ଧି ଚୃଳିଛି—କ୍ଷୟୁ ଚିରଦିନ ପାଇଁ ଲୋପ ପାଇଛି । ଗାଁ ମୁଣ୍ଡର ଏକଦା ରୁଚି ଓ ଆଭିଜାତ୍ୟ ମଣ୍ଡିତ ପଞ୍ଚନାୟକ ଭବନ ଖଣ୍ଡିକ ଆଜି ଧରଣୀର ଧୂଳିକଣାରେ ନିଜକୁ ନିଃସ୍ୱ କରି ଲୋଟାଇ ଦେବାକୁ ଯେପରି ଉଦ୍ୟତ ହୋଇଛି । ଯେଉଁ ଗୋଟିଏ ଦୁଇଟି ବଖରା ବର୍ତ୍ତମାନ ସୁଦ୍ଧା ମୁଣ୍ଡଟେକି ରହିଛି—ତା'ବି ମଣିଷର ବାସଯୋଗ୍ୟ ନୁହେଁ । ତଥାପି ସେଠାରେ ମଣିଷର ଅସ୍ତିତ୍ୱ ପ୍ରମାଣ କରୁଛି—ଦୁଇ ପାଖର ଦୀର୍ଘ ତୃଣ ଓ ଗୁଳ୍ମଶ୍ରେଣୀ ମଝିର ସର୍ପିଳ ପଥରେଖା ଗୋଟିକ । ଏଇ ଶକ୍ତତା ଭିତରେ ନୂଆଦିଲ୍ଲୀ ଫେରନ୍ତା ସବିତାକୁ ବା ଭଲ ଲାଗିବ କେଉଁଠି !

ସେ ଦିନ ସବିତାର ଭାଇ ବିନୋଦ ଗାଁରୁ ବୁଲି ଆସି ଖଦଡ଼ ପଞ୍ଜାବିଟା ଦେହରୁ ଖୋଲୁ ଖୋଲୁ ଡାକିଲା—"ସବି !"

ସବିତା ଘର ଭିତରୁ ଜବାବ ଦେଇ ଦ୍ରୁତ ପଦକ୍ଷେପରେ ଆସି ଭାଇ ନିକଟରେ ଛିଡ଼ା ହେଲା—"ଉଃ, ଝାଳରେ ଏକାବେଳେକେ ଭିଜି ଯାଇଛ ଯେ"—କହି ସେ ପାଖ ଟେବୁଲ ଉପରୁ ହାତ ପଙ୍ଖାଟା ଉଠାଇ ନେଇ ବିନୋଦକୁ ପଙ୍ଖା କଲା ।

ବିନୋଦ ତା' ହାତରୁ ପଙ୍ଖାଟା ଛଡ଼ାଇ ନେଇ କହିଲା—"ହଉ, ବହୁତ ହେଲା ! ଦେ, ଏଇ କାମଟିକିକ ମୁଁ ନିଜେ କରି ପାରିବି ।"

ସବିତା ତାର ଭାଇକୁ ଭଲ କରି ଚିହ୍ନେ । ସେ ଜାଣେ, ଏଠାରେ ଆଉ କୌଣସି କଥା ଚଳିବ ନାହିଁ । ତଥାପି କିଛିକ୍ଷଣ ନୀରବ ରହି ପଚାରିଲା—"ଭାଇ, ତମ ପାଇଁ ସରବତ କରିବି ନା ଚା' ?"

Digitized by srujanika@gmail.com

ବିନୋଦ କାଠ ଚେୟାରଟା ଉପରେ ବସୁ ବସୁ କହିଲା—"ଏଇଲଗେ ଥାଉ ।" ପର ମୁହୂର୍ତ୍ତରେ ସବିତା ଆଡ଼କୁ ଚାହିଁ ଟିକିଏ ରାଗିଯାଇ କହିଲା—"ତୁ ଦିନଯାକ ଘର କୋଣରେ ମଫସଲ ନୂଆବୋହୂ ପରି ପଡ଼ିଥିବୁ ନା କଣ ? ଟିକିଏ ବାହାରକୁ ଯାଇ ବୁଲିବୁଲି କରି ଆସିଲେ ହୁଅନ୍ତା ନାହିଁ !"

ସବିତା ଜବାବ ଦେଲା, "ହୁଅନ୍ତା ଯେ, କିନ୍ତୁ ରନ୍ଧା ବଢ଼ା ଆଉ ଘରକାମ କରିବ କିଏ ?"

ବିନୋଦ ସବିତାକୁ ପାଖକୁ ଟାଣି ନେଇ ତା' ପିଠିରେ ପରମ ସ୍ନେହରେ ହାତ ବୁଲାଇ ବୁଲାଇ କହିଲା—"ସବି, ତୋର ବଡ଼ କଷ୍ଟ ହେଉଛି—ନାଇଁରେ ? ଭାବୁଛି, ପାଣୁଆମା ବୁଢ଼ୀକୁ ଏଠିରେ କହି ଦେଖିବି ! ସେ ଯଦି...... "

ତା' କଥାରେ ବାଧା ଦେଇ ସବିତା ହସି ଉଠି କହିଲା—"ଭାଇ, ତମେ କଣ ପାଗଳ ହେଲ ? ମୁଁ ଯେମିତି ରାନ୍ଧିବାକୁ ଡରୁଛି !"

"ତା ହେଲେ ?"

"ବାହାରେ ବୁଲିବାକୁ ମୋତେ କାହିଁକି ଜମା ଭଲ ଲାଗୁ ନାହିଁ । ଏଇ କେତେଦିନ ତ ବେଶ୍ ବୁଲିଲି—ଖାଲି ବଣ ଆଉ ଜଙ୍ଗଲ !"

ବିନୋଦ ନୀରବରେ ବସି ରହିଲା । ଗଭୀର ଚିନ୍ତାରେ ତାର ଭ୍ରୂ ଦୁଇଟି ଟିକିଏ କୁଞ୍ଚିତ ହୋଇ ଉଠିଲା । ସେ ଭାବୁଥିଲା, ଆପଣାର ସତେଇଶଟି ବର୍ଷ ଜୀବନର କଥା । କେତେ ଆଶାର ଆଲୋକ ଆଜି ସ୍ୱପ୍ନରେ ପରିଣତ ହୋଇଛି । ଜୀବନର ପରିଧି କେଡ଼େ ସଂକୀର୍ଣ୍ଣ ଆଜି;—ତଥାପି ତାକୁ ଆପଣାର ଅଭାବିତ

Digitized by srujanika@gmail.com

ପଥରେ ନିର୍ବିକାର ଭାବରେ ଚାଲିବାକୁ ପଡ଼ିବ । ବ୍ୟର୍ଥତା ? — ସେ ତାକୁ ଦିନେ ମୋହଗ୍ରସ୍ତ କରିଥିଲା ସତ ! ପିଲାଟି ଦିନରୁ ମା' ଗଲେ—ପୁଣି ବାପାଙ୍କ ମୃତ୍ୟୁ ପରର ଦିନଗୁଡ଼ିକ । …ତା' ପରେ ଆଜି ଭାଇ ଭଉଣୀ ଦିଓଟି ଯାକ ମିଳି ଜୀବନର ଦୀର୍ଘ ପଥରେ ପଥିକ ହୋଇଛନ୍ତି ! ଗଭୀର ଶୋକ କମ୍ବା ଦୁଃଖ ମଣିଷକୁ ଚିନ୍ତା କରିବାକୁ ପ୍ରକୃତରେ ଅବସର ଦିଏ, ଶିକ୍ଷା ଦିଏ … ସେ ଆପଣା ଅନ୍ତର ଭିତରେ ନୂତନ ପଥ ଖୋଜି ପାଏ । ସେ ପଥରେ ଯିଏ ଚେତନାର ଆଲୋକ ରଶ୍ମି ବିକିରଣ କରେ, ତାକୁଇ ବନ୍ଧୁ ଭାବରେ ବରଣ କରି ନେବାକୁ ତାର ଦେରି ହୁଏ ନାହିଁ ! ସବିତାକୁ ସେ କେତେ ସ୍ନେହ କରେ—ବିଶେଷତଃ ତାର ବାପର ମୃତ୍ୟୁ ପରେ । ଆଜି ସବିତା ତା' ସାଙ୍ଗରେ ସମତାଳରେ ଚାଲିଛି— ଜୀବନର ବୃହତ୍ତର କ୍ଷେତ୍ରର ସନ୍ଧାନରେ । ସବିତାର ଉତ୍ସାହରେ କେବଳ ସେ ଗାଁକୁ ଫେରିଛି । କଠୋର ତାର ଅନ୍ତର—ହୁଏତ ଦୂରର ସେଇ ରୌଦ୍ରଦଗ୍ଧ ପ୍ରାନ୍ତର ଭଳି । ପୁଞ୍ଜୀଭୂତ ବେଦନା-ଭାରରେ କେତେବେଳେ ଟିକିଏ ସ୍ନେହଛାୟାର ଆଶ୍ରୟ ସେ ଚାହେଁ ! କିନ୍ତୁ ସେ କାମନା ତା'ର କ୍ଷଣକ ପାଇଁ ।

"ଭାଇ, କଣ ଭାବୁଛ ?"

ବିନୋଦ ତାର ଚିନ୍ତାରାଶି ଭିତରୁ ଆପଣାକୁ ବିଚ୍ଛିନ୍ନ କରି କହିଲା—"ଉଃ, କାହିଁ ? କିଛି ନୁହେ ତ !"—ତା' ପରେ ଟିକିଏ ରହି କହିଲା, "ଆଜି ମୋଟଗାଁ ଯାଇଥିଲି । ଗ୍ରେଟ ଗାଁ ଖଣ୍ଡିକ । ପଚିଶ ଷାଠିଏ ଘର ବସ୍ତି । କିନ୍ତୁ ସେମାନଙ୍କର କି ଶୋଚନୀୟ ଅବସ୍ଥା ! ମୁଁ ଡାକ୍ତର ବୋଲି ଶୁଣି, ଗୋଟିଏ ବୁଢ଼ା ମୋତେ ତା' ଘରକୁ ଡାକି ନେଇଗଲା । ବାଟରେ ଯାଉ ଯାଉ

Digitized by srujanika@gmail.com

କହିଲ—ବାବୁ, ଆପଣଙ୍କ ସଲମିତ ଦେଇ ପାରିବ ନାହିଁ ଆଜ୍ଞା ! ମୁଁ ତାକୁ ଆଶ୍ୱାସନା ଦେଇ ତା' ସାଙ୍ଗରେ ଗଲି । ଦୁଇତିନ ବଖରା ନୂଆଁଣିଆ ଘର ଘର ଘେରା ସାନ ଅଗଣା ଖଣ୍ଡିକରେ ପାଦ ଦେଲାକ୍ଷଣି ସେ କହିଲା—କଣ ଦେଖୁଛନ୍ତି ଆଜ୍ଞା ? ସବୁ ଗଲା । ଏଥର ଘରରେ ଯେ ଦ'ଖଣ୍ଡ ନଡ଼ା ଆସି ପଡ଼ିବ, ସେ ଭରସା ଆଉ ନାହିଁ—ଦେବତା ବି କର୍ମକୁ ବାଦ ସାଧିଲେ ।

"ମୁଁ ବି ସେଇଆ ଦେଖୁଥିଲି—ତା' କଥା ଅକ୍ଷରେ ଅକ୍ଷରେ ସତ । ଅଗଣା କୋଣର ଧାନ ବେଳଆଟା ଖାଲି ପଡ଼ିଛି । ଘର ଉପରେ ଘର ଗୁଡ଼ାକ ଦୁଏତ ଗତ ଝଡ଼ରେ ଶେଷ ପାଇଛି । ଘର ଭିତରକୁ ପଶି ଦେଖିଲି—ଗୋଟିଏ ଚନ୍ଦର ଷୋହଳ ବର୍ଷର ଝିଅ ଜରରେ ପଡ଼ି କମ୍ପୁଛି । ବେଖ୍ରମ ସେମିତି ଫାଧାତକ ଲୁହେ—ମେଲେରିଆ । ତାର ଔଷଧପତ୍ରର ବ୍ୟବସ୍ଥା କରି ଦେଇ ଆସିଲି ।"

ସବିତା ଏକ ଧ୍ୟାନରେ ବିନୋଦର କଥା ଗୁଡ଼ାକ ଶୁଣି ଯାଉଥିଲା । ଏଥର ସେ ପଚାରିଲା—"ଏଠାରେ କଣ ଆଉ ଡାକ୍ତର ନାହାନ୍ତି ?"

"ନଥାନ୍ତେ କାହିଁକି ? ଏଇତ ଡାକ୍ତର ମଦନ ସାହୁ ଅଛନ୍ତି । ଶୁଣିଲି ଯେ, ହାତରେ ସେ ଆଗ ଫିସ ନ ଧରିଲେ କାହାଘର ଦୁଆର ମାଡ଼ନ୍ତି ନାହିଁ । ଯେ ସେତକ ଦେଇ ପାରେ ନାହିଁ—ସେ କୋତରା ଘୋଡ଼ି ହୋଇ ରୋଗରେ ସଡ଼େ । ମୁଁ ଗାଁକୁ ଫେରିଲା ଦିନଠୁ ଭଦ୍ରଲୋକ ଖୁବ୍ ଡରି ଯାଇଛି । ତା' ନ ହେଲେ ମୋ ନାଁରେ ଏତେ ଅପବାଦ ସୃଷ୍ଟି କରୁଛି କିଏ !

Digitized by srujanika@gmail.com

"ତୁମେ ଏ ସବୁ ଜାଣି ମଧ୍ୟ ଚୁପ କରି ରହିଛ କାହିଁକି ଭାଇ ! ମୁଁ ହେଲେ ତ ଦେଖି ଦିଅନ୍ତି ଥରେ—ସେ ମଦନ ସାନ୍ତରିଙ୍କୁ ।"

"ଖୁବ ହୋଇଛି ସଖି !···ତାଙ୍କୁ ଏ ଖଣ୍ଡ ମଣ୍ଡଳରେ ନ ଚିହ୍ନେ କିଏ ? ସେଦିନ ତରିବୋଇରୁ ଫେରୁଛି—ବାଟରେ ରଙ୍ଗିଆ ମହାନ୍ତି ସାଙ୍ଗରେ ଦେଖା ହେଲା । ବାଟ ଚାଲୁ ଚାଲୁ ସେ ନାନା କଥା ଗପି ଶେଷକୁ ଚୁପ୍ ଚୁପ୍ କରି କହିଲା—ନାତି, ଟିକିଏ ବାଟ ସମ୍ଭାଳି ଚାଲିବୁ—ମଦନା ସବୁବେଳେ ତୋ ପଛରେ ଲାଗିଛି ! ତା' କଥା ଶୁଣି ମୁଁ ତ ଠୋ ଠୋ ହୋଇ ହସି ଉଠିଲି । ମୋର ହସ ଦେଖି ରଙ୍ଗିଆ ଅଜା ପ୍ରଥମେ ଟିକିଏ ଭଡ଼କିଗଲା, ତାପରେ କହିଲା—ଆରେ, ଆମେ ଥାଉ ଥାଉ କେହି ତୋର ଚୂଟି କେଶକରେ ହାତ ଲଗାଇ ପାରିବ ନାହିଁରେ ! ସେ ଡାକ୍ତର ତ ନୁହେ—ସାକ୍ଷାତ ଯମ, ଏକ ନମ୍ବର ସଇତାନ୍ । ମୋ ଟୋକାଟା ସେଥର ବେରାମ ପଡ଼ିବାରୁ ତାକୁ ଡାକି ଆଣିଥିଲି । ନିତି ଆସେ ଆଉ ଫିସ୍ ଟଙ୍କାଟା ଆଦାୟ କରି ନିଏ—ଏଣେ ଟୋକାଟାର ରୋଗ ମଧ୍ୟ ବଢ଼ୁଥାଏ । କଣ କରିବି ! —ଶେଷରେ ନିଜେ ଦିନେ ଖୁରଧା ଚାଲିଗଲି—ଡାକି ଆଣିଲି ସର୍ଜନ ଡାକ୍ତରଙ୍କୁ । ସେ ଆସି ପଚାରିଲେ—କି ଔଷଧ ଚାଲିଛି ଦେଖେ ? ଔଷଧର କାଗଜପତ୍ର ଆଉ ବୋତଲ ଦେଖି ସେ ମୁହଁ ଫଣ ଫଣ କରି କହିଲେ, ଏତ ରଙ୍ଗପାଣି—ଔଷଧ କାହିଁ ! ମୁଁ ତ ଏକାବେଳେକେ ଦାରୁଭୂତ ମୁରାରି । ଡାକ୍ତର ନାଁ ଯେମିତି କହିଛି, ସେମିତି ସେ ଇଂରେଜିରେ କଣ ଗୁଡ଼ାଏ ବଡ଼ ବଡ଼ କରି ତାକେ ବକିଗଲେ । ସେ ଔଷଧ ଲେଖିଦେଇ ଚାଲିଗଲେ—ସେଇ ଔଷଧ ଆଣି ଖୁଆଇବାରୁ ଯାଇ ଟୋକାଟା ଭଲ ହେଲା ।

Digitized by srujanika@gmail.com

ନ ହେଲେ ତ ମୋ ଭେଳା ବୁଡ଼ି ଥାଆନ୍ତା ! ଏକଥା ସେ ମଦନା ଯେମିତ ଶୁଣିଛି, ମୋ ଉପରେ ଭାରି ଖପା । ମୋ ମୁହଁ ଦେଖିଲେ ସେ ବାଟ ବୁଲି ଯାଉଛି । ··· ଏଇଥିରୁ ବୁଝି ନେ ସବି, ଏଠା ହାଲ । ମୁଁ ତ ଉଇଁଆ ଅଜା କଥା ଶୁଣି କାଠ ହୋଇ ରହିଲି ।" କଥା ଗୁଡ଼ାକ କହୁ କହୁ ବନୋଦର ଗୋରା ତକ୍ ତକ ମୁହଁ ଖଣ୍ଡିକ ଉପରେ ବେଦନାର କୃଷ୍ଣଚ୍ଛାୟା ଘନାଇ ଆସିଲା ।

ସବିତା ଘର ଛାଡ଼ି ବାହାରକୁ ଚାଲିଗଲା । କିଛିକ୍ଷଣ ପରେ ହାତରେ ସରବତ ଗ୍ଲାସ ଧରି ଫେରି ଆସି ଦେଖିଲା—ଭାଇ ତାର ସେତେବେଳ ସୁଦ୍ଧା ଚିନ୍ତିତ ମନରେ ବସି ରହିଛି ।

ବନୋଦ ସିଧା ହୋଇ ଉଠି ବସିଲା । ସବିତା ହାତରୁ ଗ୍ଲାସ ନେଇ ପରମ ତୃପ୍ତିରେ ସରବତଟିକ ପିଇ ଦେଲା । ତା'ପରେ ଚୌକିରୁ ଉଠ ଛିଡ଼ା ହୋଇ କହିଲା—"ଶୁଣିଛୁ ସବି, ଆଜି ବାଟରେ ସଞ୍ଜୟ ସାଙ୍ଗରେ ଦେଖା ହେଲା—ତୋ କଥା ସେ ପଚାରୁଥିଲା ।"

ସଞ୍ଜୟର ନାଁ ଶୁଣି ସବିତାର ହୃଦୟ ଭିତରଟା କ୍ଷଣିକ ପାଇଁ ଥରେ ଦୋହଲି ଉଠିଲା ଆନନ୍ଦର ଉଚ୍ଛ୍ୱାସରେ । ସେ କହିଲା, "ତାଙ୍କୁ ଆମ ଘରକୁ ଡାକି ଆଣିଲ ନାହିଁ କାହିଁକି ?—ବହୁଦିନ ହେଲା ସଞ୍ଜୟ ଭାଇଙ୍କୁ ଦେଖି ନାହିଁ !"

ବନୋଦ ଟିକିଏ ହସି କହିଲା—"ସେ ଆପଣା ଛାଏଁ ଦିନେ ଆସିବ ବୋଲି କହୁଥିଲା । ହଉ, ତୁ ଏଥର ଗଲୁ, ପେଟ ପାଟଣା କଥା ବୁଝ୍—ଆଉ ମୁଁ ବି ଟିକିଏ ଆପଣା କାମ ସାରି ନଏ—" କହି ସେ ଟେବୁଲ ଉପର କାଗଜପତ୍ର ଖେଳାଇ ସେଥିରେ ମନୋନିବେଶ କଲା ।

Digitized by srujanika@gmail.com

ସବିତା ଆନନ୍ଦୋଜ୍ଜ୍ୱଳ ମୁହଁ ଖଣ୍ଡିକ ଦେଖ ଗୋଡେଇ ଘରକୁ ଚାଲିଗଲା ।

ପଟ୍ଟନାୟକ ଘରର ଶେଷ ବଂଶଧର ସଞ୍ଜୟ । କେତୋଟି ବର୍ଷ ବରୋଦାରେ କଟାଇ ଏଥର ଫେରିଛି ଆପଣା ପୈତୃକ ବାସଭୂମିକୁ । ଆସି ଦେଖିଲା, କପୋତମାନେ ଦଲାଣ ଫାଟରେ ଚଢ଼େଇ ବସା ବାନ୍ଧିଛନ୍ତି—ଚେମେଣିଆ ଆଉ ଘରଚଟିଆ । ଭଣ୍ଡାର ଘର ଛାତ ଖସି ପଡ଼ିଛି—ତା'ର ଭିତରୁ ମୁଣ୍ଡଟେକି ଉଠିଛି ଅଶ୍ୱତ୍ଥର ଶିଶୁବୃକ୍ଷ ! ତା'ର ସବୁଜ ପଲ୍ଲବଦଳ ବତାସରେ ଡେଉଁ ଖେଳ ଯେପରି ଏଇ ଭଗ୍ନସ୍ତୂପ ଆଡ଼କୁ ଚାହିଁ ହସୁଛି । ଅନ୍ତଃପୁର ମଧ୍ୟ ଅକ୍ଷତ ହୋଇ ଆଉ ନାହିଁ । ଯେଉଁ ଦୁଇଟି ବାହାର କୋଠରୀ ବର୍ତ୍ତମାନ ସୁଦ୍ଧା ଛିଡ଼ା ହୋଇ ରହିଛି, ସେଇଥିରୁ ଗୋଟିକରେ ସେ ଆଶ୍ରୟ ନେଇଛି—ଅନ୍ୟଟିରେ ରହୁଛି ତାର ଗୋସେଇଁ-ବାପା ଅମଳର ଚାକର ଭାଗିରଥୀ । ବୁଢ଼ା ହୋଇଗଲାଣି, ତଥାପି ସେ ଏଇ ପ୍ରକାଣ୍ଡ ଘର ଖଣ୍ଡିକୁ ଜଗି ଏତେ ଦିନ ହେଲା ପଡ଼ିରହିଛି । ଦିନେ ଏଇ ଘରଟିରେ କେତେ ସମାରୋହ ଥିଲା—ପୂଜା ପାର୍ବଣ, ଆନନ୍ଦ କୋଳାହଳରେ ଗାଁ ଖଣ୍ଡିକୁ ମୁଖରିତ କରି ରଖିଥିଲା । ଆଜି ସେଇ ଘର ପାଖଦେଇ ସନ୍ଧ୍ୟାପରେ ଯିବାକୁ ଯିଏହେଲେ ଡରୁଛି । ଲୋକେ କହନ୍ତି, ଗଭିର ଅନ୍ଧକାରରେ ଘର ଭିତରେ ଯେପରି କିଏ ବୁଲବୁଲ କରୁଛି—କି ବସ୍ତୁର ସନ୍ଧାନରେ, କିଏ ଜାଣେ ! ସ୍ୱଚ୍ଛଆଡ଼େ ଲତାଗୁଳ୍ମ ଆଉ କଅାବୁଦା—ତାର ଭିତରେ ପଳିତକେଶ ଭାଗିରଥୀର ଯିବା ଆସିବା ବାଟ, ସେଇ ସର୍ପିଳ ଓ ସଂକୀର୍ଣ୍ଣ ପଥରେଖା ଗୋଟିକ ।

Digitized by srujanika@gmail.com

ସଞ୍ଜୟ ଏଠାରେ କିଛିଦିନ ରହିବ ବୋଲି ଆସିଥିଲା । କିନ୍ତୁ ଗାଁ ଲୋକଙ୍କର ଅନାତ୍ମୀୟତା ତାକୁ ଅହରହ ଦଂଶନ କରୁଥିଲା । ଅବଶ୍ୟ ଭଗିରଥୀ ବହୁ ଅନୁନୟ ବିନୟ କରି ତାକୁ କହିଛି—'ବଡ଼ବାବୁ, ତମେ ଏଠାରେ ଆସନ ଭିଡ଼ି ଜମି ବସିଲେ, ସବୁ ଆପେ ଆପେ ଠିକ୍ ହୋଇଯିବ ଯେ ।' କିନ୍ତୁ ସଞ୍ଜୟକୁ କିଛି ଭଲ ଲାଗୁନାହିଁ—ସେ କେବଳ ପୀଡ଼ିତ ଅନୁଭବ କରୁଛି । ଭଗୀରଥୀ ବା ଆଉ କରିବ କଣ !

ସେଦିନ ସକାଳେ ସଞ୍ଜୟ ଭଣ୍ଡାର ଘରର ଧସି ପଡ଼ିଥିବା ଛାତ ଉପର ଅଶ୍ୱତ୍‌ଥ ଶିଶୁଟି ଆଡ଼କୁ ଏକ ଲକ୍ଷ୍ୟରେ ଚାହିଁ ଭାବୁଥିଲା—ଏଇ ଖାନଦାନ ଘରର ପୂର୍ବ ଇତିହାସ । ଏତିକି ବେଳେ ପଛରୁ କାହାର ଡାକ ଶୁଭିଲା—'ସଞ୍ଜୟ ଭାଇ-'

ସଞ୍ଜୟ ହଠାତ୍ ବୁଲିପଡ଼ି ଦେଖିଲା ସବିତାକୁ । ମୁହଁରେ ତା'ର ସଲଜ୍ଜ ହସ, ଆଖିତଳେ ଏକ ଅଜ୍ଞାତ କୌତୂହଳର ଦୀପ୍ତି । ପ୍ରଥମେ ତାକୁ ଚିହ୍ନିବାକୁ ସଞ୍ଜୟର ଟିକିଏ ଡେରିହେଲା ନିଶ୍ଚୟ । ଏଇ ସେଇ ସବିତା ! ବିକଶିତ ଶତଦଳପରି ତା'ର ଲାବଣ୍ୟମଣ୍ଡିତ ମୁହଁ ଖଣ୍ଡିକ ଆଉ ସ୍ଥିର ସୌଦାମିନୀ ଭଳି ତାର ଯୌବନର ରୂପଶିଖା ଯେପରି ସଞ୍ଜୟର ଆଖି ଆଗରେ ଉଦ୍ଭାସିତ ହୋଇଉଠିଲା । କିନ୍ତୁ ତା'ର ଦେହର ରୂପଯୌବନ ଭିତରୁ ମଧ୍ୟ ତାର ଅନ୍ତରର ଗମ୍ଭୀର ପ୍ରଶାନ୍ତି ଯେପରି ଫୁଟି ପ୍ରକାଶ ପାଉଥିଲା । ସେ ରୂପରେ ଆଖି ଝଲସିଗଲା ଭଳି ଔଗ୍ରତା ନାହିଁ—ତେଣୁ ସଞ୍ଜୟର ଆଖି ଦୁଇଟି ଧୀରେ ଧୀରେ ସ୍ନିଗ୍ଧତାରେ ଭରି ଉଠିଲା ।

Digitized by srujanika@gmail.com

ସବିତା ଭାଇ ପାଖରୁ ତା'ର ସଞ୍ଜୟର ସବୁ ଖବର ପାଇଥିଲା । ତଥାପି ତାର ସେଇ ସ୍ୱାସ୍ଥ୍ୟପୂର୍ଣ୍ଣ ବଳିଷ୍ଠ ଦୀର୍ଘ ଦେହଆଡ଼କୁ ସେ ମୁଗ୍ଧ ହୋଇ ଚାହିଁ ରହିଲା । କ୍ଷଣକ ପାଇଁ ବିସ୍ମୟରେ ଦୁହେଁ ପରସ୍ପର ଆଡ଼କୁ ତନ୍ମୟ ହୋଇ ଚାହିଁ ଆପଣା ଅସ୍ତିତ୍ୱ ଯେପରି ଭୁଲିଗଲେ ।

ସବିତା ପ୍ରଥମ ହୋଇ ମୁହଁ ଖୋଲିଲା ସେ ମୃଦୁ ହସି କହିଲା—"କେତେ ବଡ଼ ହୋଇ ଯାଇଛ ତମେ—ରୂପର କି ପରିବର୍ତ୍ତନ ! ଠିକ୍ ସେ ଯୁଗର ଆର୍ଯ୍ୟାବର୍ତ୍ତର ଆର୍ଯ୍ୟ ଭଳି । ଭାଇଙ୍କ ପାଖରୁ ଏ ଖବର ଆଗରୁ ନ ଶୁଣିଥିଲେ ହୁଏତ ଚିହ୍ନି ପାରି ନଥାନ୍ତି ।"

ସଞ୍ଜୟ ତାର ଦୀର୍ଘ ଦେହ ଖଣ୍ଡିକୁ ଆହୁରି ଟିକିଏ ଉନ୍ନତ କରି ଛିଡ଼ା ହେଲା । ସବିତାର କଥା ଶୁଣି ଟିକିଏ ହସି ଦେଲା, ତା'ପରେ କହିଲା—"ସାତଟା ବର୍ଷ କିଣ କମ୍ ହେଲାଣି ? ଖାଲି କିଣ ଦେହର ପରିବର୍ତ୍ତନ ହୋଇଛି—ମନର ମଧ୍ୟ ! ତୁ ଯେତେବେଳେ ଏଠାରୁ ଗଲୁ, ସେତେବେଳେ ତତେ ବୋଧହୁଏ ବାର ପୂରି ତେର ଚାଲୁଥିଲା । ଆଜି ଆଜି ?—ତୋ ଆଡ଼କୁ ଚାହିଁ କଥା କହିବାକୁ ଯେପରି ସଂକୋଚ ଲାଗୁଛି !"

ସବିତା କିଛି କ୍ଷଣ ନୀରବ ରହି କହିଲା—"ଚାଲ ତୁମ ଘରେ ଯାଇ ବସିବା । ସେଦିନ ଏଇ ବାଟରେ ଚାଲିଗଲି—ତୁମେ ଆସିଛ ଜାଣିଥିଲେ ମୁଁ କିଣ ନ ଆସି ସେମିତି ଚାଲି ଯାଇ ଥାଆନ୍ତି ! ସେଥିରେ ପୁଣି ଚାରି ଆଡ଼େ ଯେଉଁ ବଣ ଜଙ୍ଗଲ !"

"ହଁ, ଠିକ୍ କହୁଛୁ—ଆଜି ଆଉ ଭିତରକୁ ଯାଇ କିଣ ହେବ ? ଆଉ ଦିନେ ଆସିବୁ । ଯା' ଭିତରେ ମୁଁ ଘରଟାକୁ

Digitized by srujanika@gmail.com

ଟିକିଏ ବାସଯୋଗ୍ୟ କରି ଦେଇ ପାରିବ, ତା'ପରେ ତାକେ ନିମନ୍ତ୍ରଣ କରିବ । ଆଜି ବରଂ ଚାଲ ତମ ଘରକୁ ଯିବା— ବିନୋଦ ସାଙ୍ଗରେ ମୁଁ ବି ଟିକିଏ ଦେଖା କରି ଆସିବି ।" ଏହା କହି ସଞ୍ଜୟ ସାମନା ବାଟ ଆଡ଼କୁ ଆଗେଇ ଗଲା ।

ସବିତା ମଧ୍ୟ ନୀରବରେ ତା' ପଛେ ପଛେ ଚାଲିଲା ।

ବାଟ ଉପରକୁ ଆସି ସଞ୍ଜୟ ପୁଣି କହିଲା—"ଏଠାରେ କଣ ରହିବାକୁ ଆସିଛିରେ ? କଣ କରିବ—କେବଳ ଯାଇ ପାରୁ ନାହିଁ ଏଇ ଭାଗିରଥୀ ବୁଢ଼ାଟା ପାଇଁ ! ପୁଣି ଚାଲିଯିବି ଶୁଣି ସେଦିନ ବୁଢ଼ାଟା ଯେଉଁ କାନ୍ଦିଲା । କାନ୍ଦି କାନ୍ଦି କହିଲା, ଯଦି ଚାଲିଯିବ ଯିବ ପଛକେ ଏଇ ମାସଟା ଯାକ ରହିଯାଅ । କଣ କରିବ, ତାର କଥା ମାନି ରହିଲି । ଏଥର ପୁଣି କହୁଛି—ରହିବ ଯେତେବେଳେ ଘର ଗୁଡ଼ାକୁ ଟିକିଏ ମରାମତି କରାଅ ।"

"ସେ ଆଉ କଣ ମନ୍ଦ କହିଲା କି ? ତୁମର ଘରଦ୍ୱାର, ତୁମେ ଯଦି ନ ରହିବ ତ କିଏ ଆଉ ରହିବାକୁ ଆସିବ ?"

"କହିବା ସହଜ ସବିତା । କିନ୍ତୁ ଗାଁରେ କାହା ସାଙ୍ଗରେ ପଦିଏ କଥା କହିବି କହିଲୁ ? ସଭିଏଁ ଯେପରି ମୋତେ ପର ମନେ କରି କରିଛଡ଼ା ଦେଉଛନ୍ତି । ଯା' ଅପେକ୍ଷା ବରୋଦାରେ ତ ବେଶ୍ ଅଛି । ଜୀବନର ବାକି ଅଂଶଟା ସେଇଠି କଟାଇ ଦେଲେ ତ ଚଳିଯିବ ।"

ସବିତା ଟିକିଏ ଚୁପ୍ ରହି ପୁଣି ପଚାରିଲା—"ଏଯାକେ ତୁମ କଥାତ କିଛି ପଚାରିଲି ନାହିଁ ! ବରୋଦାରେ କଣ କରୁଛ ?"

"କରିବି ଆଉ କଣ ? ଗୋଟିଏ କଲେଜରେ ପ୍ରଫେସରୀ କରେ ଆଉ ଗୁଜରାଟୀ ପତ୍ର ପତ୍ରିକାରେ କଲମ ଚଳାଇ ଯଶ ଓ

Digitized by srujanika@gmail.com

ଜୀବିକା ବ'ଟା ଯାକ ଅର୍ଜନ କରେ । ମାସଟିଏ ଛୁଟି ନେଇ ହଠାତ୍ କଣ ମନେ ହେଲା ଏଠାକୁ ଚାଲି ଆସିଲି । ଛୁଟି ଶେଷ ହେଲେ ପୁଣି ଫେରିଯିବି । ଏଇଆ ହେଲା ମୋର ବର୍ତ୍ତମାନର ଜୀବନ ।"

ସହଜତା ବାଟ ଚାଲୁ ଚାଲୁ ଭାବୁଥିଲା—ସେଇ ଯୌବନ ଚାଞ୍ଚଲ୍ୟ କୁଆଡ଼େ ଗଲା ସଞ୍ଜୟ ଭାଇର ? କଥା ଭିତରେ ପୂର୍ବର ସେଇ ତେଜ, ସେଇ ଆନ୍ତରିକତା ତ ସେ ଆଉ ଖୋଜି ପାଉନାହିଁ !

ବହୁଦିନ ତଳର ଏକ ବିସ୍ମୃତ କାହାଣୀ ଆଜ ଏଇ ମୁହୂର୍ତ୍ତଟିରେ ତା'ର ମନେ ପଡ଼ିଗଲା । ସେଥର କୁଆଁର ପୁନେଇଁ ଦିନ ଦାଶପୋଖରୀକୁ ଗାଧୋଇବାକୁ ଯାଇଥିଲା ସେ । ପହିଁଲୁ ପହିଁଲୁ କଇଁଫୁଲ ଆଣିବାକୁ ଯାଇ ମଝି ଗଭୀରକୁ ଗଡ଼ିଆରେ ପଡ଼ିଗଲା । ସେତେବେଳକୁ ହାତ ଦୁଇଟି ତାର ଅବଶ ହୋଇ ଆସୁଥିଲା, ଗଳା ଶୁଖି ଯାଇଥିଲା । 'ବୋଉଲୋ' ବୋଲି ଚିତ୍କାର କରି ସେ କେତେ ଢୋକ ପାଣି ପିଇ ପକାଉଥିଲା—ଅତଳ ପାଣିରେ ବୁଡ଼ିଯିବା ପାଇଁ ଆଉ ବେଶୀ ଡେରି ନ ଥିଲା । ସେତିକବେଳେ ସଞ୍ଜୟ କେଉଁଠୁ ଧାଇଁ ଆସି ପୋଖରୀ ମଝିକୁ ଝାମ୍ପ ମାରି ତାକୁ କୂଳକୁ ଟାଣି ଆଣି ସାଷ୍ଟାଙ୍ଗ କରି ତାଙ୍କ ଘରେ ନେଇ ଛାଡ଼ି ଆସିଥିଲା । ସେଇ ମୃତ୍ୟୁର ବିଭୀଷିକା ଏବେ ସୁଦ୍ଧା ମନେପଡ଼ିଲେ ତାର ଛାତି ଭିତରଟା ଥରି ଉଠେ ।

ଏତେହେଁଯାକ ନୀରବରେ ବାଟ ଚାଲିଛନ୍ତି । ମହାପାତ୍ର ଘର ମଣ୍ଡପ ଚାଲି ପାର ହୋଇ ସଞ୍ଜୟ ତାକୁ ପଚାରିଲା,—"ତମେ ସବୁ କଣ ଏଥର ଗାଁରେ ରହିବ ?"

Digitized by srujanika@gmail.com

ସବିତା ଉତ୍ତର ଦେଲା—"ଭାଇଙ୍କର ତ ସେଇ ଇଚ୍ଛା। ଏଠାରେ ଡାକ୍ତରି ମଧ୍ୟ ଆରମ୍ଭ କରି ଦେଇଛନ୍ତି—ବେଶ୍ ଭଲ ଲାଗୁଛି ତାଙ୍କୁ। ଗାଁ ଲୋକେ ବି ତାଙ୍କୁ ସ୍ନେହ ଶ୍ରଦ୍ଧା କରୁଛନ୍ତି। ସେମାନଙ୍କ ଦୁଃଖ କଥା ତମେ ଭାଇଙ୍କ ମୁହଁରୁ ଶୁଣିବ ଯେ! ସତରେ ଏଇ ଗାଁ ଗଣ୍ଡାର ଲୋକଗୁଡ଼ିକ କେତେ ଦୁଃଖୀ କେତେ ଅସହାୟ! ଯାଙ୍କୁ ଛାଡ଼ି ଭାଇ ଆଉ କୁଆଡ଼େ ଯିବେ ନାହିଁ ବୋଲି କହୁଛନ୍ତି। ତା'ଛଡ଼ା ଆଉ କାହା ପାଇଁବା ଦିଲ୍ଲୀରେ ଯାଇ ରହିବୁ ?"

"କାହିଁକି, ତୋର ବାବା !"—

ସବିତାର ଆୟତ ଚକ୍ଷୁ ଦୁଇଟି ମୁହୂର୍ତ୍ତକେ ସଜଳ ହୋଇ ଉଠିଲା। ସେ ବାଷ୍ପରୁଦ୍ଧ କଣ୍ଠରେ କହିଲା—"ତୁମେ ଶୁଣିନାହିଁ ସଞ୍ଜୟ ଭାଇ ? ବାବା ଦେଢ଼ ବର୍ଷ ହେଲା ଆମକୁ ଛାଡ଼ି ଚିରଦିନ ପାଇଁ ଆଖି ବୁଜିଛନ୍ତି।"

ସଞ୍ଜୟ ବିସ୍ମିତ ସ୍ୱରରେ କହିଲା—"କାହିଁ, ବିନୋଦ ତ ମୋତେ ଏ କଥା ଟିକିଏ ବୋଲି ଆଶ୍ୱାସ ଦେଇ ନାହିଁ।"

ତିନିହେଁଯାକ ପୁଣି ନୀରବରେ ବାଟ ଚାଲିଲେ। ଏଥର ସେମାନେ ସବିତା ଘର ପାଖରେ ଆସି ପହଞ୍ଚିଛନ୍ତି, ବିନୋଦ ସେମାନଙ୍କୁ ଦେଖି ଘର ଭିତରୁ ବାହାରି ଆସିଲା। ତା' ପରେ ସଞ୍ଜୟର କାନ୍ଧରେ ହାତ ରଖି ତାକୁ ଟିକିଏ ହଲାଇ ଦେଇ ହସି ହସି କହିଲା,—"ଯା'ହେଉ, ସବୁ ତା' ହେଲେ ତତେ ଆବିଷ୍କାର କରି ପାରିଛି! ଗୁଜରାଟରୁ ପଳାଇମାନ ହୋଇ ଫେରି ସୁଦ୍ଧା ଯାହା ଘରପଶା ହୋଇଛୁ—ବାଃ ! ଥରେ ହେଲେ ଏଆଡ଼କୁ ଟିକିଏ ଆସି ପାରୁ ନାହଁ ?"

Digitized by srujanika@gmail.com

"ବେଶ୍ ହେଲା ବାବା, ଏଥର ଟିକଏ ଘର ଭିତରକୁ ଚାଲ । ବାହାରେ ଯା' ଖରା !"—କହି ସଞ୍ଜୟ ଘର ଭିତରକୁ ପଶିଗଲା ।

ଘାଇ ଭଉଣୀ ଦହେଁ ତାକୁ ଅନୁସରଣ କଲେ ।

ସଞ୍ଜ ଗଡ଼ିଯାଇଛି । ଶୁକ୍ଳା ଦଶମୀର ଜହ୍ନ ଆକାଶରେ ଉଠିଲାଣି । ତା'ର ଶୁଭ୍ର ଆଲୋକ ଝଞ୍ଜି ହୋଇ ପଡ଼ୁଛି ବଣବୁଦା, ଵିଲ ପଡ଼ିଆ ଆଉ ଗାଁର ସେଇ ନିର୍ଜ୍ଜନ ପଥ ଉପରେ । ମନେ ହେଉଛି ଯେପରି ସ୍ୱପ୍ନଜାଲରେ ଘେରା ଏଇ ମାଟିର ଧରଣୀ ! ତାର ଭିତରେ ସଞ୍ଜୟ, ବିନୋଦ ଓ ସବିତା ବାଟ ଚାଲୁ ଚାଲୁ ଗାଁ ମୁଣ୍ଡର ନଦୀ କୂଳର ଗୋଟିଏ ବାଲିକୁଦ ଉପରେ ଆସି ବସିଲେ । ତଳରେ ନୀଳ-ସବୁଜ ମିଶାମିଶି ଗୋଟିଏ କ୍ଷୀଣ ଜଳସ୍ରୋତ କୌଣସି ପ୍ରକାରେ ନଦୀର ଅସ୍ତିତ୍ୱ ବଜାୟ ରଖି ଚାଲିଛି ।

ବିନୋଦ ବସୁ ବସୁ କହିଲା "ଦେଖ୍ ସଞ୍ଜୟ, ଏଇ ନଦୀର ଅବସ୍ଥା କଣ ! ଦିନେ ପୁଣି ଏଠାରେ ବଡ଼ ବଡ଼ ନୌକା ଚାଲୁଥିଲା—ବିଲବାଡ଼ ପାଇଁ ମଧ୍ୟ ପାଣିର ଅଭାବ ଥିଲା ନାହିଁ । ଆଜ ସେଇ ନଦୀ ଖରା ନ ହେଉଣୁ ଶୁଖି ଯିବାକୁ ବସିଛି ।" ଯା' ପୂର୍ବରୁ ତୁଏତ ବହୁ ଆଲୋଚନା ହୋଇ ଯାଇଛି, ସେଥିପାଇଁ ତା'ର କଣ୍ଠସ୍ୱର ଆବେଗ ଜଡ଼ିତ ଜଣା ଯାଉଥିଲା ।

"ହେଲେ, ଆମେ ଆଉ କଣ କରି ପାରିବା ?" ସଞ୍ଜୟ ହତାଶ ସ୍ୱରରେ କହିଲା ।

Digitized by srujanika@gmail.com

ବିନୋଦ କହିଲା, "ଚେଷ୍ଟା କଲେ ଆମେ ବହୁ କିଛି କରି ପାରିବା । ତୁ ତ ସେଦିନ କହୁଥିଲୁ—'ଜଣକ ଚେଷ୍ଟାରେ କଣ ବା କାମ ହେବ ?' ତୋର ଏଇ କଥା ପଦକ ଆଂଶିକ ସତ୍ୟ ହେଲେ ମଧ୍ୟ ସବୁଟା ନୁହେ । କୌଣସି ବଡ଼ କାମରେ ଜଣକର ପ୍ରେରଣା କଣ ବହୁଲୋକଙ୍କ ଭିତରେ ଶକ୍ତିର ସଞ୍ଚାର କରେ ନାହିଁ ?"

ସଞ୍ଜୟ ଉତ୍ତର ଦେଲା, "କଲେ ମଧ୍ୟ ତା' କେବଳ ଶକ୍ତିମାନ ଲୋକ ପକ୍ଷରେ ସମ୍ଭବପର । ଆପଣା ଭିତରେ ଯିଏ କେହି ତାର ଅଭାବ ଅନୁଭବ କରେ—କିପରି ସେ ଅପରକୁ ଚାଳିତ କରିବ ?"

ବିନୋଦ କହିଲା—"ଜାଣେ, ଯାହା ଭିତରେ ଦୁର୍ବଳତା ଅଛି—କ୍ଷଣିକ ବ୍ୟର୍ଥତାରେ ତା' ଭିତରେ ଅବସାଦର ଛାୟା ଦେଖା ଦେବ । ତଥାପି ସେ ବ୍ୟର୍ଥତା, ସେ ଦୁର୍ବଳତା କଣ ଆମେ ଅତିକ୍ରମ କରି ଆଗକୁ ବଢ଼ି ପାରିବା ନାହିଁ ?"……

ସେ ଆଉ କଣ କହିବାକୁ ଯାଉଥିଲା—ଜହ୍ନ ଆଲୁଅରେ ଦୂରରେ କାହାର ଛାୟା ଦେଖାଯିବାରୁ ସେ ନୀରବରେ ଉତ୍ସୁକ ନୟନରେ ସେଇଆଡ଼କୁ ଚାହିଁ ରହିଲା ।

ସେଇ ମଣିଷର ଛାୟା ମୂର୍ତ୍ତିଟି ନିକଟକୁ ଆସି ଟିକିଏ ଦ୍ୱିଧା ଜଡ଼ିତ କଣ୍ଠରେ ପଚାରିଲା—"ଡାକ୍ତର ବାବୁ କଣ ଏଠାରେ ଅଛନ୍ତି ?"

ବିନୋଦ ଉଠି ଛିଡ଼ା ହୋଇ କହିଲା, "ଏଇ ଯେ ମୁଁ, ଖବର କଣ ?"

Digitized by srujanika@gmail.com

ଲୋକଟି ସାଷ୍ଟାଙ୍ଗ ଦଣ୍ଡବତ କରି କହିଲା—"ଅନୁଗ୍ରହ କରି ମୋ ଘରକୁ ଟିକଏ ଚାଲନ୍ତୁ ଆଜ୍ଞା । ମୋ ପିଲାଟିକୁ ଜ୍ୱର ଜର, ତାତିରେ ଖଇ ଫୁଟି ଯାଉଛୁ !"

ବିନୋଦ ପଚାରିଲା—"ତମ ଘରଟା କେଉଁଠି ?"

ଲୋକଟି ଜବାବ ଦେଲା—"ବେଶି ଦୂରରେ ନୁହେଁ ଆଜ୍ଞା । ଏଇ ଗାଁ ମୁଣ୍ଡ ହରିଜନପଡ଼ା ବଡ଼ ବରଗଛଟା ପାଖରେ । ଆପଣ ଇଆଡ଼େ ଆସିଛନ୍ତି ଶୁଣି ଧାଇଁ ଧାଇଁ ଆପଣଙ୍କୁ ଖୋଜି ଆସିଲି ।"

"ହଉ ଚାଲ ।"

ତା' ପରେ ବିନୋଦ ସଞ୍ଜୟ ଆଡ଼କୁ ଫେରି କହିଲା—"ତୁମେ ଏଇଠି ବସିଥାଅ—ମୁଁ ଏଇଲାଗେ ଫେରି ଆସିବି ।"

ଲୋକଟି ସହ ସେ ଧୀରେ ଧୀରେ ସେଇ ଗ୍ରାମ୍ୟ ପଥରେ ଅଦୃଶ୍ୟ ହୋଇଗଲା ।

ଏତେବେଳ ପରେ ସବିତା ଏଥର କଥା କହିଲା । ସେ ସଞ୍ଜୟଆଡ଼କୁ ଚାହିଁ ପଚାରିଲା, "ତୁମେ ଆଉ କେତେଦିନ ରହିବ ଗାଁରେ ?"

"ମୁଁ କାଲି ଚାଲି ଯାଉଛି ସବିତା !"

ସବିତା ଆଶ୍ଚର୍ଯ୍ୟ ହୋଇ କହିଲା, "କାଲି ! କାହିଁ ଆମକୁ କାହାକୁ ହେଲେତ ଆଗରୁ କହିନାହଁ ? ଆଉ କିଛିଦିନ କଣ ଏଠାରେ ରହି ପାରିବ ନାହିଁ ସଞ୍ଜୟ ଭାଇ ?"—ଉଦ୍‌ବେଗ ଆକୁଳ ତାର କଣ୍ଠସ୍ୱର ।

Digitized by srujanika@gmail.com

"ନା, ତା'କେମିତି ହେବ ! କାଲି ନଗଲେ ଯେ ମୁଁ ଠିକ୍ ସମୟରେ କଲେଜରେ ଯୋଗ ଦେଇ ପାରିବି ନାହିଁ । କାଲି ମୋତେ ଯେ କୌଣସି ପ୍ରକାରେ ଯିବାକୁ ହେବ ।"

ସବିତା ନୀରବରେ କେତେବେଳ ଯାଏ ଦୂର ପ୍ରାନ୍ତର ସୀମା ଆଡ଼କୁ ଅନାଇ ରହିଲା । ପଶ୍ଚିମ ଦିଗନ୍ତରେ ସେତେବେଳେ ସନ୍ଧ୍ୟାତାରା ଉଇଁ ପଡ଼ୁଛି । ନିସ୍ତବ୍ଧ ଗାଁର କେଉଁ ପ୍ରାନ୍ତରୁ ଏକ ନାରୀକଣ୍ଠର ଭାଗବତ ଗାନର କ୍ଷୀଣ ସ୍ରୋତ ବତାସରେ ଭାସି ଭାସି ଆସୁଛି ।

ସବିତା ଥରେ ସଞ୍ଜୟ ଆଡ଼କୁ ତନ୍ମୟ ହୋଇ ଚାହିଁଲା । ତା'ପରେ ସେ କହିଲା—"ମୋର କଣ ମନେ ହେଉଛି, ଜାଣ ସଞ୍ଜୟ ଭାଇ ?"

"କଣ ?"

"ମୋର ମନେହୁଏ ଗାଁ ଗଣ୍ଡାର ଦୁଃଖ ତମର ହୃଦୟକୁ ସ୍ପର୍ଶ କରି ପାରି ନାହିଁ !"

"ତୁ କେମିତି ଜାଣିଲୁ ?"

"ତୁମକୁ ଦେଖିଲେ ତା' ଜଣାପଡ଼େ ।"

ସଞ୍ଜୟ ତା'କଥାରେ ସଲଜ ହୋଇ ବସି ଟିକଏ ମ୍ଳାନ ହସି କହିଲା—"ତୋର ଏ ଭ୍ରାନ୍ତ ଧାରଣା ସବିତା । ଏଠାରେ ରହି ମୁଁ ବା କଣ କରି ପାରିବି କହିଲୁ ?"

"କାହିଁକି ସଞ୍ଜୟ ଭାଇ, ତୁମେ ଇଚ୍ଛା କଲେ ବହୁତ କଛି କରିପାରିବ । ମୋର ବହୁଦିନର ଏକାନ୍ତ କାମନା—ଏଇ ଗାଁ ଗହଳର ଝିଅମାନଙ୍କୁ ନେଇ ଲେଖାପଢ଼ା ଶିକ୍ଷା ଦେଇ ଟିକଏ ମଣିଷ ପଣିଆକୁ ଆଣିବା । ଭାଇଙ୍କୁ ଏକଥା ବର୍ତ୍ତମାନ ସୁଦ୍ଧା

Digitized by srujanika@gmail.com

କହୁନାହିଁ । ଅବଶ୍ୟ ଏଠାକୁ ଆସିବା ଆଗରୁ ମୁଁ ଯେ ସବୁବେଳେ ଏଇଭଳି କ୍ଷୁଦ୍ର କ୍ଷୁଦ୍ର ପ୍ରଚେଷ୍ଟାରେ ବ୍ୟସ୍ତ ରହୁଥିଲି, ଭାଇ ତା' ଜାଣନ୍ତି ।"

ସଞ୍ଜୟ ନୀରବରେ ଦୂର ଆକାଶର ବିରାଟ ଶୂନ୍ୟତା ଭିତରକୁ ଚାହିଁ କଣ ଭାବୁଥିଲା ।

ତାକୁ ନୀରବ ଦେଖି ସବିତା ପୁଣି କହିଲା—"ଚୁପ୍ କରି ରହିଲ ଯେ ? ମୋ କଥା ଶୁଣି ହୁଏତ ମନେମନେ ହସୁଛ, ନୁହେଁ ?"

"ନା-ନା, ହସିବି କାହିଁକି ? ଏତ ଖୁବ୍ ମହତ୍ କାମ ।"

"ମହତ୍ ତ କହିଲ ସଞ୍ଜୟ ଭାଇ, କିନ୍ତୁ ଏ ଭାର କଣ ମୁଁ ଏକା ବୋହି ପାରିବି ?"

ସଞ୍ଜୟ ହସି ଉଠିଲା । ହସ ବନ୍ଦ କରି ସେ କହିଲା,—"ଅନ୍ୟର ଭାର କଣ ସ୍ୱେଚ୍ଛାରେ କିଏ ବରଣ କରିନିଏ ?"

ସବିତା ତା' ମୁହଁକୁ ଚାହିଁ କହିଲା, "ମୁଁ ଯଦି ଏ ଭାର ତୁମ ମୁଣ୍ଡ ଉପରେ ଲଦି ଦିଏ—ତଲେ ଫୋପାଡ଼ି ଦେଇ ପାରିବକି ?—ନା, ବରୋଦା ସହରର ମୋହ ତୁମକୁ ଘେରି ରହିଛି !"

ସଞ୍ଜୟ ବିଷାଦ ଜଡ଼ିତ କଣ୍ଠରେ କହିଲା—"ସବୁ ଜାଣି ମଧ୍ୟ ତୁ ମୋତେ ଆଘାତ ଦେଉ କାହିଁକି ସବିତା ? ବରୋଦାର ମାୟା ବା ମୋହଜାଲରେ ମୁଁ ବନ୍ଦୀ ବା ବିହ୍ୱଳ ଆଦୌ ନୁହେଁ । ଏଠାରେ ବା ମୋର କି ଆକର୍ଷଣ ଅଛି କହିଲୁ ? ଆପଣାର ବୋଲି ତ କେହି—"

ସବିତା ତା'ମୁହଁରୁ କଥା ଛଡ଼ାଇ ନେଇ କହିଲା—"ମୁଁ ଅଛି, କୁହ—ଏଥର ତା'ହେଲେ ତମେ ରାଜି ?"—ଆନନ୍ଦ ଉଦ୍‌ବେଳିତ ତାର କଣ୍ଠସ୍ୱର ।

Digitized by srujanika@gmail.com

"ଏଥର ସ୍କୁଲ ନ ହୋଇ ମୋର ଆଉ ଗତି କାହିଁ ?"—ସଞ୍ଜୟ ଅଳ୍ପ ହସି ଉତ୍ତର ଦେଲା ।

"ନା, ହସକଥା ନୁହେଁ ସଞ୍ଜୟ ଭାଇ, ତା'ହେଲେ ସତରେ ତୁମେ କାଲି ସ୍କୁଲଯାଉ ନାହଁ—କୁହ ?"

ସଞ୍ଜୟ ଏଥର ଧୀର କଣ୍ଠରେ କହିଲା—"ନା, କିନ୍ତୁ ତୋର ସ୍କୁଲର ଯୋଜନା କଣ କହିଲୁ ଶୁଣେ ?"

ସବିତା କହିଲା, "ସେ ସବୁ ମୁଁ ଠିକ୍ କରି ରଖିଛି । ବର୍ତ୍ତମାନ ପାଇଁ ବାଣଙ୍କ କଚେରୀ ଘରେ ଆମର ସ୍କୁଲ ବସିବ । ମୁଁ ତାଙ୍କୁ କହି ରାଜି କରାଇଛି । ତା'ପରେ ଧୀରେ ଧୀରେ ଆମେ ଘର କରିନେବା !"

"ଆଉ ମୋର ପିଲାମାନଙ୍କର ସ୍କୁଲ ?"

ସବିତା ହସ ସମ୍ଭାଳି ପାରିଲା ନାହିଁ । ସେ ଫିକ୍ କରି ହସି ପକାଇ କହିଲା—"ଓଃ, ସେଇ ଏକ ଠି ହେବ । ସେଥିରେ ଖର୍ଚ୍ଚ ବି କମ୍ ପଡ଼ିବ ।"

ସବିତାର ଅର୍ଥନୈତିକ ଓ ସାମାଜିକ ଜ୍ଞାନ ଦେଖି ସଞ୍ଜୟକୁ ହସ ମାଡ଼ୁଥିଲା । କିନ୍ତୁ ତାର କର୍ମ ଯୋଜନାର ସ୍ଥିରତା ତାକୁ ଚିନ୍ତାଶୀଳ କରିଦେଲା । ମୁହୂର୍ତ୍ତକ ଆଗରୁ ମଧ୍ୟ ସେ କଳ୍ପନା କରି ନ ଥିଲା ଯେ, ଏତେ ସହଜରେ ତା'କଥାରେ ସେ ସମ୍ମତି ଦେବ ! ବଡ଼ସାହାର କଥା ତା'ର ମନେ ପଡ଼ିଲା । ସେଇ ନବାବିଜ ସହର ପ୍ରତି ତା'ର ମୋହ ନ ଥିଲେ ମଧ୍ୟ ଲୋକମାନଙ୍କ ଭିତରେ ସେ ଏକ ଶ୍ରଦ୍ଧା ଓ ଆଦରର ସ୍ଥାନ ଗଢ଼ି ତୋଳିଥିଲା—ଆଜି ଗୁଜରାଟୀ ପାଠକ ମହଲରେ ମଧ୍ୟ । ହଠାତ୍ କପରି ଆଜି ଏଇ

Digitized by srujanika@gmail.com

ମୁହୂର୍ତ୍ତରେ ସେ ବିସର୍ଜନ ଦେଇପାରିଲେ ତାର ସେଇ ପୂର୍ବର ଗତାନୁଗତିକ କର୍ମଧାରାକୁ ! ସେ ବିସ୍ମିତ ହେଲେ ଆପଣାର ଏଇ ଅଭାବନୀୟ ପରିବର୍ତ୍ତନରେ ।

ସନ୍ଧ୍ୟାତାରା ପଶ୍ଚିମ ଦିଗନ୍ତରେ କୁହେଳିକାର ଯବନିକା ତଳେ ଛପି ଛପି ଯାଉଛି—ତାକୁ ଅନୁସରଣ କରି ଚାଲିଛି ଦଶମୀର ଜହ୍ନ । ଚତୁର୍ଦ୍ଦିଗର ମୌନ ସ୍ତବ୍ଧତା ଭିତରେ ଦୁଇଟି ନରନାରୀ ଆପଣା ଚିନ୍ତାରେ ସେଇ ଅପସୃୟମାନ ସନ୍ଧ୍ୟା ତାରା ଭଳି ବୁଡ଼ି ରହିଲେ । କେବଳ ଦକ୍ଷିଣା ବତାସ ଆପଣା କ୍ଷିପ୍ରତାରେ ତରୁଲତାର ପତ୍ରପଲ୍ଲବରେ ମର୍ମର ଧ୍ୱନି ତୋଳି କ୍ଷଣେ କ୍ଷଣେ ଏଇ ସ୍ତବ୍ଧତା ଭିତରେ ଆପଣାକୁ ମତ୍ତ କରି ତୋଳୁଥିଲା ।

ବିନୋଦ ଫେରି ଆସି ଦେଖିଲା, ଏମାନେ ଦିହେଁ ସ୍ଥିର ଦୃଷ୍ଟିରେ ସମ୍ମୁଖର ଅସୀମ ଶୂନ୍ୟତା ଭିତରକୁ ଚାହିଁ ରହିଛନ୍ତି—ତନ୍ମୟ ହୋଇ । ସେ ଦୃଷ୍ଟିରେ ନିରାଶା ନାହିଁ—ଅଛି ଗଭୀର ପ୍ରଶାନ୍ତ, ତୃପ୍ତି !

ଠାଣା
୧୯୫୪

Digitized by srujanika@gmail.com

ବିଯୁକ୍ତ ******************************

ସେଦିନ ଏକ ଅପୂର୍ବ ଆବେଗ ଆସିଥିଲା ମହେନ୍ଦ୍ରର ପ୍ରାଣରେ ।

ସେଇ ଆବେଗର ଅନ୍ତରାଳରେ ଏକ ସଙ୍ଗତ କାରଣ ମଧ୍ୟ ପ୍ରଚ୍ଛନ୍ନ ରହିଥିଲା । ଆକାଶରେ ହସି ଉଠୁଥିଲା ପଞ୍ଚମୀର ଅପୂର୍ବ ସୁନ୍ଦର ବଙ୍କା ଜହ୍ନ,—ଶାନ୍ତ ସ୍ନିଗ୍ଧ ରୁପେଲି ଜହ୍ନ । ବୁଦୁବୁଦୁକିଆ ଭସା ମେଘ ଫାଙ୍କରେ ଦେଖା ଯାଉଥିଲା, ଯେପରି ମହାକାଳଙ୍କ ଜଟାଜାଲରେ ବନ୍ଦୀ ଏଇ ବଙ୍କିମ ଭୂଷଣ । ଆକାଶରେ ଅଜସ୍ର ତାରାର ମେଖଳା—ନୀଳାସ୍ତରଣ ଉପରେ ବୃନ୍ତଚ୍ୟୁତ ଅଜସ୍ର ଶେଫାଳିକା ଭଳି । ଜ୍ୟୋସ୍ନା ସିଞ୍ଚିତ ବୃକ୍ଷରାଜି ଯେପରି କେଉଁ ରହସ୍ୟମୟ ଇଙ୍ଗିତରେ ମୁଗ୍ଧ ହୋଇ ଛିଡ଼ା ହୋଇଛନ୍ତି । ଧରଣୀର ଏଇ ମୁହୂର୍ତ୍ତି ମହେନ୍ଦ୍ରର ପ୍ରାଣରେ ଏକ ଅପୂର୍ବ ଆବେଗ ଆଣିଦେଲା । ସେ କଲମ ଧରି ବସିଗଲା—ସେଇ ସ୍ୱପ୍ନମୟ ଆକାଶକକ୍ଷକୁ ଚାହିଁ ।

ସ୍ୱଚ୍ଛନ୍ଦ ଗତିରେ କଲମ ଚାଲିଛି । ପ୍ରାଣର ସ୍ୱତଃସ୍ଫୂର୍ତ୍ତ ଆବେଗର ତାଳେ ତାଳେ ଲେଖି ଚାଲିଛି ସେ । ପ୍ରତି କ୍ଷଣେ କ୍ଷଣେ ଦେହ ତାର ଅପୂର୍ବ ଆନନ୍ଦରେ ରୋମାଞ୍ଚିତ ହୋଇ ଉଠୁଛି,—ତାର ସାହିତ୍ୟିକ ଜୀବନରେ ଏଥର ଏକ ଅପୂର୍ବ ଅଧ୍ୟାୟ ସୃଷ୍ଟି କରିବ ସେ !

Digitized by srujanika@gmail.com

କିନ୍ତୁ ଏ ପୃଥିବୀଟା ଯେ ବିଶୃଙ୍ଖଳ ନୁହେଁ,—ରହିଛି ଅପାର ପ୍ରତିବନ୍ଧକ, ପ୍ରତି ପଦେପଦେ ଏଠାରେ ରହିଛି କଣ୍ଟକ,—ବାଧା ଆଉ ବିଘ୍ନ ଏକାବେଳେକେ ଜାଲ ପାତି ବସିଛି ଯେପରି ! କୌଣସି ମହତ୍ କାମ କିଏ ଯେ ନିର୍ବିଘ୍ନରେ ସମ୍ପନ୍ନ କରି ପାରିବ, ତାର ବାଟ ନାହିଁ । ଦେଖୁ ଦେଖୁ ତାର ପ୍ରମାଣ ମିଳିଗଲା ।

ପ୍ରେମର ଏକ ଜଟିଳ ସମସ୍ୟାମୂଳକ ଚିତ୍ର ଆଙ୍କି ଯାଉଥିଲେ ମହେନ୍ଦ୍ର । ହଠାତ୍ ଟେବୁଲ ତଳୁ କଳା ଭାଲୁଆ କୁକୁର 'ପିଟି' କାନ୍ଦି ଉଠିଲା—କୁଁ ଉଁ-କୁ--ଉଁ···

ପ୍ରାଣରେ ଭୀଷଣ ଆଘାତ ଲାଗିଲା ମହେନ୍ଦ୍ରର । ମନେ-ହେଲା ଅତର୍କିତରେ କିଏ ଯେପରି ତାକୁ ଏକାବେଳେକେ ଦଶହାତ ଉପରୁ ଠେଲି ପକାଇ ଦେଇଛି । ଏଭଳି ଆକସ୍ମିକ ରୁଚି ଛନ୍ଦପତନ,—କାବ୍ୟର ଏଭଳି କରୁଣ ଅବମାନନା କଦାପି କେହି ସହିବେ ନାହିଁ । ପରକ୍ଷଣରେ ସେ ପିଟି ପିଠିରେ ଜୋରରେ ଗୋଟାଏ ଗୋଇଠା କସି ଦେଲେ ।

ପିଟି ଟେବୁଲ ତଳୁ କୁଁ-କୁଁ ହୋଇ ବାହାରି ପଳାଇଲା । କିନ୍ତୁ କଡ଼ତି ପଦରେ କିଛିଦୂର ଅଗ୍ରସର ହୋଇ କଣ ମନେ କରି ସ୍ଥାଣୁ ଭଳି ଛିଡ଼ା ହେଲା ।

ମହେନ୍ଦ୍ରର ରାଗ ସେତେବେଳେ ମେଣ୍ଟି ନାହିଁ, ଗୋଟାଏ ଭୀଷଣ ଧମକ୍ ଦେଇ କହିଲେ—ପିଟି !

ଊର୍ଦ୍ଧ୍ୱମୁଖୀ ହୋଇ ପିଟି କାନ୍ଦିଲା—କୁଁ-ଉଁ-ଉଁ-ଉଁ···

ମହେନ୍ଦ୍ର ଏଥର ସତିମତି ଚମକି ଉଠିଲେ,—ଏତ ସହଜ କଣ୍ଠର ଡାକ ନୁହେଁ ! ତାର କଣ୍ଠଧ୍ୱନିରୁ ଯେପରି ଏକ ବ୍ୟାକୁଳ ମୂର୍ଚ୍ଛନା ବାରେ ବାରେ ଫୁଟି ବାହାରୁଛି । କେଉଁ ଏକ ଅଜଣା

Digitized by srujanika@gmail.com

ବ୍ୟଥା ଯେପରି ସେଇ ପଶୁ ପ୍ରାଣର ସମସ୍ତ ହୃଦୟ ଆଲୋଡ଼ିତ କରି ପ୍ରକାଶ ଲଭିବା ପାଇଁ ଉନ୍ମୁଖ । ପିଟି ଅପଲକ ମୁଗ୍ଧ ନୟନରେ ଜ୍ୟୋତ୍ସ୍ନା ଓ ଚନ୍ଦ୍ର ଆଡକୁ ଚାହିଁ ରହିଲା ।

ମହେନ୍ଦ୍ର ହାତରୁ କଲମଟା ଖସି ପଡ଼ିଲା ।

ମୁହୂର୍ତ୍ତକ ପାଇଁ ଆପଣା ଉପରେ ଅପରିସୀମ ଧିକ୍କାର ଜନ୍ମିଲା,—ବିରହିଣୀ ବକ୍ଷର ବେଦନା, ପ୍ରିୟତମ ବିରହରେ କାତର ସ୍ତ୍ରୀ ଜାତିର ମର୍ମବ୍ୟଥା ଅନୁଭବ ନକରି ଯେଉଁ କଠିନ ହୃଦୟହୀନତାର ପରିଚୟ ସେ ଦେଇଛି, ତା ପ୍ରକୃତରେ କ୍ଷମାର ଅଯୋଗ୍ୟ ।

ସତ ତ ! ପିଟିର ଏ ଶ୍ରୀ ଯେପରି ସେ ପୂର୍ବରେ ଲକ୍ଷ୍ୟ କରି ନ ଥିଲା । ତାର ଘନକୃଷ୍ଣ ମୁଖମଣ୍ଡଳ ଉପରେ ଏକ ଅଦ୍ଭୁତ ଲାଳିମା ଉଦ୍ଭାସିତ ହୋଇ ଉଠୁଥିଲା । ତାର ସଜଳ ଆଖି ଦୁଇଟିରେ ଯେପରି କେତେ ଯୁଗର ସଞ୍ଚିତ କେଉଁ ବ୍ୟାକୁଳ ପ୍ରତୀକ୍ଷା ! ଘନ ଘନ ନିଶ୍ୱାସ ପଡ଼ୁଛି । ଦାନ୍ତର ଫାଙ୍କ ଭିତରୁ ଜିଭଟା ଅଧହାତ ପଦାକୁ ଝୁଲି ପଡ଼ିଛି । ତାକୁ ଚାହିଁଲେ ଅପରିସୀମ କରୁଣାରେ ହୃଦୟ ତଳ ମଥିତ ହୋଇ ଉଠୁଛି ।

ମହେନ୍ଦ୍ର କଣ୍ଠସ୍ୱରକୁ ଆଶାନୁରୂପ କୋମଳ କରି ଡାକିଲା— ପିଟି, ପିଟି ଡିଆର, ଚୁ—ଚୁ...

କିନ୍ତୁ ପିଟି ଆସିଲା ନାହିଁ । ଆଜ ଆସିବ ବା କାହିଁକି ? ତାର ହୃଦୟ ଭିତରେ ନିବିଡ଼ ଅନ୍ତର୍ଜ୍ୱାଳା,—ତା'ଉପରେ ମହେନ୍ଦ୍ରର ପଦାଘାତର ଜ୍ୱାଳା ସେତେବେଳ ସୁଦ୍ଧା ପିଠି ଉପରଟା ଯାକ ଦହନ କରୁଛି । ଦେହ ମନ ଉଭୟ ଯାହାର

Digitized by srujanika@gmail.com

ଏଭଳି ଭାବରେ ଫୋଡ଼ିଜଳି ଯାଏ, ପୃଥିବୀର କେଉଁ ଆକର୍ଷଣ ତାକୁ ପୁଣି ପଛକୁ ଫେରାଇବ ?

ପିଟି ଘର ଭିତରୁ ବାହାରିଗଲା ।

ସେ ଦିନ ରାତିରେ ଗଭୀର ନିଦରୁ ହଠାତ୍ ଚମକି ଉଠି ବସିଲା ମହେନ୍ଦ୍ର ।

ମନେ ହେଲା କିଏ ଯେପରି ଅତି ସନ୍ତର୍ପଣରେ ତାର ମୁଣ୍ଡ ପାଖରେ ବୁଲବୁଲ କରୁଛି । ଅତି ମୃଦୁ ତାର ପଦଧ୍ୱନି, ଆବେଗ ଉତ୍ତେଜନାରେ ତାର ହୃତ୍ପିଣ୍ଡର ରକ୍ତ ଯେପରି ତରଙ୍ଗ ଭଙ୍ଗରେ ଛଳ ଛଳ କରି ଉଠୁଛି । ଗୋଟିଏ ଦୀର୍ଘଶ୍ୱାସ,—ପରକ୍ଷଣରେ ଏକ ଅସ୍ଫୁଟ ମୃଦୁଧ୍ୱନି, କେଉଁ ଏକ ଧୀରୁ ବ୍ୟାକୁଳ ହିଆ କାହାର ବିରହରେ ଅଧୀର ମୁହ୍ୟମାନ ହୋଇ ଉଠିଛି ଯେପରି ! ସେ ଆହୁରି ପାଖକୁ ପାଖକୁ ଆଗେଇ ଆସିଲା । ଖଟ ପାଖରେ ମହେନ୍ଦ୍ରର ମୁଣ୍ଡକୁ ଲାଗି ଗୋଟିଏ ତପ୍ତ ଦୀର୍ଘଶ୍ୱାସ ତ୍ୟାଗକଲା ।

ଦୀର୍ଘଶ୍ୱାସ ! ମହେନ୍ଦ୍ର ଚମକି ପଡ଼ିଲା ।

ପୁଣି,—ପୁଣି ସେ ଶୁଣିଲା ଏବଂ ପରକ୍ଷଣରେ ରୁଦ୍ଧ ନିଶ୍ୱାସରେ ଖଟରୁ ଉଠି କମ୍ପିତ ବକ୍ଷରେ ଅସୀମ ସାହସ ଧରି ଟର୍ଚ୍ଚର ବୋତାମ ଟିପି ଧରିଲା । କିନ୍ତୁ ପରମୁହୂର୍ତ୍ତରେ ଚମକି ପଡ଼ି ଦୁଇପାଦ ପଛେଇ ଆସିଲା ସେ ।

ନା, ଆଶଙ୍କାର କାରଣ ନାହିଁ । ଚାହିଁ ଦେଖିଲା—ଶ୍ରୀମତୀ ପିଟି ବ୍ୟାକୁଳ ନୟନରେ ଅପରାଧୀ ଭଳି ତା' ଆଡ଼କୁ ଚାହିଁ ରହିଛି ।

Digitized by srujanika@gmail.com

ଗୁହାଁ ଉଚ୍ଛି ? ଅକସ୍ମାତ ମନଟା ତାର ଭୀଷଣ ଦମିଗଲା । ଅସହାୟ ଅବଲା ଜୀବ ବୋଲି ତାର ବ୍ୟଥାରେ କେହି ଆଜ ଦରଦୀ ହେଉ ନାହାଁ । ତାର ଅନ୍ତରରେ ଯେଉଁ ତୀବ୍ର ବିଚ୍ଛେଦର ଅଗ୍ନି ଅହର୍ନିଶି ଦାଉ ଦାଉ ହୋଇ ଜଳୁଛି—ସେଥିପାଇଁ ଆହା ପଦ କାହା ତୁଣ୍ଡରେ ନାହିଁ । ଏଇ ଧରଣୀ ପୁଣି କଠିନ ହୃଦୟ ପ୍ରାଣୀଶ୍ରେଷ୍ଠ ସଭ୍ୟ ମାନବ ସମାଜର ବାସଭୂମି ।

ପିଟି ଅତି କରୁଣ ନୟନରେ ମହେନ୍ଦ୍ର ଆଡ଼କୁ ଚାହିଁଥିଲା । ତାର କାତର ଦୃଷ୍ଟି ଭିତରୁ ଯେପରି ଏକ ବ୍ୟାକୁଳ ମିନତି ସମାଗତ ବିଚ୍ଛୁରିତ ହେଉଥିଲା । ବାରମ୍ବାର ମିନତି କରି ସେ ତାର ହୃଦୟର କେଉଁ ଗୋପନ କଥା ଯେପରି ମହେନ୍ଦ୍ରକୁ ବୁଝାଇବାକୁ ଚେଷ୍ଟା କରୁଥିଲା ।

ମହେନ୍ଦ୍ରର ହୃଦୟ ବିଗଳିତ ହେଲା, ଏବଂ ପରକ୍ଷଣରେ ସେ ଯନ୍ତ୍ରଚାଳିତବତ୍ ଦ୍ୱାରଟାକୁ ଉନ୍ମୁକ୍ତ କରିଦେଲା । ପିଟି ଲାଙ୍ଗୁଡ଼ଟାକୁ ହଲାଇ ହଲାଇ କେଉଁ ଏକ ଅଜ୍ଞାତ ଅଭିସାରରେ ବାହାରିଗଲା ।

କିନ୍ତୁ ପିଟିର ହୃଦୟର ବ୍ୟଥାର ପରିଣତି କଣ ହେଲା ?

ଗୋଟାଏ ଦିନ ସମ୍ପୂର୍ଣ୍ଣ ବିତିଗଲା, ଅଥଚ ଏ ଯାକେ ପିଟିର ଦେଖାଦର୍ଶନ ନାହିଁ । ସଯତ୍ନବର୍ଦ୍ଧିତ ପିଟିର ଆଜ ଗାଧୁଆଖିଆ ମଧ୍ୟ ନାହିଁ । ଘରକୁ ଥରେ ହେଲେ ଫେରି ନାହିଁ— ପ୍ରେମ ନିକଟରେ ସବୁ ବିସର୍ଜନ ଦେଇଛି ସେ ।

ତାରି କଥା ବସି ଭାବୁଥିଲା ମହେନ୍ଦ୍ର ।

Digitized by srujanika@gmail.com

ରାତି ପ୍ରାୟ ବାରଟା ବାଜି ଯାଇଛି ଅଥଚ ମହେନ୍ଦ୍ରର ଆଖିରେ ନିଦ ନାହିଁ ଯେପରି । ପିଙ୍କିର ଦୁଃଖରେ ପ୍ରାଣଟା ତାର କାନ୍ଦି ଉଠୁଛି । ବିନିଦ୍ର ରଜନୀ ଯାପନ କରି ତାରି କଥା କେବଳ କ୍ଷଣେ କ୍ଷଣେ ଚିନ୍ତା କରୁଛି ସେ । କଣ ହେଲା ପିଙ୍କିର, ପ୍ରେମାସ୍ପଦର ଅଭିସାରରେ ତ ସେ ବାହାରି ଯାଇଛି । କେମିତି ତାର ସନ୍ଧାନ ମିଳିବ—ସେଇ କଥା ଭାବି ସେ ଆକୁଳ ହୋଇ ପଡ଼ୁଛି । ଅତି ଆଦରର ପିଙ୍କି ତାର ! ଆଖି କୋଣ ତାର ଓଦା ହୋଇ ଉଠିଲା ।

ସମାଜ ! ମହେନ୍ଦ୍ର ଭାବିଲା—ଏଇ ସମାଜ କୁ ଚିରଣବୁ ସଭିଙ୍କର । ଏଠାରେ ପ୍ରାଣର ବସ୍ତୁର ନାହିଁ, ହୃଦୟର କୌଣସି ମୂଲ୍ୟ ନାହିଁ,—ବିରହୀ ତାପିତର ପ୍ରାଣ ଯେ ସକଳର ଅଲକ୍ଷ୍ୟରେ ଗୁମୁରି ଗୁମୁରି କାନ୍ଦି ବୁଲୁଛି, ଏ କଥା ମଧ୍ୟ କେହି ସ୍ୱୀକାର କରିବେ ନାହିଁ । ହୃଦୟକୁ ଏକାବେଳେକେ ଉପେକ୍ଷା କରିବେ ସେମାନେ । ତେଣୁ ପିଙ୍କି ଆଜି ଯେଉଁ ହୃଦୟାବେଗ ନେଇ ଗୃହତ୍ୟାଗ କରିଛି, ଯେଉଁ ନିଦାରୁଣ ମର୍ମପୀଡ଼ାରେ ଆହାର ନିଦ୍ରା ପରିହାର କରି ଅଭିସାରିକା ସାଜିଛି, କେହି ତା ଆଦୌ ବୁଝିବେ ନାହିଁ । ବରଂ କୁଳତ୍ୟାଗିନୀ ବୋଲି ଅପବାଦ ଦେବେ ଆଉ ସର୍ବୋପରି ତାର ଏଇ ନୀଚ କୁଳଟାବୃତ୍ତି ପାଇଁ ଠେଙ୍ଗାକୁହିଁ ପରମ ମହୌଷଧ କରି ନିଷ୍ଠୁର ସିଦ୍ଧାନ୍ତରେ ଉପନୀତ ହେବେ । ନା, ସତରେ ଟିକିଏ ବୋଲି ଯଦି ସୁଖ ଆଆନ୍ତା ଏ ସମାଜ ଭିତରେ ବଞ୍ଚି ରହିବାରେ !

ଜ୍ୟୋତ୍ସ୍ନା ? ହଁ, ଆଜି ବି ଆକାଶରେ ଜହ୍ନ ହସୁଛି । କି ସୁନ୍ଦର ସ୍ନିଗ୍ଧ ଜ୍ୟୋତ୍ସ୍ନା ! ସେଇ ଜ୍ୟୋତ୍ସ୍ନା ବିଧୌତ ରାତିର ସୁପ୍ତ ପ୍ରକୃତି ଆଜିକୁ ତନ୍ମୟ ହୋଇ ଅନାଇ ପିଙ୍କିର ଦୁଃଖର

Digitized by srujanika@gmail.com

ସମବେଦନାରେ ମହେନ୍ଦ୍ରର ଆଖି ଅଶ୍ରୁସିକ୍ତ ହୋଇ ପଡ଼ୁଛି—ଆଉ ବେଳେ ବେଳେ ବୁକୁତଳୁ ବାହାରୁଛି ଗୋଟିଏ ଗୋଟିଏ ରୁଦ୍ଧ ଦୀର୍ଘଶ୍ୱାସ । କିନ୍ତୁ କାହିଁ, ଏଇ ଧରଣୀର ଆଉ କେହିତ ଚହିଁ ରହି ନାହାଁ ପିଠି ପାଇଁ—ସଭିଏଁ ଉଦାସୀନ, ଅଚେତନ,—ମୂର୍ଚ୍ଛାର ଭଳି ପରମ ନିର୍ବବନାରେ ଗଭୀର ନିଦ୍ରାମଗ୍ନ ସେମାନେ । ହାୟ, କେବେ ଯେ ତାଙ୍କର ଚୈତନ୍ୟ ଉଦୟ ହେବ, କେଜାଣି ?

ଠୁଂ-ଠାଂ-ଢନ୍-ଝନ୍-ଝାଣ୍................

ସହସା ଅଗଣା ସେ ପାଖ ରନ୍ଧା ଘରୁ ଏକ ଅଦ୍ଭୁତ ଶବ୍ଦ ଉତ୍ଥିତ ହେଲା । କିଏ ଯେପରି ବାସନପତ୍ର ଛିନ୍ନଛତ୍ର କରି ପକାଇ ଦେଲା । ମହେନ୍ଦ୍ର ମୁହୂର୍ତ୍ତିକେ ଚମକି ଉଠି ଛିଡ଼ା ହେଲା,—ଏବଂ ପରକ୍ଷଣରେ ମହେନ୍ଦ୍ରର ବାପା ବନମାଳୀ ବାବୁ ଶୋଇବା ଘର ଭିତରୁ ପାଟି କରି ଉଠିଲେ—'ଚୋର, ଚୋର' ।

ସେଦିନ ମହେନ୍ଦ୍ରର ସହାଧ୍ୟାୟୀ ବନ୍ଧୁ କିଶୋର ତାଙ୍କ ଘରେ ଅତିଥି—ସେ ତାର ନିକଟରେ ଶୋଇଥିଲେ । 'ଚୋର' 'ଚୋର' ଶବ୍ଦ ଶୁଣି ଧଡ଼ପଡ଼ ହୋଇ ଉଠି ବସି ହାତ ପାଖରେ କିଛି ନ ପାଇ ଜୋତା ବାକ୍‌ସଟା ଧରି ବାହାରି ପଡ଼ିଲେ ଆଉ ସେଇ ମାରାତ୍ମକ ଅସ୍ତ୍ର ଧରି ରନ୍ଧାଘର ଆଡ଼କୁ ଅମିତ ବିକ୍ରମରେ ଧାଇଁଗଲେ । ତା' ପରେ ଯା' ହେବାର କଥା !

କିନ୍ତୁ ଏ କଣ ? ସଶବ୍ଦରେ ଜୋତା ବାକ୍‌ସଟା ଚୋର ପିଠିରେ ପଡ଼ିବା ସାଙ୍ଗେ ସାଙ୍ଗେ ମହେନ୍ଦ୍ର ଶୁଣିଲା, କୁଉଁ-ଉଁ-ଉଁ.........

Digitized by srujanika@gmail.com

ଏ କଣ ? ପିଟି ଚିତ୍କାର କରି ଉଠିଲା ?

ପରମୁହୂର୍ତ୍ତରେ ମହେନ୍ଦ୍ର ଗୋଡ଼ ପାଖ ଦେଇ ଦ୍ରୁତପଦରେ ପିଟି ଓ ପଡ଼ଶା ସାମୁଏଲ ସାହେବ ଘର ଡ଼ାହାଳ କୁକୁରଟା ଆଉଁ ଚିତ୍କାର କରି କରି ପାଇଖାନା ପାଖ ପାଚେରୀର ଅଧାକାନ୍ଥି ଡେଇଁ ପଳାଇଗଲେ । ବନମାଳୀ ବାବୁ ହାତର ଠେଙ୍ଗାଟା ତାଙ୍କୁ ଲକ୍ଷ୍ୟ କରି ମାରି ଛାଡ଼ିଲେ । କିନ୍ତୁ ମହେନ୍ଦ୍ରର ମନଟା ଭୀଷଣ ଦମିଗଲା ।

ହଁ, ସତ ତ ! ପିଟି ତା'ର ପ୍ରିୟତମକୁ ପାଇଛି । ଦିନଟା ସାକ ଅନଶନରେ କଟାଇବା ପରେ ନିଘୁଞ୍ଚିଆ ବେଳରେ ସେମାନେ ଦି'ଟା କଣ ଖାଇବାକୁ ଆସିଥିଲେ । କିନ୍ତୁ କିଶୋରି ବାବୁ ତାଙ୍କୁ ଜୋତା ବାକ୍ସଟାରେ ଅତି ନିର୍ଦ୍ଦୟ ଭାବରେ ପିଟି ପକାଇଲେ । ପିଟିର ଜୀବନରେ ଆଜ ନବ-ବାସନ୍ତୀ ଲଗ୍ନର ସଞ୍ଚାର, ଆକାଶର ଜହ୍ନ ହସୁଛି—କିନ୍ତୁ ଜୀବନକୁ ଉପଭୋଗ କରିବାର ଅଧିକାର ନାହିଁ ତାର । ପ୍ରେମକୁ ସେ ଅନୁଭବ କରି ପାରିବ ନାହିଁ—ବେଶି କିଛି ହେଲେ ଜୋତା ବାକ୍ସ ପିଠି ଉପରେ ପଡ଼ିବ । ନା, ଏ ଧରଣୀର ପଥର ମଣିଷ ଗୁଡ଼ାକ କାହାରି ବେଦନା ଯଦି ଟିକିଏ ହେଲେ ବୁଝି ପାରନ୍ତେ !

ମହେନ୍ଦ୍ର ଅଜାଣତରେ ଆଖି କୋଣ ପୋଛିଲା ।

ଅଗଣାରୁ ଫେରି ଆସି ବିଛଣା ଉପରେ ପଡ଼ି ପଡ଼ି ଶୁଣିଲା— ଝରକା ଫାଙ୍କରେ ଜହ୍ନ ହସୁଛି । କିନ୍ତୁ ଏ କଣ ? ମନେ ହେଲା, ଜହ୍ନଟା ଯେପରି ଅତି କ୍ରୁଦ୍ଧ ଭାବରେ ଦାନ୍ତ ବାହାରି କରି କୁଷ୍ଠ ରୋଗୀ ଭଳି ହସୁଛି । କି ବିଭତ୍ସ ହିଂସ୍ର ତାର ହସ !

Digitized by srujanika@gmail.com

ଆକାଶର ଜ୍ୟୋତିଷ୍କଗଣ ସଭିଏଁ ଯେପରି ସେତେବେଳେ ମହେନ୍ଦ୍ରକୁ ବ୍ୟଙ୍ଗ କରି ହସୁଛନ୍ତି ।

ସେ ସଶବ୍ଦରେ ଝରକାଟା ବନ୍ଦ କରି ଦେଲା ।

ଭୁବନେଶ୍ୱର
୧୯୫୭

Digitized by srujanika@gmail.com

ଝେଡ଼ାନାସ୍ତି

ବିଦେଶରୁ ଫେରିଲା ପରେ ଅକସ୍ମାତ୍ ଓ ଅତି ଅପ୍ରତ୍ୟାଶିତ ଭାବରେ ଦେଖା ହେଲା ସୁରଜିତ୍ ସାଙ୍ଗରେ—ବୋମ୍ବେରେ ।

ଜନତା ପଥ ବୁକ୍ କରିସାରି ନିଃସଙ୍ଗ ଷ୍ଟେସନ ଭିତରେ ବୁଲାବୁଲି କରୁ କରୁ ପାନର ଆକର୍ଷଣରେ ଟାଣି ହୋଇ ପାନ ଦୋକାନ ଆଡ଼କୁ ଗଲି । ଯେଉଁ ପାନ ଦୋକାନରେ ଯାଇ ପହଞ୍ଚିଲି—ଦେଖିଲି, ସେଠି ଆସନ ଭିଡ଼ି ବସିଛି ସୁରଜିତ୍ । ହାତ ଦୁଇଟିରେ ଚୂନ ଖଇର ରଙ୍ଗ ବୋଳା । ଅବିଶ୍ରାନ୍ତ ଭାବରେ ସେଇ ହାତ ଦୁଇଟି ତାର କାମକରି ଯାଉଛି, ପାଶୋର ଯାଇଥିବା 'କୁଶା'ର ପ୍ରବୀଣ ହାତ ଭଳି ।

ମୁଁ ଆପଣା ଆଖିକୁ ବିଶ୍ୱାସ କରି ପାରିଲି ନାହିଁ । ଏଇ କଣ ସେଇ ସୁରଜିତ୍—ମୋର ପ୍ରତିବେଶୀ ଜନନେତା ସୁରଜିତ୍ ? ଏଇ କଣ ଲୋକସଭାର ସଦସ୍ୟ ନୂଆଦିଲ୍ଲୀର ସେଇ କର୍ମରତ ସୁରଜିତ୍ ?

ମୋର ବିସ୍ମୟ ଭାଙ୍ଗି ସୁରଜିତ୍ ତାର କେସ୍ ବାକ୍ସ ତଳୁ ଖଣ୍ଡିଏ ଦରଛିଣ୍ଡା ଖାତା ଆଉ ହଓଟି ପାନ ଧରି ଦୋକାନ ତଳକୁ ଓହ୍ଲାଇ ଆସିଲା । ଗହଳି ଭାଙ୍ଗି ମୋ ପାଖକୁ ଲାଗି ଆସି କହିଲା—

''ନମସ୍କାର, ପ୍ରଫେସର ! ତୁମେ କାଲି ସକାଳ ଜାହାଜରେ ପହଞ୍ଚିବା ଖବର "ଟାଇମ୍ସ୍"ରୁ ଜାଣିଥିଲି । ଆଜ ସକାଳେ ତମ

Digitized by srujanika@gmail.com

ହୋଟେଲକୁ ଯାଇ ଶୁଣିଲି ଯେ ସଞ୍ଜ ମେଲ୍‌ରେ କଲିକତା ଯାଉଛ । ହଉ ଭାଇ, ପାନ ଦିଇଟା ନିଅ—ଆଉ ଏଇ ଖାତା ଖଣ୍ଡିକ ନେଇ ଯାଅ । ଏ ଖଣ୍ଡିକ ମୋର ହୋଇ ତମକୁ ବହୁ କଥା କହିବ । ତମ ସାଙ୍ଗରେ କଥା କହିବାକୁ ବି ତର ନାହିଁ ! ଗରାଖ ଦେଖୁଛତ ?"

ଯେମିତି ଝଡ଼ ଭଳି ସେ ଉହ୍ଲାଇ ଆସିଥିଲା, ସେମିତି ଝଡ଼ ବେଗରେ ଫେରି ଯାଇ ପୁଣି ଦୋକାନରେ ଆସନ ଭିଡ଼ି ବସିଲା ।

ବିସ୍ମୟ ଓ ସଂଶୟର ଅକଳନ୍ତ ଢେଉ ଅତିକ୍ରମ କରି ମୁଁ ପ୍ଲାଟଫର୍ମକୁ ଫେରିଆସି ମେଲ୍‌ରେ ଉଠିଲି । ବାର୍ଥ ଆଗରୁ ରିଜର୍ଭ ଥିଲା । ଜିନିଷ ପତ୍ର ରଖାରଖି କରି ବିଛଣା କରିବସିଲି । କିନ୍ତୁ ଗୋଟିଏ ଅଶାନ୍ତ ପ୍ରଶ୍ନ ସବୁବେଳେ ମୋତେ ବିବ୍ରତ କରୁଥିଲା । ଦୁଇଟା ବର୍ଷ ଭିତରେ ସୁରଜିତ୍‌ର ଏ କ'ଣ ପରିବର୍ତ୍ତନ ! କିନ୍ତୁ ସେ ଭାବନାର କୌଣସି କୂଳ କିନାରା ବି ନଥିଲା ।

ନାସିକ୍‌ରୋଡ ଷ୍ଟେସନରେ ଗାଡ଼ି ଲାଗିଲାକ୍ଷଣି ମନେ ପଡ଼ିଲା ତାର ସେଇ ଛିଣ୍ଡା ଖାତା ଖଣ୍ଡିକର କଥା । ସେମିତି କୋଟ ପକେଟରେ ଥୋଇ ଦେଇଥିଲି । ସେ ଖଣ୍ଡିକୁ ବାହାର କରି ଦେଖିଲି ଗୋଟିଏ ପୁରୁଣା ହିସାବ ଖାତା । ମଝିରୁ ବହୁପୃଷ୍ଠା ଚିରା ହୋଇଛି । ବୋଧହୁଏ ସେଇ ଚିରା କାଗଜରେ ପାନ ଗୁଡ଼ାଇ ବିକି କରିଛି ସେ । ତଥାପି ଅବଶିଷ୍ଟ ପୃଷ୍ଠା କେଇଟି ପଢ଼ି ଦେଖିଲି, ସତରେ ସେ ଗୁଡ଼ିକ ସୁରଜିତ୍‌ର ହୋଇ ମୋତେ ବହୁ କଥା କହିଲା ।

Digitized by srujanika@gmail.com

ସେଇ ପୃଷ୍ଠା କେଇଟିକୁ ଅନ୍ତତଃ ପକ୍ଷେ ଜୀବନ୍ତ ରଖିବା ପାଇଁ ତଳରେ ତାର ଅବିକଳ ନକଲ ଦେଲି—ଏଇ ହେଲା ମୋର କାହାଣୀର ଭିତ୍ତି-ପ୍ରସ୍ତର !

ମାର୍ଚ୍ଚ ୧, ୧୯୫୭

ଆୟ :—

ବ୍ରିଜଲାଲ ମୋଦି ପାଖରୁ କରଜ (ଜମି ଓ ଘର ବନ୍ଧକ ରଖି)	ଟ ୬୦୦୦ /
ମୋଟ—	ଟ ୬୦୦୦ /

ବ୍ୟୟ :—

ଇଲେକ୍ସନ ଖର୍ଚ୍ଚ	ଟ ୫୦୦୦ /
ଘରଖର୍ଚ୍ଚ ପାଇଁ ମା'ଙ୍କୁ ଦେବାରେ	ଟ ୪୦୦ /
ଜମାଖର୍ଚ୍ଚ ଖାତା	ଟ ୧ ୳
'ନିର୍ବାଚନ ବିଜୟ' ଫଟୋ ବନ୍ଧାଇ	ଟ ୪ ୳
ପଞ୍ଜାବ ଟେଲରିଂ ହାଉସ୍ (ଗୋଟାଏ ସୁଟ୍, ୪ଟା ଶାର୍ଟ, ୪ଟା ପେଣ୍ଟ୍, ୪ଟା ହାଓଆଇ)	ଟ ୩୫୦ /
ଘୋଡ଼ାଗାଡ଼ି (ଷ୍ଟେସନକୁ)	ଟ ୧ ୳
ଦିଲ୍ଲୀକୁ ସେକେଣ୍ଡ କ୍ଲାସ ଟିକେଟ	ଟ ୲୲ ୳

Digitized by srujanika@gmail.com

ହୁଇଲର୍ସ ବୁକ୍‌ଷ୍ଟଲ ବନ୍ଧୁ (ପ ରସ୍ ନାଇଟ୍‌ସ୍, କସ୍ ମି ଗୁଡନାଇଟ୍, ମିଷ୍ଟ୍ରି ଅଫ୍ ଦ ମାଡାମ୍ ବ୍ଲଣ୍ଡେ) ...	ଟ ୬ ।
ପତ୍ରିକା (ସ୍କ୍ରିନ୍, ଫିଲ୍ମଫେଆର, ଫିଲ୍ମ ଇଣ୍ଡିଆ, ଟ୍ରୁ ରୋମାନ୍‌ସ୍)... ...	ଟ ୭ ୱ
ସିଗାରେଟ ଟିନ୍ (୫୫୫)	ଟ ୭ ୲
କୁଲିକୁ ବକ୍‌ଶିସ୍	ଟ ୧ ୲
ବାଲେଶ୍ୱରରେ ଦୁଇଟା ଡିନ୍‌ର (ନିଜପାଇଁ ଓ ଜନୈକା ତରୁଣୀ ସହଯାତ୍ରିଣୀ ପାଇଁ ...	ଟ ୭ ୱ
ବୟ୍‌କୁ ବକ୍‌ଶିସ୍	ଟ ୦ ୱ
ହାବଡା ଯାକେ ସହଯାତ୍ରିଣୀର ଇଣ୍ଟରକ୍ଲାସ ଟିକେଟ ଉପରେ ଅଧିକ ଭଡ଼ା (ସେକେଣ୍ଡ କ୍ଲାସ ପାଇଁ)	ଟ ୯ ।୵
ମୋଟଖର୍ଚ୍ଚ—	ଟ ୫୮୪ ୵
ବାକି ଜମା—	ଟ ୧୧୫ ୱ୶

ଅପ୍ରେଲ ୫, ୧୯୫୬

ଆୟ:—

ଘରୁ ଆଣିଥିବା ଟଙ୍କାର ଅବଶିଷ୍ଟାଂଶ ...	ଟ ୧୨ ୶
କାବୁଲିବାଲାଠୁ ଧାର ...	ଟ ୫୦୦ ୲
ଲୋକସଭା ଭତ୍ତା ...	ଟ ୧୦୦୦ ୲
ମୋଟ—	ଟ ୧୫୧୨ ୶

Digitized by srujanika@gmail.com

ବ୍ୟୟ :—

କାବୁଲିବାଲାଙ୍କୁ ମାସିକ ସୁଧ ଅଗ୍ରୀମ ...	ଟ ୫୦	୯
ମେସ୍ ଖର୍ଚ୍ଚ ...	ଟ ୮୦	୯
ବ୍ରିଜଲାଲ ମୋଦ୍ଦ ପାଖକୁ (କରଜ ବାବଦ)	ଟ୪୦୦	୯
ଅଲଗା ଫ୍ଲାଟ ଭଡ଼ାପାଇଁ ଦଲାଲଙ୍କୁ ଦେବାରେ	ଟ୧୦୦	୯
ଲଣ୍ଡ୍ରି	ଟ ୭	୯
ସେଲୁନ	ଟ ୨	୳
ସିଗାରେଟ (ରେଡ୍ ଏଣ୍ଡ ହ୍ୱାଇଟ୍) ...	ଟ ୦	୳୵
ଟାକ୍ସି	ଟ ୧	।
ଦୁଇଟା ସିନେମା ଟିକେଟ (ଅନାରକଳି)	ଟ ୬	୳
ଇଣ୍ଟାରଭେଲ୍‌ରେ ଦୁଇଜଣଙ୍କ ପାଇଁ		
ଆଇସ୍‌କ୍ରିମ ...	ଟ ୧	।
ମିସ୍ ମିର୍‌ଚ୍ଚୃନ୍ଦମା ପାଇଁ ଜେସ୍‌ମିନ୍ ଫୁଲ	ଟ ୧	୳
ପଟେଲ ନଗର ଟାକ୍ସି ଭଡ଼ା ...	ଟ ୫	୯
ଡିନର (ନିଜ ପାଇଁ)	ଟ ୪	୳
ବୟ୍‌କୁ ବକ୍‌ଶିସ୍ ...	ଟ ୦	।

ମୋଟ ଖର୍ଚ୍ଚ—ଟ୬୬୦ ।୵

ବାକି ଜମା—ଟ୮୫୧ ୳୵

ମଇ ୪, ୧୯୫୨

ଆୟ :—

ପୂର୍ବ ଜମାରୁ	ଟ ୨୦୨	୳୵
ଲୋକସଭା ଭତ୍ତା	ଟ୧୦୪୦	୯

ମୋଟ—ଟ୧୨୪୨ ୳୵

Digitized by srujanika@gmail.com

ବ୍ୟୟ:—

କାବୁଲିବାଲାର କରଜ ସୁଝା	ଟ	୨୫୦୲
ଏସ୍ନ ସୁଧ ...	ଟ	୨୫୲
ନୂଆ ଫ୍ଲାଟ୍ ପାଇଁ ଖଟ, ଟେବୁଲ, ଚେୟାର, ଡ୍ରେସିଂଟେବୁଲ, ବଛଣା, ଫଟୋ ଇତ୍ୟାଦି	ଟ	୨୫୦୲
ଫ୍ଲାଟ୍ ଭଡ଼ା ...	ଟ	୭୦୲
ଫ୍ଲାଟ୍ ଇଲେକ୍‌ଟ୍ରି ଓ ପାଣି ବିଲ୍	ଟ	୪୲
ଏମ୍. ପି. କ୍ୱାର୍ଟାର୍ସ ଇଲେକ୍‌ଟ୍ରି ଓ ପାଣି ବିଲ୍	ଟ	୧୭୲
ଟାକ୍‌ସି	ଟ	୨୳
ଲଣ୍ଡ୍ରି ...	ଟ	୪।୵
ଖବରକାଗଜବାଲା (ସ୍କ୍ରିନ, ଫିଲ୍ମଫେୟାର, ଫିଲ୍ମ ଇଣ୍ଡିଆ, ଟ୍ରୁ ରୋମାନ୍‌ସ, ଟାଇମ୍‌ସ ଅଫ ଇଣ୍ଡିଆ, ଇଲଷ୍ଟ୍ରେଟେଡ୍ ୱିକ୍ଲି)	ଟ	୧୪୲
ହେୟାର କାଟିଂ, ଶେଭ, ସେମ୍ପୁ ଓ ମାସେଜ୍	ଟ	୨୲
ଏସ୍ନ ବକ୍‌ଶିସ୍ ...	ଟ	୦।
ଅନ୍ନପୂର୍ଣ୍ଣା (୪ ଜଣ ସଦସ୍ୟ ବନ୍ଧୁଙ୍କ ସହ)	ଟ	୪୲
ବହି (ଯୌବନପଥେ, ରତିବିଳାସ, ମଧୁଗନ୍ଧ) ...	ଟ	୫୳
ମିସ୍ ମିର୍ଚ୍ଚନ୍ଦାନୀ ପାଖକୁ ଫୋନ୍	ଟ	୦ ୵
ଏସ୍ନ ପାଇଁ ଶଷ୍ଟଓ୍ୱାର୍ (ଲେଡିଜ୍)	ଟ	୧୫୨୲
ଦୁଇଟା ସିନେମା ଟିକେଟ (ଅନାରକଳି)	ଟ	୭୳
ଆଇସ୍‌କ୍ରିମ୍ (ଦୁ'ଜଣଙ୍କ ପାଇଁ)	ଟ	୧୳
ବୟ୍‌କୁ ବକ୍‌ଶିସ ...	ଟ	୦।
ଡିନର (୨ ଜଣ)	ଟ	୯୲

Digitized by srujanika@gmail.com

ମିସ୍ ମି: ପାଇଁ ରଜନୀଗନ୍ଧା ଫୁଲ	ଟ	୧୫
କନଟ୍ ସର୍କସରୁ ଇଣ୍ଡିଆ ଗେଟ୍ ଯାଏକେ ଟାକ୍ସି	ଟ	୧୫
ମିସ୍ ମି: କୁ ଛାଡ଼ିବା ପାଇଁ ପଟେଲ ନଗର ଯାଏକେ ଟାକ୍ସି ...	ଟ	୬৲
କୁଇନ୍ସ୍‌ୱେକୁ ଫେରିବା ଟାକ୍ସି	ଟ	୩୫
ଫାଉଣ୍ଟେନ୍ ପେନ୍ କାଳି ...	ଟ	୦ ୫୵
	ମୋଟ ଖର୍ଚ୍ଚ—ଟ	୮୧୮୵
	ବାକି ଜମା—ଟ	୬୨୬।

ଜୁନ ୨, ୧୯୪୨

ଆୟ:—

ପୂର୍ବ ଜମାରୁ	ଟ	୧୦୦ ।୵
ଲୋକସଭା ଭତ୍ତା	ଟ	୧୦୦୦৲
	ମୋଟ—ଟ	୧୧୦୦।୵

ବ୍ୟୟ:—

କାବୁଲିବାଲାର ସୁଧ ...	ଟ	୨୪৲
ଫ୍ଲାଟ୍ ଭଡ଼ା ...	ଟ	୬୦৲
ଏପ୍ରିଲ ଇଲେକ୍‌ଟ୍ରି ଓ ପାଣି ବିଲ୍	ଟ	୭৲
ଲଣ୍ଡ୍ରି	ଟ	୪୫
ଖବରକାଗଜବାଲା	ଟ	୧୦৲
ମିସ୍ ମିର୍ଚ୍ଚନ୍ଦାନୀ ପାଖକୁ ଫୋନ୍	ଟ	୦ ୵

Digitized by srujanika@gmail.com

ମିସ୍ ମି: କୁ ପ୍ରେଜେଣ୍ଟ୍ ଦେବାରେ :—

ରେଡ଼ିଓ	ଟ	୩୦୦୯
କ୍ରେପ୍ ଶାଢ଼ୀ	ଟ	୪୫୯
ବ୍ରେସିଆର ...	ଟ	୭୫
ବ୍ଲାଉଜ୍	ଟ	୧୫୯
ପେଟିକୋଟ୍ ...	ଟ	୧୦୯
ଇଭିନିଂ-ଇନ୍-ପାରିସ୍	ଟ	୩୫
ତୋଟଲ୍ ...	ଟ	୧୯
ଭିକ୍ଟୋରିଆ ହ୍ୱାଇଟ୍ ରୋଜ୍		
ସାବୁନ (୧ ବାକ୍ସ)	ଟ	୩୯
କ୍ୟୁଟିକ୍ୟୁରା ପାଉଡର	ଟ	୨।
ହେଆର୍ ରମ୍ବର୍	ଟ	୧୯୵
ସ୍ଲିପିଂ ଗାଉନ୍ (ସିଲ୍କ)	ଟ	୧୭୫
ହେଜ୍ଲାନ୍ ସ୍ନୋ	ଟ	୧୯୵
ରଜନୀଗନ୍ଧା ଫୁଲ	ଟ	୧୫
ଟାକ୍ସି ଭଡ଼ା	ଟ	୧୦୯
ଡିନର (୨ ଜଣ) ...	ଟ	୭୫
ସିଗାରେଟ (ରେଡ୍ ଆଣ୍ଡ୍ ହ୍ୱାଇଟ୍)	ଟ	୫୵
ମେସ୍ ବାକି ...	ଟ	୬୪୯

ମୋଟ ଖର୍ଚ୍ଚ—ଟ ୭୦୦୫

ବାକି ଜମା—ଟ ୪୯୯୯୵

Digitized by srujanika@gmail.com

ଅକ୍ଟୋବର ୭, ୧୯୫୨

ଆୟ:—

ପୂର୍ବ ଜମାରୁ ...	ଟ ୧୧୶
ଲୋକସଭା ଭତ୍ତା ...	ଟ ୮୦୦୲
ମୋଟ—	ଟ ୮୧୧ ୶

ବ୍ୟୟ:—

ଇଲେକ୍ସନ୍ ଟ୍ରିବୁନାଲ ମକଦ୍ଦମା ଖର୍ଚ୍ଚ ପାଇଁ ଦେବାରେ	ଟ ୪୦୦୲
କାବୁଲିବାଲାର ସୁଧ	ଟ ୨୫୲
ଫ୍ଲାଟ୍ ଭଡ଼ା	ଟ ୬୦୲
ଏପ୍ସ ଇଲେକ୍ଟ୍ରି ଓ ପାଣି ବିଲ୍	ଟ ୪।୶
ଧୋବା	ଟ ୨୲
ଖବରକାଗଜବାଲା	ଟ ୭।୶
ମେସ୍ ବାକି	ଟ ୬୦୲
ଲଞ୍ଚ୍ ...	ଟ ୧୵
ପୁରୁଣା ବହି (ନାଇଟ୍ସ ଅଫ୍ ଲଭ୍, ବ୍ରୋକେନ୍ ହାର୍ଟସ୍, କନଫେସନ୍ ଅଫ୍ ଏ ପାରଶ୍ ପ୍ରସ୍ଟିଟ୍ୟୁଟ୍) ...	ଟ ୨୵
ମିସ୍ ମିର୍ଚ୍ଚନ୍ଦାନୀ ପାଖକୁ ଫୋନ୍	ଟ ୦ ୶
ଦୁଇଟା ସିନେମା ଟିକେଟ୍ (ଅନାରକଲି)	ଟ ୫୵
ଦୁଇଟା କୋକାକୋଲା ...	ଟ ୦ ୵
ମିସ୍ ମି: ପାଇଁ ଫୁଲ	ଟ ୧ ୲
ଟାକ୍ସି ଭଡ଼ା ...	ଟ ୩ ୲
ବାସ ଭଡ଼ା ...	ଟ ୦ ।୶

Digitized by srujanika@gmail.com

ସିଗାରେଟ୍, ୧ ପାକେଟ୍ ବ୍ରୁମିନାର୍	ଟ ୵
୪ଟା ରେଡ୍ ଆଣ୍ଡ୍ ହ୍ୱାଇଟ୍ ...	ଟ ।
ସାରଡନ୍ ବଟିକା	ଟ ।
ମୋଟ ଖର୍ଚ୍ଚ—ଟ ୫୬୩୳୵	
ବାକି ଜମା—ଟ ୨୩୭ ।୵	

ଡିସେମ୍ବର ୧୫, ୧୯୫୬

ଆୟ:—

ପୂର୍ବ ଜମାରୁ ...	ଟ ୩।୵
ପଞ୍ଜାବୀ ପାଖରୁ ଧାର ...	ଟ ୪୦୦୲
ମୋଟ	ଟ ୪୦୩ ।୵

ବ୍ୟୟ:—

ପଞ୍ଜାବୀର ମାସିକ ସୁଧ ଅଗ୍ରୀମ ...	ଟ ୪୦ ୲
କାବୁଲିବାଲାର ସୁଧ	ଟ ୨୫ ୲
ମା’ଙ୍କ ପାଖକୁ ମନିଅର୍ଡର	ଟ ୫୦ ୲
ମନିଅର୍ଡର କମିଶନ	ଟ ୦ ୳
ଇଲେକସନ ମକଦ୍ଦମା	
ସାକ୍ଷୀ ଯୋଗାଡ଼ ପାଇଁ	ଟ ୨୦୦ ୲
ବ୍ରେକଫାଷ୍ଟ-କାମ୍-ଲଞ୍ଚ୍	ଟ ୦ ।|
ବାସ୍ ...	ଟ ୦ ।
ଲେଣ୍ଡିଂ ଲାଇବ୍ରେରୀରୁ ବହି (ଓ୍ୱାଇଫ୍ ଫର୍ ସେଲ୍)	ଟ ୦ ।|
ଚା ...	ଟ ୦ ୵

Digitized by srujanika@gmail.com

ବାଡ଼	...	ଟ ୦ ୵
ମିସ୍ ମିର୍ଜ୍ନଦମ ପାଖକୁ ଫୋନ ...		ଟ ୦ ୵
ଦୁଇଟା ସିନେମା ଟିକେଟ		
(ଅନାରକଲି)		ଟ ୩ ୳
ଟେନ ଚୂର	...	ଟ ୦ ।
ଦୁଇଟା ଋ		ଟ ୦ ।
ମିସ ମି: ପାଇଁ ଫୁଲ		ଟ ୦ ୳
ବାସ୍	...	ଟ ୧ ୳
ନଜପାଇଁ ଡନର	...	ଟ ୦ ୳

ମୋଟ ଖର୍ଚ୍ଚ—ଟ ୩୨୨ ୳୵
ବାକିଜମା—ଟ ୮୦ ୳୵

ଜାନୁଆରୀ ୫, ୧୯୫୩

ଆୟ:—

ଡସେମ୍ବର ମାସ ୧୦ ଦନର	
ଲୋକସଭା ଭତ୍ତା	ଟ ୪୦୦ ୳
ବେଙ୍କ୍ ଏକାଉଣ୍ଟ କ୍ଲୋଜ୍ କରି...	ଟ ୩୫୦ ୳
ପୁରୁଣା ଖବର କାଗଜ ଓ	
ମେଗାଜିନ୍ ବକ୍ରି ରୁ	ଟ ୫ ୳
ଟେବୁଲ, ଚେୟାର, ଖଟ ଓ	
ଡ୍ରେସିଂ ଟେବୁଲ ବକ୍ରି ରୁ	ଟ ୩୫ ୳
ଘଡ଼ ବକ୍ରି ରୁ	ଟ ୧୫ ୳

Digitized by srujanika@gmail.com

ପୁରୁଣା ପୋଷାକପତ୍ର ବଦଳିରୁ (ଗୋଟିଏ ସୁଟ୍, ୨ଟା ପ୍ୟାଣ୍ଟ, ୪ଟା ସାର୍ଟ, ୨ଟା ବୁସ୍ ସାର୍ଟ, ୭ଟା ଗାନ୍ଧୀକେପ୍)	...	ଟ ୧୩ ୮
		ମୋଟ—ଟ ୮୧୯ ୯

ବ୍ୟୟ:—

ଇଲେକସନ୍ ମକଦ୍ଦମା ଦ୍ୱାରା ପ୍ରତିପକ୍ଷଙ୍କୁ କ୍ଷତିପୂରଣ ଦେବାରେ	...	ଟ ୭୫୦ ୯
କାବୁଲିବାଲା ଜଗି ବସିବାରୁ	...	ଟ ୭୫ ୯
ମା'ଙ୍କ ପାଖକୁ ମନିଅର୍ଡର	...	ଟ ୨୫ ୯
ମନିଅର୍ଡର କମିଶନ		ଟ ୦ ।୵
ଲେଣ୍ଡିଂ ଲାଇବ୍ରେରୀରୁ ବହି (ଡେସ୍‌ପାରେଟ୍ ଡିସିସନ୍)		ଟ ୦ ।
ମିସ୍ ମିରବ୍ରହ୍ମମୀ ପାଖକୁ ଫୋନ	...	ଟ ୦ ୵
ଦୁଇଟା ସିନେମା ଟିକେଟ, ଡ୍ରେସ୍‌ସାର୍କେଲ୍ (ଅନାରକଲି)	..	ଟ ୧୦ ୯
ଦୁଇଟା ଡିନର		ଟ ୧୨ ୯
ଦୁଇ ବୋତଲ ବୟାର୍		ଟ ୭ ୴
ଏକ ବୋତଲ ହେଣ୍ଡ୍ୱାର୍ଡସ୍ ଡ୍ରାଇଜିନ		ଟ ୭ ୴
ଓ୍ୱେଟରକୁ ବକ୍‌ଶିସ		ଟ ୨ ୯
ମିସ୍ ମି: ପାଇଁ ଫୁଲ (ଜେସ୍‌ମିନ୍, ଅଶୋକ, ରଜନୀଗନ୍ଧା)	...	ଟ ୪ ୯
ଫୁଲବାଲାକୁ ବକ୍‌ଶିସ୍	...	ଟ ୧ ୮

Digitized by srujanika@gmail.com

ପାନ	...		ଟ ୦ ୫
ପାନବାଲାକୁ ବକ୍‌ଶିସ୍		...	ଟ ୦ ୫
ଟାକ୍‌ସି	...	...	ଟ୧୫ ୯
ଡ୍ରାଇଭରକୁ ବକ୍‌ଶିସ୍		...	ଟ ୫ ୯
ମିସ୍ ମିରଣ୍ଡାଙ୍କ ପାଖକୁ ବିଦାୟବାଣୀ ଲେଖି ଏକ୍‌ସପ୍ରେସ ଚିଠି ପୋଷ୍ଟ କରିବାରେ			ଟ ୦ ।
ନିଦ୍ରାବଟୀ (ଶ୍ଲିପିଂ ପିଲ୍)		...	ଟ ୩ ୫
ଚାଉ	...	...	ଟ ୦ ୵
ଭିକାରୀକୁ ଦେଲି (ସେ ଝାଲୁକ ଖୁସି ହୋଇ ଆଶୀର୍ବାଦ କଲା—"ବେଟା ତୁମାର ତନଦୁରୁସ୍ତି ଭାଲ୍ ବନେ")		...	ଟ ୦ ୵

ମୋଟ ଖର୍ଚ୍ଚ—ଟ ୮୧୯ ୯
ବାକିଜମା—ଖଣ୍ଡାନାସ୍ତି

ଖାତା ଖଣ୍ଡିକ ମୋ ସାଥିରେ ଘର ଯାକେ ଆସିଥିଲା । ଚହଁରେ ଫଳ ହେଲା ଓଲଟା । ବିଦେଶରୁ ଫେରିବାର କେଇ ମାସ ପରେ ନୂଆଦିଲ୍ଲୀରୁ ଡାକରା ଆସିଲା ଏକ ନୂଆ ନିଯୁକ୍ତିର ପ୍ରସ୍ତାବ ନେଇ । କିନ୍ତୁ ନିଯୁକ୍ତି ତ ଦୂରକଥା, ମୋର ହୋମ୍ ଡିପାର୍ଟମେଣ୍ଟର ଲାଟିକା (ଗଭର୍ଣ୍ଣେସ୍) ସଫା ମନା କରିଦେଲେ— ଆମର 'ନୂଆଦିଲ୍ଲୀ ଲଡ୍ଡୁ' ଚାଖଣା ଦରକାର ନାହିଁ । ସେ 'ଦିଲ୍ଲୀକା ଲଡ୍ଡୁ' ଠାରୁ ବି ଆହୁରି ଲୋଭମାୟୁ !

ନର୍ଦ୍ଦାନା
୧୯୫୪

Digitized by srujanika@gmail.com

ନବଜାତକ

ପୌଷ ଶେଷର ପଞ୍ଚମ ଅଷ୍ଟ ରାତ୍ର । ବାହାରେ ଶିଶିର ପଡ଼ୁଛି । ଘର ଭିତରେ ମଇଳା ଲଣ୍ଠଣଟା ଜାଳି ଗୋକୁଳ ବସି ରହିଛି—ଆଖି ଦୁଇଟିରେ ଯେପରି ତା'ର ଯୁଗ ଯୁଗ ସଞ୍ଚିତ ଏକ ଆକୁଳ ପ୍ରତୀକ୍ଷା ! ଘର କୋଣରେ ବିଛଣାଟା ଉପରେ ଗୋକୁଳର ସ୍ତ୍ରୀ ଏକ ନିଶ୍ଚଳ, ରୁଗ୍ଣପ୍ରାୟ ଭଳି ପଡ଼ି ରହିଛି । ବିଛଣାଟାକୁ ନରମ କରିବା ପାଇଁ ଗୋକୁଳ ଆଜ ସବୁଯାକ କନ୍ଥା ସପଟା ଉପରେ ବିଛାଇ ଦେଇଛି—ଏକ ଅବାଞ୍ଛିତ ଆଗ୍ରହରେ ।

ହଠାତ୍ ଆର୍ତ୍ତନାଦ କରି ଗୋକୁଳର ସ୍ତ୍ରୀ ଥରି ଉଠିଲା । ଯେପରି ଏକ କର୍ଣ୍ଣଭେଦୀ ତୀକ୍ଷ୍ଣ ଚିତ୍କାର କରି ମେଲଗାଡ଼ିଟା ଷ୍ଟେସନ ପାରହୋଇ ଛୁଟିଗଲା ! ତା' ପରେ ଏକ କ୍ଷୀଣ କ୍ରନ୍ଦନର ଆକୁଳିତ ଧ୍ୱନି ! ସେଇ କାତର ଧ୍ୱନି ବି ଗୁଡ଼ାଏଁ ଟି କାନ୍ଥର ଧାରେ ଧାରେ ଘୂର୍ଣ୍ଣି ଖାଇ ମିଳାଇଗଲା । ଗୋକୁଳର ଆଖି ଦୁଇଟିରେ ଏକ ଅସ୍ୱାଭାବିକ କଠିନତା ଧୀରେ ଧୀରେ ଫୁଟି ଉଠୁଥିଲା ।

ଲଣ୍ଠଣଟାର ଅନୁଜ୍ଜ୍ୱଳ ଶିଖା ଆଡ଼କୁ ଚାହିଁ ଚାହିଁ ଗୋକୁଳ ହତାଶ ମନରେ ଭାବୁଥିଲା—ଫୁଲି ଆଜ କାହିଁକି ବେଶି ଟିକିଏ ଛନାଘନା ଆରମ୍ଭ କରିଛି । ନିଦରେ ଶୋଇ ମଧ୍ୟ ବେଳେ ବେଳେ ସେ ତ ଭୁଲିଛାଟାରେ ଚିତ୍କାର କରି ଉଠି ବସେ । କିନ୍ତୁ ଆଜ ସଞ୍ଜ

Digitized by srujanika@gmail.com

ଠାରୁ ସେ କେବଳ ଶୋଇ ରହିଛି, ଆଜ ବେଳେ ବେଳେ ଚିତ୍କାର କରି ଉଠୁଛି ।

ଗୋକୁଳ ମନେ ମନେ ଗଣି ନେଲା—ଏଇ ତ ନଅ ମାସ ପୂରିଗଲା । କେଜାଣି, ଆଜି ଯଦି ଫୁଲ ହଠାତ୍ ପିଲା ଜନ୍ମ କରି ବସେ ! ଗୋକୁଳର ସ୍ନାୟୁତନ୍ତ୍ରୀ ଗୁଡ଼ାକ ଏକା ସାଙ୍ଗରେ ଦପ୍ ଦପ୍ କରି ଉଠିଲା । ସର୍ବନାଶ, ଫୁଲ ତା'ହେଲେ ସବୁ ସଂଶୟର ବନ୍ଧ ଭାଙ୍ଗି କୁତ୍ସିତ ଜାରଜ ସନ୍ତାନ ପ୍ରସବ କରିବ ! ଗୋକୁଳ କୌଣସି ପ୍ରକାରେ ଆଜ ଆଖି ଖୋଲି ଚାହିଁ ପାରିଲା ନାହିଁ—ଚାହିଁ ବି ପାରିବ ନାହିଁ । କାନ ବନ୍ଦ କରି ରଖିବ—ପାଖ ପଡ଼ିଶାର କଳରବ ସେ ଶୁଣିବ ନାହିଁ ।

ଓଃ—ସେଦିନ କି ଦୁର୍ଯୋଗ ରାତି ! କାହିଁକି ଯେ ସେଇ ରାତିରେ ଗୋକୁଳ ତା'ର ପୁରୁଣା ଚେଇଁ ଖଣ୍ଡିକ ଧରି ବାଟ ଚାଲୁଥିଲା ! ଖରାଦିନ ହେଲେ ବି ସେଦିନ ସକାଳୁ ସଞ୍ଜଯାକେ ବେଶ୍ ଅସ୍ରାଏ ବର୍ଷା ହୋଇଯାଇଛି । ବାଟ ଉପରଟା କାଦୁଅ ପଚ ପଚ—ମଝିରେ ମଝିରେ ପାଣି ଜମି ରହିଛି । ଚାରିଆଡ଼େ ଘୁଟୁଘୁଟିଆ ଅନ୍ଧକାର । ସେ ଚାଲିଛି ଘରଦ୍ୱାର ଛାଡ଼ି ଏକ ଅନିର୍ଦ୍ଦିଷ୍ଟ ପଥରେ, କେବଳ ଟିକିଏ ନିରାପଦ ଆଶ୍ରୟ ପାଇଁ । ଦୁଇ ଦିନ ହେଲା ଷଡ୍ଢେଇକଲା ନରକପୁରୀ ହୋଇ ରହିଛି । କେଉଁଠାରୁ ଯେ ଗୁଡ଼ାଏ ଗୁଣ୍ଡା ଆସି ଓଡ଼ିଆଙ୍କ ଉପରେ ଯେଉଁ ଅକଥ୍ୟ ଅତ୍ୟାଚାର ଚଳାଇଛନ୍ତି, ନାହିଁ ନ ଦେଖିବା କଥା । ସେ ଆଜ ସମ୍ଭାଳି ନ ପାରି ଚାକିରୀ ଛାଡ଼ି ସେଇ ଦୁର୍ଯୋଗ ରାତିରେ ପାଦ ବଢ଼ାଇଛି—ତାର ଜନମମାଟି ଷଡ୍ଢେଇକଲାକୁ ପଛରେ ପକାଇ ।

ଆଗରେ ସିନି ଷ୍ଟେସନ ଆହୁରି ଦୁଇ ମାଇଲ ଦୂର ।

Digitized by srujanika@gmail.com

ସେଇ ଯେ ସକାଳୁ ସଞ୍ଜଯାକେ ଟାଟାନଗରରୁ ସଶସ୍ତ୍ର ପୋଲିସ୍‌ର ଗାଡ଼ିଗୁଡ଼ାକ ଧାଁ ଦଉଡ଼ କରୁଛି—ତାର ଗୃହପରେ ବାଟଟା ଏବେ କାଦୁଆ ହୋଇଛି । ବେଳେ ବେଳେ ବାଟ ଉପରେ ଗୋଟାଏ ବାଙ୍କ ବୁଲିଲା ବେଳକୁ ଝାଙ୍କେ ଜକ୍ମଜକ୍ମିଆ ପୋକ । ଦୁଇ ପାଖରେ ଘନ ଶାଳବନ । ଗୋକୁଳ ଗୃହଲାଛି ଏକ ମୁହାଁ ହୋଇ । ଏଇ ବାଟଟା ସାଙ୍ଗରେ ତାର ପିଲାଟିଦିନରୁ ପରିଚୟ ।

ହଠାତ୍ ସେ ଚମକି ପଡ଼ି ଛିଡ଼ା ହୋଇଗଲା । ଏ କଣ, ବାଟ ମଝିରେ ମୁର୍ଦ୍ଧାରଟାଏ ପଡ଼ିଛି ! ଗୋକୁଳ ଉଚ୍ଚସ୍ବରେ ଚିତ୍କାର କରି ଉଠିଲା—'କିଏ' ? ତାର ଗଳାର ସ୍ବର ଯେପରି ଖଣ୍ଡ ମାରି ଯାଇଛି । ଟର୍ଚ୍ଚର ଆଲୁଅଟା ବି ନିର୍ଜ୍ଜୀବ ହୋଇ ଆସୁଥିଲା ।

ମୁର୍ଦ୍ଧାରଟା ଉଁ କି ଚୁଁ କିଛି ଜବାବ ଦେଲା ନାହିଁ ।

ଗୋକୁଳ ସାହସ ବାନ୍ଧି ଟର୍ଚ୍ଚଟା ତଳମୁହାଁ କରି ପାଦେ ପାଦେ ଆଗେଇ ଗଲା । ଟର୍ଚ୍ଚର ଆଲୁଅରେ ସେ ଦେଖିଲା— ଗୋଟିଏ ସାନ୍ତାଳ ଝିଅର ଅତି ସୁନ୍ଦର ମୁହଁ ଖଣ୍ଡିକ । ବୟସ ଅଠରରୁ ବେଶି ହେବ ନାହିଁ । ଅଣ୍ଟାଠାରୁ ତଳକୁ ରକ୍ତରେ ଜୁଡ଼ୁବୁଡ଼ୁ । ଅଜ୍ଞାନ ହୋଇ ପଡ଼ିଛି ସେ । ଲାଲ କଙ୍କର ମାଟି ଉପରେ ଧଳା ଶାଢ଼ୀଟା ଗୁଡ଼ିଯାକେ ଦୋହଡ଼ି ହୋଇ ପଡ଼ିଛି । ମାଟି ଉପରେ ବି ଏଠି ସେଠି ରକ୍ତ । ମୁହଁରେ ତାର ଫେଣ ଭରି ।

ଗୋକୁଳ ଜାତିରେ ଖଣ୍ଡାୟତ ହେଲେ ମଧ୍ୟ ପିଲାଟି ଦିନରୁ ସାନ୍ତାଳ ପଡ଼ୋଶୀ ସାଙ୍ଗରେ ଖେଳିଛି, ବୁଲିଛି, ପଢ଼ିଛି ବୋଲି ସେମାନଙ୍କୁ କେବେହେଲେ ସେ ପର ଭାବ ନାହିଁ । ଟର୍ଚ୍ଚଟା ବାଁ

Digitized by srujanika@gmail.com

ହାତରେ ଧରି ଝିଅଟିର ଦେହରେ ହାତ ମାରି ସେ ଧୀରେ ଧୀରେ ଡାକିଲା—"କୁଇ' ଏ କୁଇ,—"

ତଥାପି ଝିଅଟି କୌଣସି ଜବାବ ଦେଲା ନାହିଁ । ଗୋକୁଳ ଟର୍ଚ୍ଚ' ଆଲୁଅରେ ଦେଖିଲା, ବାଟ କଡ଼ର ଗୋଟିଏ ଗାଡ଼ରେ ପାଣି ଜମି ରହିଛି । ସାଙ୍ଗେ ସାଙ୍ଗେ ସେଇଠୁ ଆଞ୍ଜୁଳାଏ ପାଣି ଆଣି ଝିଅଟିର ମୁହଁରେ ଓ ମୁଣ୍ଡରେ ମାରିଲା । ଏଥର ଧୀରେ ଧୀରେ ସେ ଆଖି ଖୋଲିଲା । ଗୋକୁଳ ମାଟି ଉପରେ ବସି ପଡ଼ି ଏକାନ୍ତ ଉତ୍ସୁକ ଭାବରେ ଝିଅଟିର ମୁଣ୍ଡ ଟେକିଧରି ଆପଣା କୋଳ ଉପରେ ରଖିଲା । ଅସୀମ ମମତାରେ ଅନ୍ତର ତା'ର ଯେପରି ଉଦ୍‌ବେଳିତ ହୋଇ ଉଠିଲା ।

ସ୍ୱତଃସ୍ଫୂର୍ତ୍ତ ସ୍ନେହରେ ତାର ମୁଣ୍ଡ ଉପରେ ହାତ ବୁଲାଉ ବୁଲାଉ ଥର ଥର କରି କେତେ ଥର କେତେ କଥା ପଚାରିଲା ଗୋକୁଳ—କିନ୍ତୁ ସବୁଥର ନିରାଶ ହେଲା ସେ । ଝିଅଟି ଆଉ ମୁହଁ ଖୋଲିଲା ନାହିଁ । ତା'ହେଲେ ସେ କଣ କନ୍ଦୀ, ଜାଡ଼—କଥା କହି ପାରେ ନାହିଁ !

ଗୋକୁଳର ବୟସ ପଚିଶ ଛବିଶରୁ ଉଣା ନୁହେଁ । ଲେଣ୍ଡା ଟୋକା । କେଜାଣି କାହିଁକି ତାର ଝିଅଟି ଉପରେ ସହାନୁଭୂତି ସଙ୍ଗେ ସଙ୍ଗେ ମାୟା ହେଲା । ହୃଷ୍ଟ ପୁଷ୍ଟ ଦେହର ଗଠନ । ମୁହଁ ଖଣ୍ଡିକ ଚମ୍ପାଫୁଲ ପରି ସୁନ୍ଦର । ହାତରେ ଲୁହାର 'କଉଁରୀ' ନାହିଁ—ବୋଧହୁଏ ଅଭିହାଡ଼ୀ । ଗୋକୁଳର ମୁଣ୍ଡଟା ଝିମି ଝିମି କରି ଉଠିଲା । ଏଣେ କର୍ତ୍ତବ୍ୟ ଜ୍ଞାନ ଥାଇ ଥାଇ ତାକୁ ଚୁବୁକ୍ କରିଲା ।

Digitized by srujanika@gmail.com

ପାଖ ଗାଁରେ ସାନ୍ତାଳ ବସ୍ତି ରହୁଛି । ନା, ଗୋକୁଳ ସେ ଗାଁକୁ ଆଦୌ ଯିବ ନାହିଁ । ସେ ସିଧା ଟାଟାନଗର ଯିବ । ସେଠାରୁ ଚାଲିଯିବ ତାର ଆଶା ଓ ଆଶ୍ରୟସ୍ଥଳ ଓଡ଼ିଆ ରାଜ୍ୟକୁ—ଯେଉଁଠି ତା' ଉପରେ ଅତ୍ୟାଚାର କରିବାକୁ କେହି ନ ଥିବେ ।

ଗୋକୁଳ ସିନା ବାଟ ଛାଡ଼ି ବାଟ ଚାଲିଲା ।

କେତେ ବାଟ ଯେ ଝିଅଟିକୁ କାନ୍ଧରେ ବୋହି ଗୋକୁଳ ବାଟ ଚାଲିଛି, ତାର ଖିଆଲ ନାହିଁ । ଏଥର ସେ ଧୀରେ ଧୀରେ ସୁସ୍ଥ ହୋଇ ଉଠିଛି । ସେ ଆଉ ଗୋକୁଳର କାନ୍ଧରେ ନ ରହି ଧପ୍ କରି ବାଟ ଉପରେ ଓହ୍ଲାଇ ପଡ଼ିଲା—କିନ୍ତୁ କୌଣସି କଥା ନ କହି ନୀରବରେ ତା' ପଛେ ପଛେ ଚାଲିଲା ।

ଖଡ଼କେଇ ନଦୀଟା ରେଳ ପୋଲ ତଳେ ଯେଉଁଠି ଆଦିତ୍ୟପୁରର ପାଦ ଧୋଇ ଯାଉଛି, ତାରି ପରିଚିତ ବକ୍ଷ ଅତିକ୍ରମ କରି ଗୋକୁଳ ଷଡ଼େଇକଲା ସୀମା ଛାଡ଼ିଲା । ପିଲାଟି ଦିନରୁ ଏଇ ନଦୀ ସାଙ୍ଗରେ କେତେ ନିବିଡ଼ ତା'ର ପରିଚୟ । ସେଇ ନଦୀ ପାଣିରେ ମୁହଁ ହାତ ଧୋଇ ସବୁ ସୁଖ ଦୁଃଖର ସ୍ମୃତିକୁ ସେ ପୋଛି ପକାଇଲା—ଆଜି ଏକ ଉଦ୍‌ଗତ ଦୀର୍ଘଶ୍ୱାସକୁ ଚାପିରଖି ଝିଅଟିକୁ ଲକ୍ଷ୍ୟ କରି ପଚାରିଲା—"ଆମା ନୁତୁମ୍ ଚକାନ୍-ଆ ?" (ତୋ ନାଁ କଣରେ)

ଝିଅଟି ମୁଣ୍ଡ ତଳକୁ କରି ଉତ୍ତର ଦେଲା—"ଫୁଲ ।"

ଝିଅଟିର ମୁହଁରୁ କଥା ଶୁଣି ଗୋକୁଳର ଛାତି କୁଣ୍ଢେ ମୋଟ ହୋଇଗଲା । ସେ ଏକ ନବୋଧ ଶିଶୁର ଆଗ୍ରହ ନେଇ ପଚାରିଲା—"ତୋର କଣ ହୋଇଥିଲା କି ?"

Digitized by srujanika@gmail.com

ଫୁଲର ଆଖି ଦୁଇଟି ମୁହୂର୍ତ୍ତକେ ମ୍ଳାନ ହୋଇଗଲା । ତଥାପି ସେ ଗୋକୁଳକୁ ସବୁ ଖୋଜି କରୁଥିଲା ।—ଆଦିତ୍ୟପୁର ପାଖ ବସ୍ତିରେ ତା'ର ବାପର ବସା । ବାପ ତା'ର ଟାଟା କାରଖାନାରେ କାମ କରେ, ଆଉ ସେ ବିଷ୍ଟୁପୁର ବାଳିକା ବିଦ୍ୟାଳୟର ହେଡ୍ ମିଷ୍ଟ୍ରେସ୍ ଘରେ କାମ କରେ । ସେ ଦିନ ସଞ୍ଜବେଳକୁ ତାର ବାପ ବସାକୁ ଆସୁଥିଲା । ମୁହଁ ଅନ୍ଧାର ବେଳକୁ ସେ ନଈ ପାର ହେଉଛି, ହଠାତ୍ କେଇଟା ବଡ ବଡ ପଲ୍ଟଣୀ ଗାଡ଼ି ପଛରୁ ଆସି ସିନା ବାଟରେ ଗୁଲଗଲା । ସବା ପଛଗାଡ଼ିଟା ଯେପରି ଝାଙ୍କି ଖାଇ ତା' ଆଗରେ ଠିଆ ହୋଇଗଲା । ଫୁଲ ଆଉ ଧାଇଁ ପଳାଇ ଯିବାକୁ ବାଟ ପାଇଲା ନାହିଁ । ଖାକି ପୋଷାକ ପିନ୍ଧା କଳା ମସ୍‌ମସ୍ କେଇଟା ମରଦ ଭୁଷ୍‌ଭାଷ୍ ହୋଇ ଗାଡ଼ିରୁ ଡେଇଁଲାଇ ପଡ଼ି ତା' ମୁହଁରେ ରୁମାଲ ଗୁଞ୍ଜି ଦେଇ ତାକୁ ଗାଡ଼ି ଭିତରକୁ ଉଠାଇ ନେଲେ ।

ତା' ପରେ କେତେବେଳେ ଯାଏ ଗାଡ଼ିଟା ପବନ ପରି ଛୁଟି ଗୁଲିଛି—ଫୁଲ କହି ଜାଣେ ନାହିଁ । ସେ ଗାଡ଼ି ଭିତରେ କେତେ ଥର ବେହୋସ ହୋଇ ପଡ଼ୁଛି । ଯେତେ ଥର ଚେତା ଫେରି ଆସିଛି—ସେ ଦେଖିଛି ତାର ଗୁରି ପାଖରେ କଳାକଳା ବନ୍ଧୁକ, ମୋଟା ମୋଟା ବାଉଁଶ ଠେଙ୍ଗା, ସୋଡ଼ା ବୋତଲ ଆଉ ଇଟା ପଥର—ଏଣେ କେତୋଟି କୁତ୍ସିତ ଲୋକର ଲୋଲୁପ ଦୃଷ୍ଟି ଓ ତାଙ୍କର ବିକଟ ହସ । ହସ ମଝିରେ ରାକ୍ଷସ ଭଳି ତାଙ୍କର କଦର୍ଯ୍ୟ ଦାନ୍ତ ଗୁଡ଼ାକ ଦେଖି ଫୁଲ ଥର ଥର ହୋଇ ବେହୋସ ହୋଇ ଯାଉଥିଲା ।

Digitized by srujanika@gmail.com

ଫୁଲ ଯେପରି ଦମ୍ ନେବାକୁ ଯାଇ ଚୁପ୍ ହୋଇଗଲା । ଗୋକୁଳ ମଧ୍ୟ ନୀରବ ରହିଲା । ସେ କେବଳ ଭାବୁଥିଲା—ଫୁଲ ତା' ହେଲେ ନୂଆ ଜନ୍ମ ପାଇଛି !

ଫୁଲ ଏଥର ଅତି ଭୀତ ଓ ଶଂକିତ ସ୍ୱରରେ କହିଲା—"ମୁଁ ତ ବାଟ କଡ଼ରେ ପଡ଼ି ମରିଥାନ୍ତି, ତୁମେ କାହିଁକି ଏତେ କଷ୍ଟ କରି ମୋତେ ବଞ୍ଚାଇ ଏତେ ବାଟ ବୋହି ଆଣିଲ ? ମୁଁ ଜାଣେ, ମୋତେ ଆଉ କେହି ଘରେ ପୂରେଇବେ ନାହିଁ କି ଆମ ଜାତିର କେହି ବାହା ହେବେ ନାହିଁ । ତମେ ସିନା ଏତକ କଷ୍ଟ କଲ, ଆମ ଜାତିର କେତେ ଜଣ ସେଇ ବାଟରେ ଷଣ୍ଢେଇକଲା ଯାଉଥିଲେ—ସେତେବେଳେ ମୋର ସାମାନ୍ୟ ଚେତା ଆସିଥାଏ । ମୁଁ ଶୁଣିଛି, ସେମାନେ କଥା ହୋଇ ଯାଉଥାନ୍ତି—କେଉଁ ସଭା ଭାଙ୍ଗିବା ପାଇଁ ନା କଣ କରିବା ପାଇଁ । ସେଥିରେ ତାଙ୍କୁ କେତେ ଟଙ୍କା ମିଳିବ,କେତେ ମଦ ମିଳିବ—ଏଇ ସବୁ କଥା । ମୁଁ ଆକୁଳ ହୋଇ ସେମାନଙ୍କୁ ଡାକିଛି, ଓଲଟି ସେମାନେ ମୋତେ ଗୋଇଠା ମାରି ଚାଲି ଯାଇଛନ୍ତି । ସେମାନେ କଣ ମୋ କଥା ଭାବି ନ କରି ଛାଡ଼ିବେ ? ତମେ ତ ଜାଣ, ଆମ ଜାତି ଲୋକଙ୍କ ପେଟରେ କଥା ପଚେ ନାହିଁ ।"

ଫୁଲ ପୁଣି ଥରେ ଦମ୍ ନେଇ କହିଲା—"ତୁମେ ପୁଣି ମୋତେ କେଉଁଠିକି ନେଇ ଯିବ ? ଏ ବିପଦରୁ ମୋତେ ଉଦ୍ଧାର କରି କଣ କେଉଁଠି ହେଲେ ବଞ୍ଚି ରହିବାକୁ ଠାବ ଦେବ ?"—ତାର କଣ୍ଠ ସ୍ୱରରେ ଯେପରି ଆକୁଳତାର ବନ୍ଧ ଭାଙ୍ଗି ପଡ଼ୁଥିଲା ।

"ଅଲବତ୍ !" କୂଳର ବଡ଼ ପଥରଟାକୁ ଟାଣି ଟାଣି ଗୋକୁଳ ଯେପରି ତାର ସଂକଳ୍ପର ଦୃଢ଼ତା ପରୀକ୍ଷା କରିଥିଲା !

Digitized by srujanika@gmail.com

ପ୍ରାଦେଶିକତାର ବର୍ବର ଶକ୍ତି ହାତରେ ନର୍ଯ୍ୟାଶିତ ଦୁଇଟି ତରୁଣ ତରୁଣୀ ଆପଣା ଜନ୍ମମାଟି ଛାଡ଼ି ଏକ ଅଜଣା ପଥରେ ଅଗ୍ରସର ହୋଇଥିଲେ—ପ୍ରଭାତର ନବୀନ ସୂର୍ଯ୍ୟକୁ ସାକ୍ଷୀ ରଖି ।

କେତେ ମାସ ବିତି ଯାଇଛି । ଗୋକୁଳ ଆଜି ତାର ଜାତିର ଦେଶରେ ନୂଆପଦରେ ରହୁଛି,—ରମ୍ଭା ଷ୍ଟେସନ ପାଖ ଫରେଷ୍ଟ ବିଟ୍‌ରେ ଫରେଷ୍ଟ ଗାର୍ଡ ହୋଇ । ପଛରେ ଛାଡ଼ି ଆସିଥିବା ବ୍ୟଥାଭରା ଅତୀତଟାକୁ ଭୁଲିଯିବା ପାଇଁ ବାର ବାର ଚେଷ୍ଟା କରୁଛି ସେ ।

ହଠାତ୍ ଫୁଲ ପୁଣି ଚିତ୍କାର କରି ଉଠିଲା । କି ତୀବ୍ର ସେ ଆର୍ତ୍ତନାଦ ! ଗୋକୁଳ ଏଥର ଉଠି ଛିଡ଼ା ହେଲା । ତା' ହେଲେ ଆଜି କଣ ଫୁଲ ପିଲା ଜନ୍ମ କରିବ ? ଗୋକୁଳ ପୁଣି ବସି ପଡ଼ିଲା । ନା, ନା, ସେ ଫୁଲର ପିଲା ଚାହେଁନା । ଯଦି ଆଜି ପିଲା ଜନ୍ମ ହେବ, ତା ହେଲେ ସାଙ୍ଗେ ସାଙ୍ଗେ ତାକୁ ସେ ତଣ୍ଟି ଚିପି ମାରି ଦେବ । ହତଭାଗା ଗୋକୁଳର ଫୁଲ ତ ଆଜି ତା'ର ସନ୍ତାନର ମା' ହେବ ନାହିଁ ।

ସମଗ୍ର ବିଷଣ୍ଣତା ଓ ରୁକ୍ଷତା ଭେଦ କରି ଗୋକୁଳର ଆଖିରେ ହଠାତ୍ ଯେପରି ଆନନ୍ଦର ଝଲକ ଖେଳି ଉଠିଲା—ଯଦି ନବଜାତ ଶିଶୁଟି ତାରି ରୂପ ନେଇ ଆସେ ! —କିନ୍ତୁ ପରକ୍ଷଣରେ ପୁଣି ତାର ମନଟା ରୁକ୍ଷ ହୋଇ ଉଠିଲା । ନା, ତା' କିପରି ସମ୍ଭବ ହେବ ?

ଗର୍ଭର ବିଶୃଙ୍ଖଳ ମାସରୁ ରାତି ପରେ ରାତି ସ୍ୱପ୍ନ ଦେଖି ନିଦ ଭିତରେ ବି ଫୁଲ କାନ୍ଦି ଉଠିଛି । ଗୋକୁଳ କେତେ ଥର ରାତିରେ

Digitized by srujanika@gmail.com

ଆଲୁଅ ଜାଳି ଫୁଲର ଦେହ ଉପରେ ହାତ ରଖି ଜଗି ବସିଛି । କେତେଥର ସେଇ ଗୋଟିଏ ପ୍ରଶ୍ନ କରୁଛି—"ସ୍ୱପ୍ନରେ କଣ ଦେଖିଲୁ ଫୁଲ ?"

ଫୁଲ ଉତ୍ତର ଦେଉଛି, "ମୁଁ କାହିଁକି ନମରି ବଞ୍ଚି ରହିଛି ? ସ୍ୱପ୍ନରେ ଦେଖିଲି, ମୋର ପେଟ ଭିତର ପିଲା ଦେହରେ ପଲେ ହେଲେ ବି ମାଂସ ନାହିଁ । ଖାଲି କଳା କଳା ହାଡମାଳରେ ଦେହଟା ତାର ଭର୍ତ୍ତି । ଆଉ ତା ର ରୂପଟା କି କୁତ୍ସିତ—କଳା ମସ୍‌ମସ୍ ସେଇ ବଙ୍କରମାନଙ୍କ ଭଳି ।"

ଗୋକୁଳ ଏ କଥା ଶୁଣି ଘୃଣାରେ ମୁହଁ ବୁଲାଇ ନେଉଛି । ଫୁଲ ମୁହଁରୁ ସେ ଏ କଥା ଶୁଣିବାକୁ ଚାହେଁ ନାହିଁ । ସେ ଶୁଣିବାକୁ ଚାହେଁ—ଫୁଲର ପେଟରେ ଶିଶୁ ଗୋକୁଳର ରୂପ ନେଇ ଆସୁଛି । ତା' ହେଲେ କଣ ଫୁଲ ସେଇ ବଙ୍କର ଗୁଣ୍ଡାକର ଜୀବାଣୁକୁ ଏତେ କାଳ ଧରି ଗର୍ଭରେ ରକ୍ଷାକରି ଆସିଛି, ରୂପ ଦେଉଛି । ଗୋକୁଳ ଅସ୍ଥିର ହୋଇ ଉଠିଲା । ଫୁଲ ତା' ହେଲେ ତା'ର ସନ୍ତାନର ମା' ହେବ ନାହିଁ ? ସେଥି ପାଇଁ ତ ସେ ଫୁଲର ସନ୍ତାନ ଚାହେଁ ନାହିଁ !

ଗୋକୁଳର ହଠାତ୍ ଚମକ ଭାଙ୍ଗିଲା । ଫୁଲ ସେପଟରୁ ତାକୁ ଧୀରେ ଧୀରେ ଡାକୁଛି । ଲଣ୍ଠଣଟା ହାତରେ ଧରି ଗୋକୁଳ ଉଠି ଆସିଲା । ବିଛଣା ଉପରେ ଫୁଲ ଛବି ଭଳି ନିଶ୍ଚଳ ହୋଇ ପଡ଼ିଛି । ଗୋକୁଳ ତା' ମୁହଁ ଉପରେ ନଇଁ ପଡ଼ି ପଚାରିଲା—"ମୋତେ ଡାକିଲୁ ?"

Digitized by srujanika@gmail.com

"ହଁ, ତୁମେ କଣ ଆଜି ଶୋଇବ ନାହିଁ ? ମୋ ଲାଗି ତୁମେ ବଡ଼ କଷ୍ଟ ପାଇଲ, ନା ?" ଟିକିଏ ଦମ୍ ନେଇ ଫୁଲ ପୁଣି କହିଲା—"ଆଜି ମୋର ଚିତ୍କାର ମୁଁ ନିଜେ ଶୁଣି ପାରୁଛି । ଅସହ୍ୟ କଷ୍ଟ, ବେଦନାରେ ତଳପେଟ ମୋର ଫାଟି ଯାଉଛି । କେଜାଣି ଆଜି ବୋଧହୁଏ ପିଲା ଜନ୍ମ ହେବ ! ଜନ୍ମ ହେଲାକ୍ଷଣି ତାକୁ ମାରି ପକାଅ । ବର୍ବର ସଇତାନର ପିଲାକୁ ଜୀବନରେ ରଖି ଦିଅ ନାହିଁ ।"

ଫୁଲ ନୀରବ ହେଲା । ଗୋକୁଳ ମଧ୍ୟ ନୀରବରେ ଭାବୁଥିଲା । କି ଦୁର୍ଯୋଗରେ ଷଡ଼େଇକଳା ଯେ ବିହାରରେ ମିଶିଲା—କାହିଁକି ବା ମିଶିଲା ଓଡ଼ିଶାରୁ ଆସି ? ଆଜି ପୁଣି ସେଇଠି ଶାନ୍ତି ଓ ଶାସନ ବଦଳରେ ଏ ବିଭତ୍ସ ଲୀଳା ବା ଚାଲିଲା କାହିଁକି ? ସେ ନିର୍ମମ ଲୋକ ଗୁଡାକ ଯେ କାହିଁକି ନିର୍ଦ୍ଦୋଷ ଫୁଲ ସାଙ୍ଗରେ ଏ ବର୍ବରତା କଲେ—ତା'ର ସର୍ବନାଶ କରି !

ଫୁଲ ଭାବୁଥିଲା, ଯଦି ସେଇ ପଲ୍ଟଣରୁ କେହି ତାକୁ ରାଜଖୁସିରେ ନେଇ ଯାଇ ବିବାହ କରିଥାନ୍ତା, ତା' ହେଲେ ମା' ହୋଇ ଏକ ନବଜାତ ଶିଶୁକୁ ମାରିବା ପାଇଁ ତାକୁ ଆଜ୍ଞା କହିବାକୁ ପଡ଼ନ୍ତା ନାହିଁ ।

ଗୋକୁଳ ଭାବୁଥିଲା,—ଯଦି ଜାରଜ ପିଲା ଜନ୍ମ ହୁଏ, ତା' ହେଲେ ଫୁଲକୁ ଛାଡ଼ି ଚାଲିଗଲେ ତ ହୁଅନ୍ତା ! ଷଡ଼େଇକଳା ସିନା ଫେରିବ ନାହିଁ, ମୟୂରଭଞ୍ଜକୁ ଯାଇ କୌଣସି ଏକ ଖଣ୍ଡାଏତ ଝିଅକୁ ବାହା ହୋଇ ତ ସେ ଫୁଲକୁ ଭୁଲି ପାରନ୍ତା !

ଫୁଲ ଭାବୁଥିଲା—ଯଦି ସତକୁ ସତ ଜାରଜ ପିଲା ଜନ୍ମ ହୁଏ, ତା' ହେଲେ ଗୋକୁଳ କ'ଣ ସତରେ ତାକୁ ଆଗଭଳି

Digitized by srujanika@gmail.com

ଭଲ ପାଇବ, ସ୍ନେହ କରିବ ? ଯଦି ଗୋକୁଳ ଦୁଃଖ ଓ ନିରାଶାରେ ତା କୁ ଛାଡି ଚାଲିଯାଏ, ଆଉ ଯିବାବେଳେ ସେଇ ପାପଟାକୁ ମାରି ନ ଯାଏ—ତା' ହେଲେ ଶିଶୁଟିକୁ ନେଇ ସେ କପରି ସମ୍ଭାଳିବ ! ଫୁଲର ଆଖି ଆଗରେ ଘନ ହୋଇ ଉଠେ ଗଭୀର ଅନ୍ଧକାର—ଆଉ ସେଇ ଅନ୍ଧକାର ଭିତରେ ଯେପରି ଶତ-ସହସ୍ର ସୋରିଷ ଫୁଲ ଫୁଟି ଉଠେ ।

ବାହାରେ ଶିଶିର ପଡୁଥିଲା । ଘର ଭିତରେ ମଇଳା ଲଣ୍ଠଣଟା ଜଳ ଜଳ କାଚଟାର ଗୋଟାଏ ପାଖରେ କାଳ ପଡ଼ିଗଲାଣି । ତଥାପି ଗୋକୁଳ ସେଇ ଲଣ୍ଠଣ ସାହାଯ୍ୟରେ ଘରଟାକୁ ଆଲୁଅ କରି ରଖିଛି । କୌଣସି ପ୍ରକାରେ ସେଇ ପାପ ସନ୍ତାନ ଯେପରି ଘର ଭିତରକୁ ପଶି ନ ଆସେ ।

ସତିଟା ଯାକ ସେଇ ଲଣ୍ଠଣଟା ଜଳୁଥିଲା । ଗୋକୁଳ ଫୁଲର ପିଠିକୁ ଲାଗି ସେଇ ବିଛଣା ଉପରେ ଶୋଇ ପଡ଼ିଥିଲା । ନିରାଶାର ଘୃଣା ତା'ର ଏକ ଗଭୀର ମମତାର ଅତଳ ଗହ୍ୱରରେ ବୁଡି ଯାଇଥିଲା ।

ପରଦିନ ଭୋର । କୃଶତନୁ ଫୁଲ ଗୋକୁଳ ଆଡ଼କୁ ବିଷଣ୍ଣ ଦୃଷ୍ଟିରେ ଚାହିଁ କହିଲା—"ଆଜ ଆଉ କୁଆଡ଼େ ବେଶି ଦୂରକୁ ଯିବନାହିଁ । ମୋର ଦେହଟା ଯେପରି ବାରେ ବାରେ ମୋଡ଼ିଦେଲା ପରି ଜଣାଯାଉଛି । କେଜାଣି, ଆଜ ଯଦି କିଛି ହୋଇଯାଏ ।"

"ଆଚ୍ଛା"—କହି ଗୋକୁଳ ତାର ଧନୁ ଆଉ ଶର ମୁଣାଟା ଧରି ଘର ଭିତରୁ ବାହାରି ଆସିଲା । ଏ ବର୍ଷ ଜଙ୍ଗଲରେ କୁହୁଡ଼ି

Digitized by srujanika@gmail.com

ଗୁଡ଼ାକ ବହୁତ ମିଳୁଛନ୍ତି । ଗୋକୁଳ ଆଜି ନିଶ୍ଚୟ ଗୋଟାଏ ମାରି ଆଣିବ । କେତେ ଦୂର ଯାଇ ଧନୁରେ ଗୁଣଟା ଚଢ଼ାଇ ପର ମୁହୂର୍ତ୍ତରେ ସେ ଜଡ଼ ସ୍ତୂପ ଭଳି ଗୋଟାଏ ଗଛ ଗୁଞ୍ଜିରେ ବସି ରହିଲା !

ଶୀକାର କଥା ଭୁଲିଯାଇ ଗୋକୁଳ ତା'ର ପ୍ରେମର ତଦନ୍ତ କରିବାକୁ ବସିଗଲା । ଫୁଲକୁ ପ୍ରଥମେ ସେ ଅତି ଭଲ ପାଉଥିଲା । ଏବେ ଆଉ ସେପରି ଭଲ ପାଉନାହିଁ । ଫୁଲ ସେଇ ବର୍ବର ଗୁଡ଼ାକର ଶିଶୁକୁ ଗର୍ଭରେ ଧରି ନ ଥିଲେ ତାରି ପ୍ରେମ ଅବିକଳ ଅବିଚଳ ରହିଥାନ୍ତା । କିନ୍ତୁ ଫୁଲ ଗର୍ଭବତୀ ହେଲାବୋଲି ଏଇ ଦୁର୍ଦ୍ଦିନରେ ତାକୁ ଏଇ ଦୂର ଦେଶରେ ଏକୁଟିଆ ଛାଡ଼ି ଚାଲିଯିବା କଣ ଶୋଭା ପାଇବ ? ମନୁଷ୍ୟତ୍ୱ ବୋଲି ତ ଦୁନିଆରେ କିଛି ରହିଛି !

ଗୋକୁଳର ଚିନ୍ତା ସ୍ରୋତର ଗତି ପୁଣି ବଦଳିଗଲା । ଆଚ୍ଛା, ଯଦି ଔଷଧ ଦେଇ ଏକା ସାଙ୍ଗରେ ଫୁଲ ଆଉ ତାରି ପାପଗର୍ଭକୁ ଶେଷକରି ଦିଆଯାଏ—ତାହେଲେ ତ ମୂଳରୁ ସବୁ କଥା ସଫା ହୋଇ ଯାଆନ୍ତା ! କିନ୍ତୁ,—ଗୋକୁଳ ମୁଣ୍ଡ ହଲାଇଲା । ମଣିଷ ମାରି ସେ ରହିବ କେଉଁଠି ? ତା'ପରେ ଏଇ ଫୁଲ, ଦୁର୍ଦ୍ଦିନର ଏକ କାଳରାତିରେ ଯିଏ ତାର ସହଯାତ୍ରିଣୀ ହୋଇଥିଲା—ଅଚଳ ବିଶ୍ୱାସରେ !

ଗୋକୁଳ ଯେପରି ଚିନ୍ତାର ଅଥଳ ଜଳରେ ପଡ଼ିଲା । ସେ ନିଜେ ହଠାତ୍ ଏକ ଅପରିସୀମ ଗ୍ଲାନି ଓ ଲଜ୍ଜାରେ ଝାଉଁଳି ପଡ଼ିଲା । ଦୁର୍ଦ୍ଧର୍ଷ ଖଣ୍ଡାୟତ ପିଲା ବୋଲିସିନା ସେ ଏଡ଼େ ନିଦାରୁଣ କଥା କଳ୍ପନା କରି ପାରିଲା । କିନ୍ତୁ ଫୁଲର ଦୋଷ କଣ ? ସେ ବିଦୃଷୀ ତ

Digitized by srujanika@gmail.com

ସଂପୂର୍ଣ୍ଣ ନିର୍ଦ୍ଦୋଷ । କି ସୁନ୍ଦର, ସରଳ ମୁହଁ ଖଣ୍ଡିକ ତାର ! ଗୁଣ୍ଡାର ପିଲାକୁ ତ ସେ ଇଚ୍ଛା କରି ଜନ୍ମ ଦେଉନାହିଁ !

ଧନୁରୁ ଗୁଣଟା ଖୋଲି ତୀର ମୁଣାଟା କାନ୍ଧରେ ପକାଇ ଗୋକୁଳ ଉଠିଲା । ନା, ଆଜି ଆଉ ତାର କୁଞ୍ଚୁଲ ଶୀକାର ହେବନାହିଁ । ଘରକୁ ଫେରିଆସି ଦେଖିଲା, ଫୁଲ ଯନ୍ତ୍ରଣାରେ ଛଟପଟ ହେଉଛି । ଗୋକୁଳର କାହିଁକି ଭାରି ମାୟା ହେଲା । ସେ ବିଛଣା କଡ଼ରେ ବସିପଡ଼ି କହିଲା—"ଧାଇ ଡାକି ଆଣିବି ?"

ଫୁଲ କହିଲା—"ନା, ଦରକାର ନାହିଁ ।"

ଗୋକୁଳ ଯେପରି ମୁକ୍ତିପାଇ ବଞ୍ଚିଗଲା । ଧାଇ ଆସି ଗୋଟିଏ ଶିଶୁର ଜନ୍ମ କାହାଣୀର ଯେ ସାକ୍ଷୀ ହୋଇଯାଆନ୍ତା, ସେ ବିପଦଟାତ କଟିଗଲା !

ଯନ୍ତ୍ରଣା କେତେବେଳେ ବଢ଼ୁଛି, କେତେବେଳେ କମୁଛି । ବିନଟାଯାକ ଉତ୍କଣ୍ଠା ଭିତରେ ବିତିଗଲା । ଗୋକୁଳର ମନରେ ଆଦୌ ସ୍ୱସ୍ତି ନାହିଁ । କେତେବେଳେ ଯଦି ହୋଇଯାଏ ! ଗୋଟିଏ କୁତ୍ସିତ ମାଂସପିଣ୍ଡ ଯଦି ମାଟି ଉପରେ ପଡ଼ି ପାପରକ୍ତର ବିଜୟ ଘୋଷଣା କରେ, ତା'ହେଲେ ଗୋକୁଳ କଣ କରିବ ? ପ୍ରସବଟାକୁ କଣ କୌଣସି ପ୍ରକାରେ ବନ୍ଦ କରିହେବ ନାହିଁ !

ଫୁଲର ପାଣ୍ଡୁର ମୁହଁ ଖଣ୍ଡିକ ଉପରେ ଅପରିସୀମ ବିଷଣ୍ଣତା—ଆଗନ୍ତୁକ ନବଜାତ ଶିଶୁ ଅପେକ୍ଷା ଗୋକୁଳକୁ ନେଇ ତାର ବିଷମ ଚିନ୍ତା !

ଆଜି ରାତିରେ ଗୋକୁଳ ଲଣ୍ଠଣ କାଚଟାକୁ ପୋଛିପୋଛି କରି ଜାଳି ଆଲୁଅଟାକୁ ଟିକିଏ କମେଇ ରଖିଛି । ଯେପରି ସେ

Digitized by srujanika@gmail.com

ଅନ୍ଧକାର ଭିତରେ ଶିଶୁର ଆଗମନକୁ ପ୍ରତୀକ୍ଷା କରୁଛୁ । ଉଜ୍ଜଳ ଆଲୁଅ ଶିଶୁର ଜନ୍ମକୁ ବିଦ୍ରୂପ କରି ଲଜ୍ଜା ଦେବ କାହିଁକି ?

ଗୋଟିଏ ମାଞ୍ଚିଆ ଉପରେ ବସି ଗୋକୁଳ ପହରା ଦେଇ ଦେଇ ହଠାତ୍ ଶୋଇ ପଡ଼ିଥିଲା । ତନ୍ଦ୍ରା ତା'ର ଭାଙ୍ଗିଗଲା, ଫୁଲର କାତର ଡାକରେ ।

ସେତେବେଳେ ଅଧରାତି ପାରେଇ ଯାଇଛି । ଫୁଲ କ୍ଷୀଣ କଣ୍ଠରେ ଡାକୁଥିଲା ଗୋକୁଳକୁ । ଗୋକୁଳ ଆଖି ମଳି ଉଠି ଠିଆହେଲା ।

ଫୁଲ ଦୁର୍ବଳ ସ୍ୱରରେ କହିଲା,—"ଆଲୁଅଟା ଟିକିଏ ପାଖକୁ ନେଇଆସ ।" ଲଣ୍ଠଣଟା ହାତରେ ଧରି ଗୋକୁଳ ଶଙ୍କିତ ପଦରେ ବିଛଣା ପାଖକୁ ପାଦେ ପାଦେ ଆଗେଇ ଯାଇ ଦେଖିଲା, ବିଛଣାଟା ଯାକ ରକ୍ତରେ ଭର୍ତ୍ତି ।

ଫୁଲ ହତାଶ ହୋଇ କହିଲା,—"ହୋଇ ଯାଇଛି । ତୁମକୁ ଜାଣିଶୁଣି ଉଠେଇଲି ନାହିଁ ।" ତା'ର ସ୍ୱରରେ ଯେପରି ହୃଦୟର ବନ୍ଧ ଭାଙ୍ଗି ପଡ଼ୁଥିଲା ।

ଗୋକୁଳ ଲଣ୍ଠଣଟା ଟେକି ଧରି ତୀକ୍ଷ୍ଣ ଦୃଷ୍ଟି ମେଲି ଦେଖିଲା, ତାରି ପରି ଗୋରା ତକ୍‌ତକ୍ ଗୋଟିଏ ହୃଷ୍ଟପୁଷ୍ଟ ଶିଶୁଶରୀର ବିଛଣା ଉପରେ ପଡ଼ି ହାତଗୋଡ଼ ହଲାଉଛି । ନା, ତା'ର ଆଖିତ ଭୁଲ ଦେଖୁନାହିଁ ! ସେ ଚିତ୍କାର କରି ଉଠିଲା—"ଫୁଲ, ଏ ଯେ ମୋର ପିଲାରେ, ମୋର !" ଗୋକୁଳ ଏକ ଉତ୍ତେଜିତ ଆନନ୍ଦରେ ନାଚି ଉଠିଲା ।

ଫୁଲ ବିଛଣାରୁ ଉଠି ବସିବାକୁ ଚେଷ୍ଟାକଲା । ଅଦମନୀୟ ଉତ୍ତେଜନାରେ କହିଲା—"କାହିଁ, ଦେଖେ—ଦେଖେ !"

Digitized by srujanika@gmail.com

ଫୁଲ ବନ୍ଧାରିତ ଆଖିରେ ଦେଖିଲା,—କଳା ମସ୍‌ମସ୍ ନୁହେଁ କି ହାଡ଼ମାଳ ନୁହେଁ, ମାଂସପିଣ୍ଡ ବି ନୁହେଁ,—ଗୋଟିଏ ପରିପୂର୍ଣ୍ଣ ସାର୍ଥକ ସୁନ୍ଦର ନବଜାତ ଶିଶୁ—ସଂପୂର୍ଣ୍ଣ ତା'ର ଓ ଗୋକୁଳର ! ଅସୀମ ବ୍ୟଥା ଓ ଯନ୍ତ୍ରଣା ଭିତରେ ବି ଫୁଲର ଅଧର ଉପରେ ଏକ ଉଜ୍ଜ୍ୱଳ ହାସ୍ୟର ରେଖା ଖେଳି ଉଠିଲା ।

ବ୍ରହ୍ମପୁର (ମଧ୍ୟଭାରତ)
୧୯୫୪

Digitized by srujanika@gmail.com